ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଶନିବାର, ନଭେମ୍ବର ୨୫/୨୦୨୩ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, November 25/2023 Page 20 ₹ 7.00 | BALASORE
୫୦ଶ ଭାଗ ୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 2 ମୂଲ୍ୟ₹୭/-




OMC
ODISHA
NEW OPPORTUNITIES
Mining Happiness
Not Just Mining Minerals...
MINING HAPPINESS
Odisha_mining
OmcOdisha

ଧରିତ୍ରୀ DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଶନିବାର, ନଭେମ୍ବର ୨୫/୨୦୨୩
Bhubaneswar, Saturday, November 25/2023

DSPL-411

Government of Odisha | ODISHA NEW OPPORTUNITIES | 5T | ଆମ ଓଡ଼ିଶା ନବୀନ ଓଡ଼ିଶା

# ODISHA'S INDUSTRIAL JUGGERNAUT PROPELLED FORWARD BY THE ABLE & STABLE LEADERSHIP OF SHRI NAVEEN PATNAIK



THE 33RD HIGH LEVEL CLEARANCE AUTHORITY APPROVED

₹85,000 CRORES INVESTMENT

42,281 JOB OPPORTUNITIES

12 MEGA PROJECTS

"With implementation of our '5T' framework, Odisha has become the investment destination of choice for the investor community.

We welcome you to join our journey of industrial growth."

(Naveen Patnaik)
Chief Minister, Odisha

Welspun Group
ReNew E-Fuels
Sembcorp
Tata Steel
NTPC
BMW Industries
Aegis Vopak
Orissa Metallurgical Industry
Ind Barath

NURTURING INDUSTRIES CREATING EMPLOYMENT

**IPICOL,**
**Industries Department**

**For more information, please contact:**
Mr. Kalyan Charan Mohanty,
Executive Director, IPICOL
Mobile: +91 94372 29029
Email: kalyancmohanty@investodisha.org

COME. JOIN THE JUGGERNAUT.

OIPR-14005/13/0029/2324

ScarecrowM&CSaatchi/2023/Nov

E-mail us at: info@investodisha.org | Toll Free Number: 1800 345 7111
For further information please visit http://www.investodisha.gov.in/

Follow us on @investInOdisha /InvestOdisha

**ଓସିଏସ୍ ପ୍ରିଲିମିନାରି ପରୀକ୍ଷାଫଳ ପ୍ରକାଶିତ: ୮୨୨୦ ଜଣ କୃତକାର୍ଯ୍ୟ**

କଟକ,(ସୁପ୍ରିୟା ପ୍ରିୟଦର୍ଶିନୀ): ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍)-୨୦୨୨ ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଏହି ପରୀକ୍ଷାରେ ୮୨୨୦ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଏମାନେ ଓସିଏସ୍‌ର ମୁଖ୍ୟ ଲିଖିତ ପରୀକ୍ଷା ଦେବେ। ଆସନ୍ତା ଫେବୃଆରୀରେ ଏହି ପରୀକ୍ଷା ଅନୁଷ୍ଠିତ ହେବ ବୋଲି ଓପିଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁଠ ନିରିମଳ, ପାଣି ଗଙ୍ଗାଜଳ,**
**ମୁଗୁନି ପଥର ପଡ଼ିଛି;**
**କେତେ ଘଷି ମାଜି ହଉ ଲୋ ସୁନ୍ଦରୀ,**
**ତୋ ପାଇଁ ନାଗର ଝୁରୁଛି।**

ଝିଅ ଯଦି ସୁନ୍ଦରୀ ବୋଲି ବେଶି ଫୁଲେଇହୁଏ, ତା' ସୁନ୍ଦରତା ପ୍ରତି ସାଙ୍ଗସାଥୀ ମହଲରେ ଅଧିକ ଚର୍ଚ୍ଚାର ବିଷୟ ହୋଇଯାଏ। ଥଟ୍ଟା ପରିହାସରେ ଦେଖେଇ ଶିଖେଇ ଅନେକ ଅକୁହା କଥା କୁହାଯାଉଥିବାର ଜଣାଯାଇଥାଏ। ସ୍ନାନରତା ଯୁବତୀର ରୂପ ଲାବଣ୍ୟକୁ ଚିକ୍କଣ କରି ରଖିବାର ମାନ ପ୍ରତି ଅନ୍ୟ ଜଣେ ଯୁବତୀର ଟାହିଟାପରା ପ୍ରକାଶ ପାଇବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତେଲି ଦେଖି କେଉଁଭେ**
**ନ ଯିବୁ ପେଲି।**

କୌଣସି ସ୍ଥାନକୁ ଅନୁକୂଳ କରି ଯିବାବେଳେ ତେଲ ବୋଝ ଦେଖିଲେ ଯାତ୍ରା ଅଶୁଭ ହୋଇଥାଏ। ତେଣୁ ଏପରିସ୍ଥଳେ ବାହାରକୁ ନ ଯିବା ଲାଗି ଏଠାରେ ପରାମର୍ଶ ଦିଆଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଏନ୍‌ଏସ୍‌ଟିଆଇ ପ୍ଲସ୍‌ର ଶିଳାନ୍ୟାସ କଲେ ଧର୍ମେନ୍ଦ୍ର



ଖୋର୍ଦ୍ଧା ଜିଲାର ଜଟଣୀ ପଦନପୁରଠାରେ ଶୁକ୍ରବାର ଏନ୍‌ଏସ୍‌ଟିଆଇ ପ୍ଲସ୍ ଭୁବନେଶ୍ୱରର ଭୂମିପୂଜନ ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର,୨୪।୧୧**

ଭାରତ ସରକାରଙ୍କ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ପକ୍ଷରୁ ଖୋର୍ଦ୍ଧା ଜିଲାର ଜଟଣୀ ପଦନପୁରଠାରେ ଏକ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ନ୍ୟାଶନାଲ ସ୍କିଲ୍ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ (ଏନ୍‌ଏସ୍‌ଟିଆଇ ପ୍ଲସ୍) ଭୁବନେଶ୍ୱରର ଶିଳାନ୍ୟାସ ଶୁକ୍ରବାର ଆନୁଷ୍ଠାନିକ ଭାବେ ହୋଇଯାଇଛି। ଏହି ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରି କହିଥିଲେ, ପରିଶ୍ରମୀ ଓ ବୁଦ୍ଧିମତ୍ତା ଓଡ଼ିଆ ପିଲାଙ୍କ ଦକ୍ଷତାକୁ ଉପଯୋଗକରି ଆମେ ବିଶ୍ୱର ନେତୃତ୍ୱ ନେବା ସହିତ ଭାଷାଭିତ୍ତିରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ବର୍ଷ ପୂରଣ କରୁଥିବା ବେଳେ ୨୦୩୬ ସୁଦ୍ଧା ଆମର ଯୁବସମାଜ ରୋଜଗାର କରିବା ନୁହେଁ, ରୋଜଗାର ଦେବାର ସଂକଳ୍ପନା କରିବା ଉଚିତ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସେହିଭଳି ଧର୍ମେନ୍ଦ୍ର କହିଛନ୍ତି, ଭାରତ ସରକାରଙ୍କ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ପକ୍ଷରୁ ପ୍ରାୟ ୮ ଏକର ପରିମିତ ଜମିରେ ୯୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦରେ ଏହି କ୍ୟାମ୍ପସ ପ୍ରତିଷ୍ଠା କରାଯାଉଛି। ଭାରତ ସରକାରଙ୍କ ଶିକ୍ଷାନୁଷ୍ଠାନଗୁଡିକ ସମେତ ଓଡ଼ିଶାରେ ମୋଟ ୫୨୪ଟି ଆଇଟିଆଇରେ ଛାତ୍ରୀଛାତ୍ରମାନେ ପଢୁଛନ୍ତି। ବିଶେଷକରି ଆଇଟିଆଇର ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସର୍ବଭାରତୀୟସ୍ତରର ଅତ୍ୟାଧୁନିକ ତାଲିମ ଦେବା ପାଇଁ ଏନ୍‌ଏସ୍‌ଟିଆଇ ପ୍ଲସ୍ ସହଯୋଗ କରିବ। ଏପରିକି ଏଠାରେ ଭାରତ ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଆଇଟିଆଇ ମଧ୍ୟ କାର୍ଯ୍ୟକ୍ଷମ ହେବ। ଅପରପକ୍ଷରେ ପ୍ରଧାନ କହିଛନ୍ତି, ବର୍ତ୍ତମାନ ସମୟରେ ଚାକିରି କରିବା ନୁହେଁ ବରଂ ଚାକିରି ଦେବା ନୂଆ ପିଲାମାନଙ୍କର ମିଜାଜ୍ ହେବା ସହ ନୂଆ କୋଣାର୍କ ଭଳି ସ୍ଥପତି ନିର୍ମାଣ କରିବା ଦରକାର।

# ଆଜିଠୁ ରାୟଗଡ଼ାରେ ଲକ୍ଷ୍ମୀ ବସ୍ ସେବା ଆରମ୍ଭ

**ମୁଖ୍ୟମନ୍ତ୍ରୀ କରିବେ ଉଦ୍‌ଘାଟନ**

**ରାୟଗଡ଼ା,୨୪।୧୧ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲାରେ ୨୫ ତାରିଖରୁ ଆରମ୍ଭ ହେବ ଲକ୍ଷ୍ମୀ ବସ୍ ସେବା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସରେ ବସ୍ ସେବା ଉଦ୍‌ଘାଟନ କରିବେ। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଏବଂ ବିଭାଗୀୟ ସଚିବ ଉଷା ପାଢ଼ୀ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହେବେ ବୋଲି ସୂଚନା ମିଳିଛି। ରାୟଗଡ଼ାସ୍ଥିତ ଜିସିଡି ପଡ଼ିଆରେ ଏକ ଭବ୍ୟ କାର୍ଯ୍ୟକ୍ରମ ପାଇଁ ସମସ୍ତ ପ୍ରସ୍ତୁତି ପର୍ବ ଶେଷ ହୋଇଛି। ଜିଲାର ବିଭିନ୍ନ ସ୍ଥାନରୁ ୫ ହଜାର ଲୋକ ଏହି ଉଦ୍‌ଘାଟନ ସମାରୋହରେ ଯୋଗଦେବେ। ଏଥିପାଇଁ ଶୁକ୍ରବାର ଜିଲାପାଳ ସ୍ୱାଧାଦେବ ସିଂ ଏବଂ ପରିବହନ ବିଭାଗର ସ୍ୱତନ୍ତ୍ର ସଚିବ ଲକ୍ଷ୍ମୀକାନ୍ତ ବେହେରା ଜିସିଡି ପଡ଼ିଆ ବୁଲି ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ତାଙ୍କ ସହ ଅତିରିକ୍ତ ଜିଲାପାଳ ଭାସ୍କର ରୟତ, ମୁଖ୍ୟ ଉନ୍ନୟନ ଅଧିକାରୀ ନିହାର ରଞ୍ଜନ କହଁର, ଆଞ୍ଚଳିକ ପରିବହନ ଅଧିକାରୀ ଶିବପ୍ରସାଦ ଚୌଧୁରୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲାରେ ୫୨ଟି ବସ୍ ଚଳାଚଳ କରିବା ଯୋଜନା ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୪୦ଟି ବସ୍ ଚଳାଚଳ କରିବ। ୧୩୦ଟି ପଞ୍ଚାୟତ ଏହି ୪୦ଟି ବସ୍ ସେବା ପ୍ରଦାନ କରିବ। ଏହାଦ୍ୱାରା ଲୋକଙ୍କ ଗମନାଗମନ ପାଇଁ ସୁବିଧା ହେବ ବୋଲି ଜିଲାପାଳ କହିଛନ୍ତି।

# ମାଣ୍ଡିଆଢ଼ିପ ନଦୀଗର୍ଭ ଜଳାଶୟ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

**ଭୁବନେଶ୍ୱର,୨୪।୧୧ (ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରଗଡ଼ ଜିଲାର ଅଙ୍ଗ ନଦୀରେ ମାଣ୍ଡିଆଢ଼ିପ ନଦୀଗର୍ଭ ଜଳାଶୟ (ଇନଷ୍ଟ୍ରିମ୍ ଷ୍ଟୋରେଜ ଷ୍ଟ୍ରକ୍ଚର) ପ୍ରକଳ୍ପକୁ ଶୁକ୍ରବାର ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ୧୦୪ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହାଦ୍ୱାରା ବରଗଡ଼ ଜିଲାର ଝାରବନ୍ଧ ଓ ପାଇକମାଳ ବ୍ଲକର ଜନସାଧାରଣ ଉପକୃତ ହେବେ। ଭୂତଳ ଜଳ ସ୍ତର ବୃଦ୍ଧି ହେବା ସହିତ ପାନୀୟ ଜଳ ପ୍ରକଳ୍ପ, ମାଛଚାଷ, ପ୍ରାଣୀପାଳନ ଆଦି କ୍ଷେତ୍ରରେ ଏହା ବିଶେଷ ସହାୟକ ହେବ। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ବରଗଡ଼ ଜିଲା ଗସ୍ତ କରିଥିଲେ ଏବଂ ଜନସାଧାରଣଙ୍କଠାରୁ ବିଭିନ୍ନ ପ୍ରକଳ୍ପ ପାଇଁ ପ୍ରସ୍ତାବ ଗ୍ରହଣ କରିଥିଲେ। ଲୋକଙ୍କ ପ୍ରସ୍ତାବ ଅନୁଯାୟୀ ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି।

**ଆଦିବାସୀ ଜମି ଅଣ ଆଦିବାସୀଙ୍କୁ ହସ୍ତାନ୍ତର ପ୍ରସଙ୍ଗ**

# ଅଧିକ ତର୍ଜମା ପାଇଁ ଟିଏସିକୁ ଗଲା

**ଭୁବନେଶ୍ୱର,୨୪।୧୧(ଅନିଲ ଦାସ)**

ଅଣଆଦିବାସୀଙ୍କୁ ଆଦିବାସୀ ଜମି ହସ୍ତାନ୍ତର ନିଷ୍ପତ୍ତି ବିରୋଧରେ ବିଧାନସଭାରେ ବିରୋଧୀ ଦଳଙ୍କ ପ୍ରବଳ ବିରୋଧ ପରେ ରାଜ୍ୟ ସରକାର ନରମିଛନ୍ତି। ନଭେମ୍ବର ୧୪ରେ ଅନୁଷ୍ଠିତ କ୍ୟାବିନେଟରେ ଗୃହୀତ ଏହି ପ୍ରସ୍ତାବକୁ ଅଧିକ ତର୍ଜମା କରିବା ପାଇଁ ସରକାର ଆଦିବାସୀ ଉପଦେଷ୍ଟା କମିଟି(ଟିଏସି)କୁ ପଠାଇଛନ୍ତି। ଶୁକ୍ରବାର ବିଧାନସଭାରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏ ନେଇ ସୂଚନା ଦେଇଛନ୍ତି। ଲୋକସେବା ଭବନରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ମୋଟ ୩ଟି ପ୍ରସ୍ତାବ ଉପରେ କ୍ୟାବିନେଟ ମୋହର ଲାଗିଛି। ବିଧାନସଭା ଚାଲିଥିବାରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଗୃହରେ କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ କହିଛନ୍ତି ଯେ ଅନୁସୂଚିତ ଜନଜାତିଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟରେ ଅନୁସୂଚିତ ଅଞ୍ଚଳରେ ରେଗୁଲେଶନ-୨, ୧୯୫୬ ଆଇନ ପ୍ରଚଳନ ହୋଇ ଆସୁଥିଲା। ୨୦୦୨ରେ ଏହି ଆଇନରେ କେତେକ ସଂଶୋଧନ ଫଳରେ ଜଣେ ଅନୁସୂଚିତ ଜନଜାତି ବର୍ଗର ବ୍ୟକ୍ତି ତା'ର ସ୍ଥାବର ସମ୍ପତ୍ତି କେବଳ ସେହି ବର୍ଗର ବ୍ୟକ୍ତିଙ୍କୁ ହିଁ ହସ୍ତାନ୍ତର କରିପାରିବା ନେଇ ନିଷ୍ପତ୍ତି ହେଲା। ଏହି ଆଇନ ଅନୁଯାୟୀ ଜଣେ ଅନୁସୂଚିତ ଜନଜାତି ବର୍ଗର ବ୍ୟକ୍ତି କେବଳ କୃଷି ଉଦ୍ଦେଶ୍ୟରେ ଜମିକୁ ଯେକୌଣସି ସର୍ବସାଧାରଣ ଅର୍ଥକରି ସଂସ୍ଥାରେ ବନ୍ଧକ ରଖିପାରିବେ। ଆଇନରେ ଏପରି ବ୍ୟବସ୍ଥା ଦ୍ୱାରା ଅନୁସୂଚିତ ଜନଜାତି ବର୍ଗର ଶିକ୍ଷିତ ଯୁବକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହି ଅସୁବିଧାକୁ ହୃଦୟଙ୍ଗମ କରି ଅନୁସୂଚିତ ଜନଜାତି ପରାମର୍ଶଦାତା ପରିଷଦର ସୁପାରିସକୁ ଭିତ୍ତିକରି ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ଏହି ଆଇନରେ କେତେକ ସଂଶୋଧନ କରିବାକୁ ପୂର୍ବ କ୍ୟାବିନେଟରେ ପ୍ରସ୍ତାବ ପାରିତ ହୋଇଥିଲା। ଫଳରେ ଜଣେ ଅନୁସୂଚିତ ଜନଜାତି ବର୍ଗର ବ୍ୟକ୍ତି ଉପଜିଲାପାଳଙ୍କଠାରୁ ଲିଖିତ ଅନୁମତି କ୍ରମେ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଉପହାର କରିପାରିବେ ଅଥବା କୃଷି, ଆବାସିକ ଗୃହ ନିର୍ମାଣ, ପିଲାମାନଙ୍କର ଉଚ୍ଚଶିକ୍ଷା, ଆତ୍ମନିଯୁକ୍ତି, ବ୍ୟବସାୟ କିମ୍ବା କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା ନିମନ୍ତେ ସର୍ବସାଧାରଣ ଅର୍ଥକରି ସଂସ୍ଥାରେ ବନ୍ଧକ ରଖି ଋଣ ଆହରଣ କରିବା ସହ ଜଣେ ଅଣ-ଅନୁସୂଚିତ ଜନଜାତି ବ୍ୟକ୍ତିଙ୍କୁ ସମ୍ପତ୍ତି ହସ୍ତାନ୍ତର କରିପାରିବା ନେଇ ନିଷ୍ପତ୍ତି ହୋଇଥିଲା। ସମ୍ପୃକ୍ତ ବ୍ୟକ୍ତି ଯେପରି ଭୂମିହୀନ ବା ଗୃହଶୂନ୍ୟ ନ ହୁଏ, ସେଥିପ୍ରତି ଯଥେଷ୍ଟ ଧ୍ୟାନ ଦିଆଯିବ ଏବଂ ଉପଜିଲାପାଳ ଅନୁମତି ନ ଦେଲେ ଜିଲାପାଳଙ୍କୁ ୬ ମାସ ମଧ୍ୟରେ ଆବେଦନ କରିପାରିବେ। ମାତ୍ର ଏବେ ଏହି ନିଷ୍ପତ୍ତିର ପୁନର୍ବିଚାର କରିବା ପାଇଁ ଆଦିବାସୀ ଉପଦେଷ୍ଟା କମିଟିକୁ ପଠାଯାଇଛି ବୋଲି ପୂଜାରୀ କହିଛନ୍ତି। ସେହିପରି ଓଡ଼ିଶା ଷ୍ଟେଟ୍ ୱାର୍କଫ୍ଲୋ ଅଟୋମେଶନ ସିଷ୍ଟମ୍‌ର ଉନ୍ନତୀକରଣକୁ କ୍ୟାବିନେଟ ଅନୁମୋଦନ ମିଳିଛି। ସମଗ୍ର ଦେଶରେ ଡିଜିଟାଲ ୱାର୍କଫ୍ଲୋ ସିଷ୍ଟମ୍‌ର ଅନ୍ୟତମ ଶ୍ରେଷ୍ଠ ବ୍ୟବସ୍ଥା ଭାବରେ ଓସ୍ୱାସର ସ୍ୱତନ୍ତ୍ର ଖ୍ୟାତି ରହିଛି। ଏହି ଉନ୍ନତୀକରଣ ପଦକ୍ଷେପ ୫-ଟି ଢାଞ୍ଚାରେ ଶାସନର ଦକ୍ଷତା ସ୍ତରକୁ ଆହୁରି ଉଚ୍ଚତର ସୋପାନକୁ ନେବା ସହିତ ନାଗରିକ ଅନୁକୂଳ ସ୍ୱଚ୍ଛ ବ୍ୟବସ୍ଥାକୁ ସୁନିଶ୍ଚିତ କରିବ। ସେହିପରି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ୧୯୬୨ରେ ପ୍ରତିଷ୍ଠା ହୋଇଥିଲା। ବିଶ୍ୱବିଦ୍ୟାଳୟର ଅଧିକାଂଶ ଭିତ୍ତିଭୂମି ୫ ଦଶନ୍ଧିରୁ ଅଧିକ ହୋଇଥିବାରୁ ଏହାର ଜରୁରୀ ମରାମତି, ନବୀକରଣ ଓ ପୁନଃନିର୍ମାଣ ପାଇଁ ୫ ବର୍ଷ (୨୦୨୩-୨୪ରୁ ୨୦୨୭-୨୮) ପାଇଁ କ୍ୟାବିନେଟ ୪୯୧.୪୧ କୋଟି ଟଙ୍କା ମଞ୍ଜୁର କରିଛି।

**କ୍ୟାବିନେଟ ନିଷ୍ପତ୍ତି**
- **ଓୟୁଏଟି କୋଠା ମରାମତି ପାଇଁ ୫୦୦ କୋଟି ଅନୁମୋଦନ**
- **୩ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ**



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୨୬ ଦିନ ପୂର୍ବରୁ ଶେଷ ହେଲା ବିଧାନସଭା

**ଭୁବନେଶ୍ୱର,୨୪।୧୧(ଅନିଲ ଦାସ)**

ବିଧାନସଭାର ଶୀତକାଳୀନ ଅଧିବେଶନ ଶୁକ୍ରବାର ୨୬ ଦିନ ପୂର୍ବରୁ ଶେଷ ହୋଇଛି। ନଭେମ୍ବର ୨୧ରୁ ଆରମ୍ଭ ହୋଇଥିବା ଏହି ଅଧିବେଶନ ମାତ୍ର ୪ ଦିନ ପରେ ଅନିର୍ଦ୍ଦିଷ୍ଟ କାଳ ଲାଗି ମୁଲତବୀ ଘୋଷଣା କରାଯାଇଛି। ଗୃହରେ ବିଶେଷ କିଛି କାର୍ଯ୍ୟ ନ ଥିବା ଦର୍ଶାଇ ଶୀତ ଅଧିବେଶନକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ରଖିବାକୁ ଶାସକ ଦଳ ପ୍ରସ୍ତାବ ଦେଇଥିଲା। ଏହାକୁ ବାଚସ୍ପତି ଗ୍ରହଣ କରିଥିଲେ। ଅନ୍ୟପକ୍ଷରେ ବିରୋଧୀ ଦଳଙ୍କ ସହ ବିଚାରବିମର୍ଶ ନ କରି ଶାସକ ଦଳ ଏକତରଫା ଭାବେ ଗୃହକୁ ବନ୍ଦ କରିଦେଇଛି ବୋଲି ବିରୋଧୀ ସଦସ୍ୟମାନେ ଅଭିଯୋଗ କରିଛନ୍ତି। ଅଧିବେଶନର ୪ଟି କାର୍ଯ୍ୟ ଦିବସ ମଧ୍ୟରେ ୩ଟି ସରକାରୀ ଓ ଗୋଟିଏ ବେସରକାରୀ କାର୍ଯ୍ୟ ଦିବସ ଥିଲା। ବିଧାନସଭା କାର୍ଯ୍ୟସୂଚୀ ଅନୁଯାୟୀ, ଅଧିବେଶନ ଡିସେମ୍ବର ୩୦ ଯାଏ ଚାଲିବାକୁ ଥିଲା। ଏଥିରେ ୩୦ କାର୍ଯ୍ୟ ଦିବସ ରହିଥିବା ବେଳେ ଏହାକୁ ଆଗୁଆ ବନ୍ଦକରି ଦିଆଯାଇଛି। ଏହି ଅଧିବେଶନରେ ୪ଟି ତାରକା, ୪୧୯ ଅଣତାରକା ପ୍ରଶ୍ନୋତ୍ତର ଗୃହରେ ଆଲୋଚନା ହୋଇଥିଲା। ସେହିପରି ଏହି ଅଧିବେଶନରେ ୧୭ଟି ବାର୍ଷିକ ରିପୋର୍ଟ, ୫୪ ପେପର, ଗୋଟିଏ ଷ୍ଟାଣ୍ଡିଂ କମିଟି ରିପୋର୍ଟ ଏବଂ ଗୋଟିଏ ବିଲ୍ ଗୃହରେ ଉପସ୍ଥାପନ କରାଯାଇଥିଲା।

ଚଳିତ ଅଧିବେଶନର ପ୍ରଥମ ଦିବସରେ ଉପବାଚସ୍ପତି ନିର୍ବାଚନ ହେବା ସହ ସ୍ୱର୍ଗତ ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଗୃହରେ ଶୋକ ପ୍ରସ୍ତାବ ପାରିତ ହୋଇଥିଲା। ଦ୍ୱିତୀୟ ଦିବସରେ ଆଦିବାସୀଙ୍କ ଜମି ଅଣଆଦିବାସୀଙ୍କୁ ହସ୍ତାନ୍ତର ପ୍ରସଙ୍ଗରେ ଉଭୟ ବିରୋଧୀ କଂଗ୍ରେସ ଓ ଭାଜପା ସଦସ୍ୟମାନେ ପ୍ରବଳ ହଟ୍ଟଗୋଳ କରିବାରୁ ଗୃହରେ କୌଣସି କାର୍ଯ୍ୟକ୍ରମ ହୋଇପାରି ନ ଥିଲା। ତୃତୀୟ ଦିବସରେ ପ୍ରଥମାର୍ଦ୍ଧ ଗୃହ କାର୍ଯ୍ୟ ଅଚଳ ହୋଇଥିଲେ ମଧ୍ୟ ଦ୍ୱିତୀୟାର୍ଦ୍ଧରେ ସ୍ୱାଭାବିକ ହୋଇଥିଲା। ଗୃହରେ ବିରୋଧୀ ସଦସ୍ୟମାନେ ଆଦିବାସୀ ଜମି ହସ୍ତାନ୍ତର ପ୍ରସଙ୍ଗକୁ ନେଇ ନିଜର ମତ ଉପସ୍ଥାପନ କରିବା ସହ ତୁରନ୍ତ କ୍ୟାବିନେଟ ନିଷ୍ପତ୍ତି ପ୍ରତ୍ୟାହାର ଦାବି କରିଥିଲେ। ଚଳିତ ଅଧିବେଶନରେ ଓଡ଼ିଶା ଭୂସଂସ୍କାର (ଦ୍ୱିତୀୟ ସଂଶୋଧନ) ବିଲ୍-୨୦୨୩ ଉପରେ ଆଲୋଚନା ହୋଇ ପାରିତ ହୋଇଥିଲା। ଶୁକ୍ରବାର ପୂର୍ବାହ୍ନରେ ଗୃହକାର୍ଯ୍ୟ ସ୍ୱାଭାବିକ ଥିଲା। ପ୍ରଶ୍ନୋତ୍ତର, ଶୂନ୍ୟକାଳ ପରେ ଭାଜପା ପକ୍ଷରୁ ଦିଆଯାଇଥିବା ମୁଲତବୀ ପ୍ରସ୍ତାବ 'ସରକାର ଆଦିବାସୀଙ୍କ ଜମି ବିକ୍ରି ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର ନ କଲେ ରାଜ୍ୟରେ ଆଦିବାସୀମାନେ ସର୍ବହରା ହୋଇଯିବେ' ଶୀର୍ଷକ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଗୃହରେ ଆଦିବାସୀଙ୍କ ଜମି ହସ୍ତାନ୍ତର ପ୍ରସଙ୍ଗରେ କ୍ୟାବିନେଟ ନଭେମ୍ବର ୧୪ ତାରିଖରେ ନେଇଥିବା ନିଷ୍ପତ୍ତିକୁ ସଂଶୋଧନ କରାଯିବା ସମ୍ପର୍କରେ ଗୃହକୁ ଅବଗତ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ବିଭିନ୍ନ ଦଳର ସଦସ୍ୟମାନେ ନିଜ ନିଜ ଅଞ୍ଚଳର ସମସ୍ୟାକୁ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ମନ ଚାହୁଁଥିବା ଜିନିଷ ଲାଭ କରିବା ଆଶା ଅପୂରଣ ରହିବ ନାହିଁ। ବ୍ୟବସାୟ, ସଭାସମିତି, ଯାତ୍ରା ଓ ବନ୍ଧୁମିଳନ କ୍ଷେତ୍ରରେ ସମୟ କଟାଇବେ। ଅଫିସ୍‌ରେ କୌଣସି ବିଷୟ ନେଇ ବୁଝାମଣାରେ ତିକ୍ତତା ଦେଖାଦେଇପାରେ। ଆଲୋଚନା, ସତ୍‌ସଙ୍ଗ, ଆନୁଷ୍ଠାନିକ କାମ ତଥା ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ।

**ବୃଷ** ଶାରୀରିକ ଦୁର୍ବଳତା ଯୋଗୁ କୌଣସି କାମ କରିବାକୁ ଆଗ୍ରହ ଲାଗିବନାହିଁ। ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବାର ଆଶା ରହିଛି। ଆଜିର କର୍ମକ୍ଷେତ୍ରରେ ସମ୍ମାନ୍‌ନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ଜମିଜମା, କଚେରି ମାମଲା, ଆଲୋଚନା ସଭା ଓ ଲେଖାପଢ଼ା ଦିଗରୁ ଉପକୃତ ହେବେ।

**ମିଥୁନ** ଆଜି ବନ୍ଧୁଙ୍କ ସାହାଯ୍ୟରୁ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ସାମାଜିକ ସ୍ତରରେ ଅର୍ଥଲାଭ ଓ ସମ୍ମାନ୍ ସାଙ୍ଗକୁ ବାଲ୍ୟବନ୍ଧୁଙ୍କ ସାନ୍ନିଧ ଲାଭକରି ଖୁସୀ ରହିବେ। ଫେରନ୍ତା ବାଟରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମକରି ଅନୁତପ୍ତ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସାମାନ୍ୟ ପ୍ରତିବନ୍ଧକ ଦେଖାଦେଇପାରେ।

**କର୍କଟ** ବନ୍ଧୁ ଗହଣରେ ଭାବପ୍ରବଣବଶତଃ ବିରକ୍ତିକର କଥା କହି ଅପଦସ୍ଥ ହେବେ। ପରକଥାରେ ପ୍ରଭାବିତ ହୋଇ ଭୁଲ୍ ମାର୍ଗ ଅନୁସରଣ କରିପାରନ୍ତି। ସହକର୍ମୀଙ୍କ ପରାମର୍ଶରେ ଜମିଜମା କାରବାର ବୃଦ୍ଧି ପାଇଁ ଚେଷ୍ଟିତ ହେବେ। ସତ୍‌ସଙ୍ଗ କିମ୍ବା ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିପାରନ୍ତି।

**ସିଂହ** କର୍ମଜଞ୍ଜାଳ ବୃଦ୍ଧିଜନିତ ମାନସିକ ଅବସାଦ ବଢ଼ିବା କାରଣରୁ କୌଣସି କାମ ଉତ୍ସାହପ୍ରଦ ହେବନାହିଁ। ଈର୍ଷାପରାୟଣ ବ୍ୟକ୍ତିଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ମାଲିମକଦ୍ଦମା କିମ୍ବା ବିବାଦୀୟ ଘଟଣାରେ ବିଜୟୀ ହେବେ। ବ୍ୟବସାୟରେ ସନ୍ତୋଷଜନକ ଫଳ ଦେଖାଦେଇପାରେ।

**କନ୍ୟା** ଆଜି ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ଅବଶ୍ୟମ୍ଭାବୀ। ସାମାଜିକ ଜୀବନରେ ଅନ୍ୟାୟ ବିରୋଧରେ ସ୍ୱର ଉଠାଇ ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି। ଆକସ୍ମିକ ଭାବେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ ଏବଂ ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବେ। ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**ତୁଳା** ପରିବାର ଭିତରେ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିବେ ଓ ସଫଳତା ମଧ୍ୟ ପାଇବେ। ବନ୍ଧୁମାନଙ୍କ ସହ ହସଖୁସି ଓ ବିଳାସ ବ୍ୟସନରେ ସମୟ ଅତିବାହିତ ହେବ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରିବେ। ପୁରାଣ ପଠନ, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ଓ ନୃତ୍ୟ ସାଙ୍ଗକୁ ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

**ବିଛା** ଆଳସ୍ୟ ଓ ଅବହେଳା କାରଣରୁ ଗୁରୁତ୍ୱପୂର୍ଣ୍ଣ କାମ ଗୁଡ଼ିକ ଅଟକି ରହିଯିବ। ଦୀର୍ଘ ସମୟର କାର୍ଯ୍ୟବ୍ୟସ୍ତତା ହେତୁ ଶାରୀରିକ କ୍ଳାନ୍ତି ଅନୁଭବ କରିବେ। ପାରିବାରିକ ଜୀବନରେ ସହନଶୀଳତା ଗୁଣର ଅଭାବ ଅଶାନ୍ତିର କାରଣ ହେବ। ଗବେଷଣା, ରଚନାତ୍ମକ କାମ, ସେବା ଓ ପରୋପକାର ହେତୁ ସାମାଜିକ ପ୍ରତିଷ୍ଠା ବଢ଼ିବ।

**ଧନୁ** ଆଜିର ପ୍ରତ୍ୟୁଷ ଯାତ୍ରାରେ ହାତରୁ ପଇସା ଖର୍ଚ୍ଚକରି ବନ୍ଧୁଙ୍କୁ ସାହାଯ୍ୟ କରିବେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। କୌଣସି ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହେବାର ବହୁତ ସମ୍ଭାବନା ରହିଛି। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ପାଇଁ ଚେଷ୍ଟାକରି କେତେକାଂଶରେ ଉପକୃତ ହେବେ।

**ମକର** କର୍ମକ୍ଷେତ୍ରରେ ସାହାଯ୍ୟ ଲାଭକରି ମନୋବଳ କ୍ରମଶଃ ବୃଦ୍ଧି ପାଇବ। ସାୟାହ୍ନେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ଆଜି ଫେରନ୍ତା ବାଟରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟହେବାର ଆଶଙ୍କା ରହିଛି। ବିବାଦୀୟ ଘଟଣାରେ ବନ୍ଧୁଙ୍କ ମଧ୍ୟସ୍ଥତା ଭଲ କାମ ଦେବ ଓ ମାମଲା ଫଇସଲା ହୋଇଯିବ।

**କୁମ୍ଭ** ଆଜି ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବ। ବ୍ୟବସାୟରେ କ୍ଷତିର ଆଶଙ୍କା ରହିଛି, ମାତ୍ର ଜଣେ ବନ୍ଧୁଙ୍କ ସାହାଯ୍ୟକୁ ଭୁଲିପାରିବେ ନାହିଁ। ଘର ସାଜସଜ୍ଜା, ନିର୍ମାଣ, ଆନୁଷ୍ଠାନିକ କାମ, ନୃତ୍ୟ ଓ ସଙ୍ଗୀତରେ ମଜ୍ଜି ରହିପାରନ୍ତି। ଆର୍ଥିକ ଦିଗଟି ଭଲ ରହିବାରୁ ଜନହିତକର କାମ ପାଇଁ ଚିନ୍ତା କରିବେ।

**ମୀନ** ଆଜି ହଠାତ୍ ପ୍ରତ୍ୟୁଷରେ ଯାତ୍ରାକରି ଆଶା କରୁଥିବା ଜିନିଷ ଲାଭ କରିପାରନ୍ତି। ପାରିବାରିକ ଦିଗରୁ କେତେକ ବ୍ୟତିକ୍ରମ ସୃଷ୍ଟିହେବାର ସମ୍ଭାବନା ରହିଛି। ପରୋକ୍ଷ ଶତ୍ରୁତା କାରଣରୁ ଯେତେ ଭଲ କାମ କଲେ ମଧ୍ୟ କର୍ମକ୍ଷେତ୍ରରେ ସମାଲୋଚିତ ହେବେ। ଶିଳ୍ପ, ବାଣିଜ୍ୟ, ରାଜନୀତି ଓ ପ୍ରଶାସନ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ।

ଆଜି କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ଶନିବାର, ସନ୍ଧ୍ୟା ଘ.୦୫।୨୨ମି. ପରେ ଶିବ ଉଦ୍ଯାପନୀ ବୈକୁଣ୍ଠ ଚତୁର୍ଦ୍ଦଶୀ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଶ୍ରୀଜୀଉଙ୍କ ଆଡ଼କିଆ ବେଶ, ଅନ୍ତର୍ଜାତୀୟ ମହିଳା ହିଂସାବିରୋଧୀ ଦିବସ, ନଭେମ୍ବର ୨୫ ତାରିଖ, ରାଶି ନକ୍ଷତ୍ର-ଅଶ୍ୱିନୀ/ମେଷ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୩୨ମି. ଗତେ ଘ.୦୮।୪୯ମି. ମଧ୍ୟେ, ଘ.୧୧।୫୫ମି. ଗତେ ଘ.୧୨।୫୫ମି. ମଧ୍ୟେ ଶୁଦ୍ଧ ଶୁଭବେଳା॥ ଦିବା ଘ.୦୮।୪୯ମି. ଗତେ ଘ.୧୦।୧୧ମି. ମଧ୍ୟେ ରାହୁକାଳ॥

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଶନିବାର, ନଭେମ୍ବର ୨୫/୨୦୨୩ Bhubaneswar, Saturday, November 25/2023





'ଧରିତ୍ରୀ'ର ୫୦ବର୍ଷ ପାଳନ ଅବସରରେ ଶୁକ୍ରବାର ସ୍ଥାନୀୟ ରେଲ୍‌ୱେ ଅଡିଟୋରିୟମ୍‌ଠାରେ ଅନୁଷ୍ଠିତ ୟୁଥ୍ କନ୍‌କ୍ଲେଭ୍‌ରେ ଫରେଷ୍ଟ ମ୍ୟାନ୍ ଅଫ୍ ଇଣ୍ଡିଆ ପଦ୍ମଶ୍ରୀ ଯାଦବ ପାୟେଙ୍ଗଙ୍କୁ ପରିବେଶ ସୁରକ୍ଷା ଦିଗରେ 'ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ' ପ୍ରଦାନ କରାଯାଉଛି। ନିକଟରେ ଅଛନ୍ତି ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ଅଭିନେତା ସୋନୁ ସୁଦ୍ ।

# ଧର୍ମ, ରାଜନୀତି ଊର୍ଦ୍ଧ୍ୱରେ ପ୍ରକୃତି: ପାୟେଙ୍ଗ

## ଧରିତ୍ରୀ ୟୁଥ୍ କନ୍‌କ୍ଲେଭ- ୨୦୨୩

ଭୁବନେଶ୍ୱର, ୨୪।୧୧(ବନ୍ଦନା ସେଠୀ/ଶର୍ମିଷ୍ଠା ପାଣିଗ୍ରାହୀ)

ଧର୍ମ, ରାଜନୀତି ଓ ଅର୍ଥନୀତି ସବୁଠୁ ଉପରେ ପ୍ରକୃତି। ତେଣୁ ପ୍ରକୃତିର ରକ୍ଷା କରିବା ସମସ୍ତଙ୍କର ଦାୟିତ୍ୱ। ଧରିତ୍ରୀ ମାତାର ସୁରକ୍ଷା ହେଲେ ସମସ୍ତେ ସୁରକ୍ଷିତ ରହିପାରିବେ ବୋଲି ଭାରତର ଅରଣ୍ୟ ମାନବ (ଫରେଷ୍ଟ ମ୍ୟାନ୍ ଅଫ୍ ଇଣ୍ଡିଆ) ପଦ୍ମଶ୍ରୀ ଯାଦବ ପାୟେଙ୍ଗ୍ କହିଛନ୍ତି। ଧରିତ୍ରୀର ୫୦ବର୍ଷ ପାଳନ ଅବସରରେ ଶୁକ୍ରବାର ସ୍ଥାନୀୟ ରେଲ୍‌ୱେ ଅଡିଟୋରିୟମ୍‌ଠାରେ ଅନୁଷ୍ଠିତ ୟୁଥ୍ କନ୍‌କ୍ଲେଭ୍‌ର ତୃତୀୟ ସଂସ୍କରଣ 'କ୍ଲାଇମେଟ୍ ଚେଞ୍ଜ୍: ଦି ପାଥ୍ ଆହେଡ୍'ରେ ଯୋଗଦେଇ ସେ ଏହା କହିଛନ୍ତି। ଆସାମର ଜୋର୍‌ହାଟ ଦେଇ ପ୍ରବାହିତ ବ୍ରହ୍ମପୁତ୍ର ନଦୀର ମଜୁଲୀ ଦ୍ୱୀପପୁଞ୍ଜରେ ଥିବା ଏକ ଚଡ଼ାକୁ ଜଙ୍ଗଲରେ କିଭଳି ପରିଣତ କରିଥିଲେ ସେ ସମ୍ପର୍କରେ କହିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ସମ୍ପୃକ୍ତ ଅଞ୍ଚଳରେ ସେ ମାତ୍ର କେତୋଟି ଗଛ ଲଗାଇଥିଲେ। ପରବର୍ତ୍ତୀ ସମୟରେ ୫୫୦ ହେକ୍ଟର ଜାଗାରେ ଗଛ ଲଗାଇ ତାହାକୁ ଜଙ୍ଗଲରେ ପରିଣତ କରିବାର ଯାତ୍ରା ସୁଦୀର୍ଘ ଥିଲା ବୋଲି କହିଛନ୍ତି। ଜଙ୍ଗଲ ବୃଦ୍ଧି ପାଇବା ସହ ସେଠାରେ ବନ୍ୟଜନ୍ତୁଙ୍କ ସଂଖ୍ୟା ବଢିବାରୁ ତାଙ୍କୁ ସ୍ଥାନୀୟ ଅଧିବାସୀମାନେ ଘୋର ବିରୋଧ କରିଥିଲେ। ତୁମ ଯୋଗୁ ବାଘ, ହାତୀ, ଭାଲୁ ଆମ ଅଞ୍ଚଳରେ ପଶିଲେ ବୋଲି ଅଭିଯୋଗ ଆଣି ସେମାନେ ଗଛ କାଟିବାକୁ ଜିଦ୍ ଧରିଥିଲେ। କିନ୍ତୁ ଗଛ କାଟିବା ଆଗରୁ ମୋତେ କାଟିଦିଅ ବୋଲି କହି ସେତେବେଳେ ସେ ଚର୍ଚ୍ଚାରେ ଆସିଥିଲେ। ଆଜି ଯେତେବେଳେ ସମଗ୍ର ବିଶ୍ୱରେ ଜଳବାୟୁ ପରିବର୍ତ୍ତନଜନିତ ସମସ୍ୟା ଉପୁଜୁଛି ସେଥିରେ ଗଛର ମହତ୍ତ୍ୱ ବଢିଛି। ଭାରତର ପାଠ୍ୟକ୍ରମଗୁଡିକରେ ଧରିତ୍ରୀ ମାତାକୁ କିଭଳି ସମ୍ମାନ ଦିଆଯିବ ସେ ବିଷୟରେ ଶିକ୍ଷା ଦିଆଯାଉ ନାହିଁ ବୋଲି ପାୟେଙ୍ଗ କହିଛନ୍ତି।

ପୂର୍ବାହ୍ନରେ ଧରିତ୍ରୀ ୟୁଥ କନ୍‌କ୍ଲେଭ ଉଦ୍‌ଘାଟନ ହେବାପରେ 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ'ର କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ସ୍ୱାଗତ ଭାଷଣ ଦେଇ କହିଲେ, ଗତ କିଛିବର୍ଷ ହେବ ପରିବେଶ ସମସ୍ୟା ବଢ଼ି ଚାଲିଛି। ଏହାର ସୁରକ୍ଷା ନେଇ କିଛି ଯୁବପିଢ଼ି କାମ କରୁଥିବାବେଳେ ସେମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ 'ଧରିତ୍ରୀ' ପକ୍ଷରୁ 'ୟୁଥ କନ୍‌କ୍ଲେଭ'ର ଆୟୋଜନ କରାଯାଉଛି। ପରିବେଶ ସମସ୍ୟା ରୋକିବା ଦିଗରେ ଆମ ସମସ୍ତଙ୍କର ଦାୟିତ୍ୱ ରହିଛି। ତେବେ ଅଧିକରୁ ଅଧିକ ଯୁବପିଢ଼ି କିପରି ଏଥିରେ ଜଡ଼ିତ ହୋଇପାରିବେ ସେ ନେଇ 'ଧରିତ୍ରୀ' ସର୍ବଦା ପ୍ରଚେଷ୍ଟା କରି ଆସୁଛି। ସେହିପରି ସୁରକ୍ଷିତ ପରିବେଶ ନେଇ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ସହିତ ଦାୟିତ୍ୱବୋଧ ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଏହାପରେ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ବିଷୟବସ୍ତୁ ଉପରେ ଆଲୋଚନା ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମକୁ ବକୁଳ ଫାଉଣ୍ଡେଶନର ମୁଖ୍ୟ ସୁଜିତ୍ ମହାପାତ୍ର ସଞ୍ଚାଳନ କରିଥିଲେ। ଏଥିରେ 'ଡାଉନ୍ ଟୁ ଆର୍ଥ' ପତ୍ରିକାର ପରିଚାଳନା ସମ୍ପାଦକ ରିଚାର୍ଡ ମହାପାତ୍ର, ଏନ୍‌ଭାରମେଣ୍ଟାଲିଷ୍ଟ ଫାଉଣ୍ଡେଶନ ପୃଷ୍ଠା–୩

**ଆଜିର ସମ୍ପାଦକୀୟ**

**ନିଯୁକ୍ତି ରହସ୍ୟ**

**ସୂଚନା:** ଅନିବାର୍ଯ୍ୟ କାରଣରୁ ଏ ସପ୍ତାହର 'ସାହିତ୍ୟାୟନ' ପୃଷ୍ଠା ପ୍ରକାଶ ପାଇପାରୁନାହିଁ।



“ଧର୍ମ ରହିଥାଏ ନିଜକୁ ସଂକୁଚିତ କରି ତା’ର ବାହ୍ୟ ଆଙ୍ଗିକଗୁଡ଼ିକ ଉପରେ– ତା’ର ନିର୍ଦ୍ଦିଷ୍ଟ ସଂସ୍କୃତି ଭିତରେ ଓ କେତେକ ଭାବାଦର୍ଶ ଭିତରେ । କିନ୍ତୁ ଧର୍ମର ମହାନତା ଘଟେ ସେତିକି ବେଳେ, ଯେତେବେଳେ କେତେକ ଯଥାର୍ଥ ଅସାଧାରଣ ବ୍ୟକ୍ତି ସତକୁ ସତ ତାଙ୍କ ଜୀବନରେ କିଛି ଅଧ୍ୟାତ୍ମ ଉପଲବ୍ଧି ଅର୍ଜନ କରିଥାନ୍ତି । –ଶ୍ରୀମା

# ନିଯୁକ୍ତି ରହସ୍ୟ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସାମ୍ପ୍ରତି ମହାରାଷ୍ଟ୍ର ଉପ ମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ପ୍ରମୁଖ ସଚିବ ଆଶିଷ ଶର୍ମାଙ୍କୁ ହଟାଇ ଦିଆଯାଇଛି। ଅଧିକାଂଶ ପର୍ଯ୍ୟବେକ୍ଷକ କହନ୍ତି, ରାଜ୍ୟରେ ସାମ୍ପ୍ରତିକ ରାଜନୈତିକ ଜଟିଳତାକୁ ଦେଖିଲେ ଏଭଳି ଘଟିବା କିଛି ଅସମ୍ଭବ ନୁହେଁ। ମୁଖ୍ୟମନ୍ତ୍ରୀ କିମ୍ବା ଉପ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ନିଯୁକ୍ତ ଜଣେ ଆଇଏଏସ୍ ଅଧିକାରୀଙ୍କୁ ସାଧାରଣ କାର୍ଯ୍ୟକାଳ ପୂରଣ କରିବା ପୂର୍ବରୁ ଅନୌପଚାରିକ ଭାବେ ବାହାର କରିଦେବା ଅତ୍ୟନ୍ତ ଅସ୍ୱାଭାବିକ ଘଟଣା । ଶର୍ମାଙ୍କ ଆକସ୍ମିକ ସ୍ଥାନାନ୍ତର ସମ୍ମାନଜନକ ମନ୍ତ୍ରଣାଳୟରେ ତାଙ୍କର କାର୍ଯ୍ୟକାଳ ପୂରଣ ପୂର୍ବରୁ ସମାପ୍ତିକୁ ସୂଚିତ କରିବା ସହ ୬ ମାସ ମଧ୍ୟରେ ଏହା ତାଙ୍କର ତୃତୀୟ ସ୍ଥାନାନ୍ତରଣକୁ ଦର୍ଶାଏ । ଡେଙ୍ଗୁରେ ପୀଡ଼ିତ ଅଜିତ ପାୱାର ମନ୍ତ୍ରଣାଳୟରେ ଅନୁପସ୍ଥିତ ଥିବାବେଳେ ତାଙ୍କ ପ୍ରମୁଖ ସଚିବଙ୍କ ସ୍ଥାନାନ୍ତର ଯୋଗୁ କାର୍ଯ୍ୟାଳୟରେ ଏକ ପ୍ରକାର ଅଚଳାବସ୍ଥା ଦେଖାଦେଇଛି। ପାୱାରଙ୍କ ନୀରବତାକୁ ନେଇ କଳ୍ପନାଜଳ୍ପନା ବି ସୃଷ୍ଟି ହୋଇଛି। ଏହି ପଦକ୍ଷେପ ପ୍ରଚ୍ଛଦରେ ଥିବା ରହସ୍ୟ ସମ୍ପର୍କରେ କୌଣସି ସରକାରୀ ବିବୃତି ଦିଆ ଯାଇ ନ ଥିବାରୁ ଅନେକ ସମ୍ଭାବନା ଓ ଗୁଞ୍ଜରଣ ସୃଷ୍ଟି ହୋଇଛି। ଅଜିତ ପାୱାର ମହାରାଷ୍ଟ୍ରରେ ଭାଜପା ନେତୃତ୍ୱାଧୀନ ମିଳିତ ସରକାରରେ ଯୋଗଦେବା ପରେ ତାଙ୍କ ସ୍ଥିତି ମଜଭୁତ କରିବାକୁ ଚେଷ୍ଟା କରୁଛନ୍ତି। ଯଦିଓ ତାଙ୍କୁ ଉପ ମୁଖ୍ୟମନ୍ତ୍ରୀ କରାଯାଇଛି ଏବଂ ତାଙ୍କ ଏନ୍‌ସିପି ଦଳ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ପାଇଛି ତଥାପି କ୍ଷମତା କ୍ରମରେ ତୃତୀୟ ସ୍ଥାନରେ ଅଛନ୍ତି। ଶର୍ମାଙ୍କ ପ୍ରସ୍ଥାନ ସୂଚାଇ ଦେଉଛି ଯେ ସାମ୍ପ୍ରତିକ କ୍ରମରେ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ ।

### ପରୀକ୍ଷାର ସମୟ

କିଛିଦିନ ପୂର୍ବରୁ ଶ୍ରୀଲଙ୍କା ଜଳସୀମାରେ ଚାଇନାର ଏକ ଗୁପ୍ତଚର ଜାହାଜ ପ୍ରବେଶ କରିଥିଲା । ଏହାକୁ ରୋକିବା ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ(ଏମ୍‌ଇଏ)ର ଚେଷ୍ଟା ସତ୍ତ୍ୱେ ଏଭଳି ଘଟଣା ଭାରତ ମହାସାଗରରେ କୂଟନୈତିକ ସମ୍ବେଦନଶୀଳ ସ୍ଥିତିକୁ ସୂଚିତ କରିଛି। ବର୍ତ୍ତମାନ ଏକ ନୂତନ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି, ଯାହା ଏମ୍‌ଇଏରୁ ରଣନୀତିକ ପ୍ରତିକ୍ରିୟା ଦାବି କରେ । ଆମେରିକା ଅନୁମୋଦନରେ ରୁଷିଆର ଅଶୋଧିତ ପରିବହନ କରୁଥିବା ତିନୋଟି ତୈଳ ଟ୍ୟାଙ୍କରର ଆଗମନ ଅଭିଯୋଗ ମନ୍ତ୍ରଣାଳୟ ପାଇଁ ଏକ ଜଟିଳ ପରିସ୍ଥିତି ସୃଷ୍ଟି କରିଛି। ବିଶେଷ ସୂତ୍ରରୁ ଜଣାପଡ଼ିଛି ଯେ,ଏହି ଜାହାଜଗୁଡ଼ିକ କୌଣସି ଏକ ଦେଶର ବନ୍ଦରରେ ରହିବାର ସମ୍ଭାବନା ଭାରତର ସାମୁଦ୍ରିକ ନୀତି ଗଠନରେ ଥିବା ଏମ୍‌ଇଏର ଭୂମିକା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଏହି ଜାହାଜଗୁଡ଼ିକୁ ଅଣପ୍ରମୁଖ ବନ୍ଦରଗୁଡ଼ିକରେ କାରବାର କରିବା ଲାଗି ଭାରତୀୟ ଜଳକ୍ଷେତ୍ରକୁ ଅନୁମତି ଦିଆଯିବ କି ନାହିଁ ତାହା ସ୍ଥିର କରିବା ନିମନ୍ତେ ଏମ୍‌ଇଏକୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ଦାୟିତ୍ୱ ଦିଆଯାଇଛି। ଜାହାଜ ଚଳାଚଳ ମନ୍ତ୍ରଣାଳୟର ବରିଷ୍ଠ ବାବୁଙ୍କ ଦ୍ୱାରା ସୂଚିତ ପ୍ରୋଟୋକଲଗୁଡ଼ିକ ଜାହାଜ ପ୍ରବେଶ ସହିତ ଜଡ଼ିତ ପ୍ରକ୍ରିୟାଗତ ଜଟିଳତା ପ୍ରକାଶ କରୁଥିବାବେଳେ ସବୁଜ ସଙ୍କେତ ଦେବା କିମ୍ବା ପ୍ରବେଶକୁ ପ୍ରତ୍ୟାଖ୍ୟାନ କରିବାର ନିଷ୍ପତ୍ତି ଶେଷରେ ଏମ୍‌ଇଏ ଉପରେ ରହିଛି । ରୁଷିଆ ସହିତ ପୁରୁଣା ସମ୍ପର୍କରୁ ଭାରତକୁ ଦୂରେଇ ରଖିବା ପାଇଁ ଆମେରିକା ଉଦ୍ୟମ କରୁଥିବାବେଳେ ଭାରତ ବର୍ତ୍ତମାନ ପର୍ଯ୍ୟନ୍ତ ରୁଷିଆ-ୟୁକ୍ରେନ ବିବାଦରେ ନିରପେକ୍ଷ ଭୂମିକା ଗ୍ରହଣ କରିଛି । କଠିନ ସ୍ଥିତିରେ ନିଷ୍ପତ୍ତି ନେବା ଏବଂ ଭାରସାମ୍ୟ ରଖିବାକୁ ଏକ ସମାଧାନର ବାଟ ଖୋଜିବା ପାଇଁ ଏମ୍‌ଇଏ ପାଇଁ ଏହା ଏକ ପରୀକ୍ଷାର ସମୟ।

### ସରକାରଙ୍କୁ ବିରୋଧ

ବୋଧହୁଏ ପ୍ରଥମ ଥର ପାଇଁ କେରଳର ଆଇଏଏସ୍ ଅଧିକାରୀମାନେ ମିଳିତ ଭାବେ ଏକ ସରକାର ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ (ସିଏଟି) ରାଜ୍ୟ ସରକାରରେ ଆଇଏଏସ୍ ଅଧିକାରୀଙ୍କ ନିଯୁକ୍ତି, ସ୍ଥାନାନ୍ତରରେ ଉପଯୁକ୍ତ ପ୍ରକ୍ରିୟାର ଅଭାବ ବିରୋଧରେ ଦୃଢ଼ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସିଏଟି ବେଞ୍ଚ ଏକ ମଧ୍ୟବର୍ତ୍ତିକାଳୀନ ନିର୍ଦ୍ଦେଶ ଜାରି କରିଛନ୍ତି। ପୂର୍ବରୁ ସିଭିଲ ସର୍ଭିସ ବୋର୍ଡର ବୈଠକ ନ କରି ପିନାରାଇ ବିଜୟ ସରକାରଙ୍କୁ ଏପରି ନିଷ୍ପତ୍ତି ନେବାକୁ ବାରଣ କରିଛନ୍ତି। ସିଭିଲ ସର୍ଭିସ ବୋର୍ଡର ଆବଶ୍ୟକ ସୁପାରିସ ବିନା ବାରମ୍ବାର ବଦଳି ଏବଂ ନିଯୁକ୍ତି ଅର୍ଡର ଦିଆଯାଉଛି ବୋଲି ଅଭିଯୋଗ କରି କେରଳ ଆଇଏଏସ ଅଫିସର୍ସ ଆସୋସିଏଶନ ଦ୍ୱାରା ଦାଖଲ ହୋଇଥିବା ଏକ ପିଟିଶନର ଉତ୍ତରରେ ସିଏଟିର ଏହି ନିର୍ଦ୍ଦେଶନାମା ଆସିଛି। ତେବେ ଅଧିକାରୀଙ୍କ ଆବେଦନରେ ଦର୍ଶାଯାଇଛି ଯେ, କ୍ୟାଡର ଅଧିକାରୀଙ୍କ ହାରାହାରି କାର୍ଯ୍ୟକାଳ ଦୁଇ ବର୍ଷର ନିର୍ଦ୍ଧାରିତ ସର୍ବନିମ୍ନ ଅବଧିଠାରୁ କମ୍। ଜିଲାପାଳ, ସରକାରଙ୍କ ସଚିବ ଏବଂ ଗୁରୁତ୍ୱପୂର୍ଣ୍ଣ ବିଭାଗର ମୁଖ୍ୟ ଭଳି ପଦବୀରେ ହାରାହାରି କାର୍ଯ୍ୟକାଳ ଏକ ବର୍ଷରୁ କମ୍ କରାଯାଇଛି। ଟ୍ରିବ୍ୟୁନାଲ କହିଛନ୍ତି, ସୁପ୍ରିମକୋର୍ଟଙ୍କ ରାୟ ପରେ କେରଳ ସରକାର ତାହା ପାଳନ କରିନାହାନ୍ତି କିମ୍ବା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରିପ୍ରେକ୍ଷୀରେ କେନ୍ଦ୍ର ଦ୍ୱାରା ଜାରି କରାଯାଇଥିବା ନିୟମ ଏବଂ ବିଜ୍ଞପ୍ତିକୁ ପାଳନ କରିନାହାନ୍ତି। ପିଟିଶନରେ ଏହା ମଧ୍ୟ ଦର୍ଶାଯାଇଛି ଯେ, ସିଭିଲ ସର୍ଭିସ ବୋର୍ଡର ବୈଠକ କାହିଁକି ଡକାଯାଇ ନାହିଁ ସେ ସମ୍ପର୍କରେ କୌଣସି ସ୍ପଷ୍ଟୀକରଣ ଦିଆଯାଇ ନାହିଁ। ଆଇଏଏସ୍ ଅଧିକାରୀମାନେ ଦାବି କରିଛନ୍ତି ଯେ, କେବଳ ଦୁଇଟି ବୈଠକ ପରେ ବୋର୍ଡ କାର୍ଯ୍ୟକ୍ଷମ ହୋଇନାହିଁ। ଏହାର ଶେଷ ବୈଠକ ୨୦୧୫ରେ ହୋଇଥିଲା। ଜାନୁୟାରୀ ୧୦ରେ ଟ୍ରିବ୍ୟୁନାଲ ପରବର୍ତ୍ତୀ ଶୁଣାଣି ସ୍ଥିର କରିଥିବାବେଳେ ନିର୍ଦ୍ଧାରିତ ନିୟମ ଏବଂ ପ୍ରକ୍ରିୟା ପାଳନର ଆବଶ୍ୟକତା ଉପରେ ମଧ୍ୟବର୍ତ୍ତୀ ଆଦେଶ ଧ୍ୟାନ ଦେଇଛି। ତେବେ ଏହି ମାମଲାର ପରିଣାମ ଉପରେ ବାବୁମାନେ ନଜର ରଖିଛନ୍ତି।

Email: dilipcherian@gmail.com

# ଆଦିବାସୀଙ୍କୁ ଭୂମିହୀନ କରିବାର ଷଡ଼ଯନ୍ତ୍ର



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଗତ ୧୪ ତାରିଖରେ ରାଜ୍ୟ ମନ୍ତ୍ରିମଣ୍ଡଳର ବୈଠକରେ ସରକାର ଆଦିବାସୀ ଜମି ହସ୍ତାନ୍ତର ରୋକିବା ସଂକ୍ରାନ୍ତୀୟ ରହିଥିବା ଆଇନରେ କରିଥିବା ଗୁରୁତ୍ୱପୂର୍ଣ୍ଣ ସଂଶୋଧନକୁ ମାତ୍ର ୪୮ ଘଣ୍ଟା ମଧ୍ୟରେ ସ୍ଥଗିତ ରଖିବା ଘଟଣା ଏବେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ବିନା କୌଣସି ବିଚାରବିମର୍ଶରେ ସରକାର ଆଦିବାସୀଙ୍କ ଜମିକୁ ଅଣଆଦିବାସୀମାନେ କିଣିବା ପାଇଁ ପୂର୍ବରୁ ରହିଥିବା କଟକଣାକୁ ହଟେଇବାକୁ ଯେଉଁ ତରବରିଆ ନିଷ୍ପତ୍ତି ନେଇଥିଲେ, ତାରି ଫଳରେ ସରକାରଙ୍କ ଉଦ୍ଦେଶ୍ୟକୁ ନେଇ ରାଜ୍ୟରେ ବିଶେଷକରି ଆଦିବାସୀଙ୍କ ଭିତରେ ଆଶଙ୍କା ସୃଷ୍ଟିହେବା ସହ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ରାଜ୍ୟର ଆଦିବାସୀ ଓ କୃଷକ ସଙ୍ଗଠନଗୁଡ଼ିକ ସରକାର କର୍ପୋରେଟ୍‌ଙ୍କ ସ୍ୱାର୍ଥରେ ଆଦିବାସୀ ଜମି ଅକ୍ତିଆରକୁ ସହଜ କରିବା ପାଇଁ ଏହି ସଂଶୋଧନ ଆଣିଛନ୍ତି ବୋଲି ଅଭିଯୋଗ କରିଛନ୍ତି।

ରାଜ୍ୟରେ ଆଦିବାସୀମାନଙ୍କ ଜମି ଉପରେ ସେମାନଙ୍କ ମାଲିକାନାକୁ ସୁରକ୍ଷିତ ରଖି ସେମାନଙ୍କୁ ଭୂମିହୀନ ହେବାରୁ ରୋକିବାକୁ ୧୯୫୬ରେ ଓଡ଼ିଶା ଅନୁସୂଚିତ ଅଞ୍ଚଳ ଅସ୍ଥାବର ସମ୍ପତ୍ତି ହସ୍ତାନ୍ତର(ଅନୁସୂଚିତ ଜନଜାତି)ନିବାରଣ ଆଇନ-୧୯୫୬ ପ୍ରଣୟନ କରାଯାଇଥିଲା। କିନ୍ତୁ ଏହା କେବଳ ରାଜ୍ୟର ଅନୁସୂଚିତ ଅଞ୍ଚଳ ରୂପେ ପରିଚିତ ୧୧୯ଟି ବ୍ଲକ୍‌ରେ ରହୁଥିବା ଆଦିବାସୀଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ତେବେ ଏହି ଆଇନରେ ଅନେକ ଦୁର୍ବଳତା ରହିଥିବାରୁ ଏବଂ ଉପଜିଲାପାଳଙ୍କ ଅନୁମତି ନେଇ ଆଦିବାସୀଙ୍କ ଜମିକୁ ନେବାର ବ୍ୟବସ୍ଥା ଥିବାରୁ, ତା’ର ସୁଯୋଗ ନେଇ ଅଣଆଦିବାସୀ ସମ୍ପ୍ରଦାୟର ଧନୀ ଓ ପ୍ରଭାବଶାଳୀ ଲୋକେ ଆଦିବାସୀଙ୍କ ଜମିକୁ ଆଇନଗତ ଭାବେ ହଡ଼ପ କରିବାରେ ସଫଳ ହୋଇଥିଲେ। ଫଳସ୍ୱରୂପ ଆଦିବାସୀଙ୍କଠାରୁ ବ୍ୟାପକ ପରିମାଣର ଜମି ଚାଲିଯାଇ ସେମାନଙ୍କ ଭୂମିହୀନତା ବଢ଼ିବା ସହିତ ସେମାନଙ୍କ ମଧ୍ୟରେ ଜମିକୁ ନେଇ ଅସନ୍ତୋଷ ବଢ଼ିବାକୁ ଲାଗିଲା। ୨୦୦୦ ବେଳକୁ ଦକ୍ଷିଣ ଓଡ଼ିଶାର ରାୟଗଡ଼ା, ଗଜପତି, କନ୍ଧମାଳ ଆଦି ଜିଲାଗୁଡ଼ିକରେ ନିଜର ଅପହୃତ ଜମିକୁ ପ୍ରତ୍ୟାହାର ଦାବିରେ ଆଦିବାସୀମାନଙ୍କ ବଡ଼ ବଡ଼ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ଏସବୁ ଆନ୍ଦୋଳନର ଚାପରେ ସରକାର ଆଦିବାସୀଙ୍କ ଜମି ହସ୍ତାନ୍ତରକୁ ରୋକିବା ପାଇଁ ଆଇନରେ କିଛି ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରିଥିଲେ, ଯାହାକି ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇ ୪ ସେପ୍ଟେମ୍ବର ୨୦୦୨ରେ ଆଇନରେ ପରିଣତ ହୋଇଥିଲା। ସଂଶୋଧିତ ଆଇନରେ ଅଣଆଦିବାସୀଙ୍କୁ ଆଦିବାସୀଙ୍କ ଜମିର ସମସ୍ତ ପ୍ରକାର କିଣାବିକାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଗଲା। ଏହାବାଦ୍ ପିଛିଲା ଭାବେ ଅଣଆଦିବାସୀଙ୍କ ଦଖଲକୁ ଚାଲିଯାଇଥିବା ଆଦିବାସୀଙ୍କ ଜମିର ହସ୍ତାନ୍ତର ସମ୍ପର୍କରେ ଅଣଆଦିବାସୀ ଜମି ମାଲିକମାନେ ସ୍ୱତଃ ସତ୍ୟପାଠ ଦାଖଲ କରିବାକୁ ବ୍ୟବସ୍ଥା ରହିଥିଲା।

ତେବେ ୨୦୦୨ର ଏହି ସଂଶୋଧନ ପରେ ଅନୁସୂଚିତ ଅଞ୍ଚଳରେ ଆଦିବାସୀ ଜମିର ଆନୁଷ୍ଠାନିକ ଭାବେ ହସ୍ତାନ୍ତର ପ୍ରାୟତଃ ରୋକିଯାଇଥିଲା।



କେବଳ ବିଭିନ୍ନ ପ୍ରକଳ୍ପ ପାଇଁ ସରକାରଙ୍କ ବିଭିନ୍ନ ସଂସ୍ଥାର ଅଧିଗ୍ରହଣ ଯୋଗୁ ଆଦିବାସୀଙ୍କ ହାତରୁ କିଛି ଜମି ଚାଲିଯାଇଥିଲା। ଅନ୍ୟପଟେ ନୂଆ ନିୟମ ପ୍ରକାରେ ଯଦିଓ ଆଦିବାସୀଙ୍କ ଜମି କିଣିଥିବା ସବୁ ଅଣଆଦିବାସୀ ଜମି ମାଲିକ ନିଜଆଡ଼ୁ ସତ୍ୟପାଠ ଦେଲେନାହିଁ, କିନ୍ତୁ କିଛି ସ୍ଥାନରେ ଆଦିବାସୀଙ୍କ ଅଭିଯୋଗକ୍ରମେ ସେମାନଙ୍କ ଅପହୃତ ଜମି ସେମାନଙ୍କ ପାଖକୁ ଫେରିଆସିଥିଲା। ତେବେ ଅଣଆଦିବାସୀ ଜମି ମାଲିକମାନଙ୍କୁ ସୁହାଉ ନ ଥିବା ଏହି ବ୍ୟବସ୍ଥାକୁ ଉଚ୍ଛେଦ କରିବାକୁ ପ୍ରଥମରୁ ହିଁ ସେମାନେ ଦାବି କରୁଥିଲେ। ଏହାକୁ ଖାରଜ କରିବାକୁ ୨୦୦୬-୧୦ ମଧ୍ୟରେ ସେମାନେ ହାଇକୋର୍ଟରେ ୧୦୫ଟି ପିଟିଶନ ଦାଏର କରିଥିଲେ। ୨୦୧୯ରେ ହାଇକୋର୍ଟଙ୍କ ଏକ ଦୁଇଜଣିଆ ଖଣ୍ଡପୀଠ ଏହିସବୁ ପିଟିଶନର ବିଚାରକରି ଉପରୋକ୍ତ ବ୍ୟବସ୍ଥାକୁ ପିଛିଲା ତାରିଖରୁ ଲାଗୁ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାର କିନ୍ତୁ ହାଇକୋର୍ଟଙ୍କ ଏହି ରାୟ ବିରୋଧରେ ଉପର କୋର୍ଟରେ ଆଉ ଅପିଲ କରି ନ ଥିଲେ। ଅତଏବ ଆଦିବାସୀ ଜମି ହସ୍ତାନ୍ତର ନିରାକରଣ ଆଇନରେ ୨୦୦୨ରେ ହୋଇଥିବା ସଂଶୋଧନର ଗୋଟିଏ ଧାରାକୁ ପୂର୍ବରୁ ହାଇକୋର୍ଟ ଉଚ୍ଛେଦ କରିଥିବା ବେଳେ ବର୍ତ୍ତମାନ ରାଜ୍ୟ ସରକାର ତା’ର ଦ୍ୱିତୀୟ ବ୍ୟବସ୍ଥାଟିକୁ ଖାରଜ କରିବାକୁ ଯେଉଁ ନିଷ୍ପତ୍ତି ନେଇଥିଲେ ତାହା ସମ୍ପୂର୍ଣ୍ଣ ଭାବେ ଆଦିବାସୀବିରୋଧୀ। ଏହାଫଳରେ ଆଇନଟି ୨୦୦୦ର ପୂର୍ବସ୍ଥିତିକୁ ଫେରିଯାଇଛି। ଅର୍ଥାତ୍ ଏଣିକି ଅଣଆଦିବାସୀ ଯେଉଁମାନଙ୍କ ମଧ୍ୟରେ ବଡ଼ କମ୍ପାନୀ ଓ ସରକାର ରହିଛନ୍ତି, ଆଦିବାସୀଙ୍କ ଜମିକୁ ନେବାରେ ଆଉ ଆଇନଗତ ପ୍ରତିବନ୍ଧକ ରହିବନାହିଁ।

ପ୍ରଶ୍ନ ଉଠେ, ସରକାର ୨୦୦୨ରେ ଯେଉଁ ପରିସ୍ଥିତିରେ ଆଦିବାସୀ ଜମି ସଂକ୍ରାନ୍ତୀୟ ସଂଶୋଧନ ଆଣିଥିଲେ, ଆଜି କ’ଣ ସେଥିରେ ପରିବର୍ତ୍ତନ ଘଟିଛି? ଗତ ଦୁଇ ଦଶକ ମଧ୍ୟରେ ଆଦିବାସୀମାନେ କ’ଣ ପ୍ରଚୁର ଜମିର ମାଲିକ ହୋଇଗଲେଣି ନା ସେମାନଙ୍କର ଆଉ ଜମି ହସ୍ତାନ୍ତର ହେବନି ବୋଲି ସରକାର ନିଶ୍ଚିତ ଅଛନ୍ତି? କିନ୍ତୁ ଏହାର ବିପରୀତ ଦେଶର ମହାଲେଖାଗାର ତାଙ୍କ ରିପୋର୍ଟରେ ରାଜ୍ୟରେ ଆଦିବାସୀଙ୍କ ଜମିର ସ୍ଥିତିକୁ ଅଧ୍ୟୟନ କରି ୨୦୦୫-୦୬ରୁ ୨୦୧୫-୧୬ ମଧ୍ୟରେ ଅର୍ଥାତ୍ ଦଶବର୍ଷ ମଧ୍ୟରେ ଆଦିବାସୀଙ୍କ ଜନସଂଖ୍ୟା ବଢ଼ିଥିବା ବେଳେ ସେମାନଙ୍କ ଦଖଲରେ ଥିବା ଜମିର ପରିମାଣ ୧୭.୪୮ ଲକ୍ଷ ହେକ୍ଟରରୁ ୧୫.୩୮ ଲକ୍ଷ ହେକ୍ଟରକୁ ଅର୍ଥାତ୍ ୧୨% ହ୍ରାସ ପାଇଛି ବୋଲି କହିଛନ୍ତି। ଏଭଳି ସ୍ଥିତିରେ ଆଇନକୁ କୋହଳ କରି ଅଣଆଦିବାସୀଙ୍କୁ ଜମି ହସ୍ତାନ୍ତର ପାଇଁ ଅନୁମତି ଦେବା ଆଦିବାସୀଙ୍କୁ ଧୀରେ ଧୀରେ ଜମିହୀନ କରାଇବ।

ସରକାରଙ୍କ ଯୁକ୍ତି ହେଲା, ଆଦିବାସୀ ଜମିର ହସ୍ତାନ୍ତର ଉପରେ ରହିଥିବା କଟକଣା ଯୋଗୁ ସ୍ୱଚ୍ଛଳ ଆଦିବାସୀମାନେ ନିଜର ଜମିକୁ ବଜାର ଦରରେ ବିକ୍ରି କରିବା ସମ୍ଭବ ହେଉନି। ନିଜ ଜମିକୁ ବ୍ୟାଙ୍କରେ ବନ୍ଧକ ରଖି ଋଣ ପାଇବାରେ ସମସ୍ୟା ହେଉଛି। ବିଦେଶ ଭ୍ରମଣ, ବିଦେଶରେ ପାଠ ପଢ଼ିବା ଓ ଚିକିତ୍ସା ପାଇଁ ଋଣ ପାଇବାକୁ ହେଲେ ଏହି ଆଇନ ପ୍ରତିବନ୍ଧକ ସାଜୁଛି। ଅତଏବ ଆଦିବାସୀମାନଙ୍କୁ ହିଁ ସାହାଯ୍ୟ କରିବା ପାଇଁ ତଥା ସେମାନଙ୍କ ଭିତରେ ଉଦ୍ୟୋଗୀ, ଠିକାଦାର, ବ୍ୟବସାୟୀ ଆଦି ସୃଷ୍ଟି କରିବା ପାଇଁ ଏହି କଟକଣାକୁ ଉଠେଇଦେବା ଜରୁରୀ ଥିଲା ବୋଲି କୁହାଯାଇଛି।

ଏଠାରେ ପ୍ରଶ୍ନ ଉଠେ, ଆଦିବାସୀଙ୍କ ମଧ୍ୟରେ ଏଭଳି ସ୍ୱଚ୍ଛଳ ଲୋକଙ୍କ ସଂଖ୍ୟା କେତେ, ଯେଉଁମାନେ ଉଚ୍ଚଶିକ୍ଷା ପାଇଁ ବିଦେଶ ଯିବାକୁ ଇଚ୍ଛୁକ ଅଥବା ଶିଳ୍ପ କାରଖାନା କରିବାକୁ ଆଗ୍ରହୀ? ବୋଧହୁଏ ସେଭଳି ଲୋକଙ୍କ ସଂଖ୍ୟା ରାଜ୍ୟର ମୋଟ୍ ଆଦିବାସୀଙ୍କ ସଂଖ୍ୟାର ୧%ରୁ ଅଧିକ ହେବ କି ନାହିଁ ସନ୍ଦେହ! ଏହା ବ୍ୟତୀତ ସରକାର ଏହା ଏକ ଗୁରୁତର ସମସ୍ୟା ବୋଲି କେଉଁ ଆଧାରରେ ଜାଣିଲେ? ସରକାର କେବେ ଆଦିବାସୀମାନଙ୍କ ଜମି ମାଲିକାନା ଅଥବା ସାମାଜିକ ଅର୍ଥନୈତିକ ସମସ୍ୟାକୁ ଜାଣିବା ପାଇଁ ଅଧ୍ୟୟନ କିମ୍ବା ସର୍ଭେ କରିଛନ୍ତି କି? ଯଦି ନାହିଁ ତା’ହେଲେ ସରକାରଙ୍କ ନିଷ୍ପତ୍ତିକୁ ଏକପାଖିଆ ବୋଲି କୁହାଯିବ। କାରଣ ସରକାରଙ୍କ ଉପରୋକ୍ତ ନିଷ୍ପତ୍ତିଟି ହୁଏତ ମାତ୍ର ଏକଭାଗ ଆଦିବାସୀଙ୍କୁ ସାହାଯ୍ୟ କରିପାରେ, କିନ୍ତୁ ଏହାଫଳରେ ୯୫%ରୁ ଅଧିକ ଆଦିବାସୀ କ୍ଷତିଗ୍ରସ୍ତ ହେବେ।

ଅନ୍ୟପଟେ ରାଜ୍ୟରେ ଜମି ଓ ଜଙ୍ଗଲ ଉପରେ ଅଧିକାର ଦେବାକୁ ଆଦିବାସୀମାନେ ବାରମ୍ବାର ଦାବିକରି ଆସିଥିଲେ ମଧ୍ୟ ସରକାର କେବେ ତାକୁ ଗୁରୁତ୍ୱ ଦେଇନାହାନ୍ତି। ରାଜ୍ୟରେ ପୂର୍ବରୁ ଭୂମିହୀନ ଲୋକ ବିଶେଷକରି ଆଦିବାସୀ ଓ ଦଳିତଙ୍କୁ ସରକାରୀ ଓ ସିଲିଂ ବହିର୍ଭୂତ ଜମି ବଣ୍ଟନ କରାଯାଉଥିବାବେଳେ ତାହା ଗତ ଦୁଇ ଦଶନ୍ଧି ଧରି ସରକାର ବନ୍ଦ ରଖିଛନ୍ତି। ଏବେ ସରକାରୀ ଜମିକୁ ଗରିବଙ୍କୁ ବାଣ୍ଟିବା ବଦଳରେ ସଂରକ୍ଷିତ ରଖିବାକୁ ନିର୍ଦ୍ଦେଶ ରହିଛି। ଯାହାଫଳରେ ସରକାରୀ ଜମିରେ ବର୍ଷ ବର୍ଷ ଧରି ଚାଷ ଓ ବାସକରି ରହିଥିବା ରାଜ୍ୟର ଲକ୍ଷ ଲକ୍ଷ ଆଦିବାସୀଙ୍କ ଦଖଲ ନିୟମିତ ହୋଇପାରୁନି। ଏଭଳି ସ୍ଥିତିରେ ଆଦିବାସୀ ଜମିକୁ ହସ୍ତାନ୍ତର ପାଇଁ ଅନୁମତି ଦେବାକୁ ସରକାର ଯେଉଁ ନିଷ୍ପତ୍ତି ନେଇଥିଲେ, ତାହା ଆଦୌ ବାସ୍ତବତା ଉପରେ ଆଧାରିତ ନୁହେଁ। ତାହା ଆଦିବାସୀଙ୍କୁ ସଶକ୍ତୀକରଣ କରିବା ବଦଳରେ ସେମାନଙ୍କୁ ଜମିହୀନ କରି ଦାରିଦ୍ର୍ୟ ଭିତରକୁ ଠେଲିଦେବ।

ମୋ-୯୪୩୭୧୬୬୩୯୧

# ସଙ୍କଟରେ ପବିତ୍ର ବନ୍ଧନ



ବୈକୁଣ୍ଠନାଥ ମିଶ୍ର

ସମୟରେ ବିପରୀତ ଲିଙ୍ଗୀ ବିବାହ ସ୍ଥାନରେ ସମଲିଙ୍ଗୀ ବିବାହ ଶବ୍ଦ ଶ୍ରୁତିଗୋଚର ହେଲାଣି। ସମଲିଙ୍ଗୀ ବନ୍ଧୁତା ସର୍ବଗ୍ରାହ୍ୟ ହୋଇଥିବା ବେଳେ ସମଲିଙ୍ଗୀ ବିବାହ ଶବ୍ଦଟି ଅନେକଙ୍କ ପାଇଁ ଭ୍ରୂକୁଞ୍ଚନ ସୃଷ୍ଟି କରୁଛି। ସମସ୍ତ କଳ୍ପନାଜଳ୍ପନାର ଅବସାନ ଘଟାଇ ନିକଟରେ ସର୍ବୋଚ୍ଚ ନ୍ୟାୟାଳୟ ସମଲିଙ୍ଗୀ ବିବାହକୁ ଅସିଦ୍ଧ ଘୋଷଣା କରିଛନ୍ତି।

ବିବାହ ସମ୍ପ୍ରତି ଏକ ପ୍ରହସନରେ ପରିଣତ ହେବାକୁ ବସିଛି। ଏଥିରେ ପବିତ୍ରତା ଅପେକ୍ଷା ନାରକୀୟତା ଅଧିକ ପରିଦୃଷ୍ଟ ହେଉଛି। ବିବାହ ପୂର୍ବର ଆନନ୍ଦ ବିବାହର ଅଳ୍ପ କେତେଟା ଦିନ ମଧ୍ୟରେ ବିଷାଦରେ ପରିବର୍ତ୍ତିତ ହେଉଛି। ଛାଡ଼ପତ୍ର ପରି ଏକ ଘୃଣିତ କୀଟ ବିବାହର ପବିତ୍ରତାକୁ ଦଂଶନ କରି ଏହାକୁ ଅଭିଶପ୍ତ କରି ଦେଉଛି।। ପୁରାଣ ଇତିହାସ ଯୁଗରେ ରାଜା ଜମିଦାରମାନେ ବହୁପତ୍ନୀ ଗ୍ରହଣ କରୁଥିଲେ ଏବଂ ଏହା ତାଙ୍କ ସମ୍ଭ୍ରାନ୍ତପଣର ଗରିମାର ନିଦର୍ଶନ ଥିଲା। ସୁନ୍ଦରୀ ଲଳନାଟିଏ ଦୃଷ୍ଟିଗୋଚର ହେବା ମାତ୍ରେ ତାକୁ କଳେବଳେ କୌଶଳେ ପତ୍ନୀତ୍ୱରେ ଆଭୂଷିତ କରୁଥିଲେ। କିନ୍ତୁ ଆଜିର ଗଣତାନ୍ତ୍ରିକ ବିଧିବ୍ୟବସ୍ଥାରେ ଏହାର ପ୍ରାସଙ୍ଗିକତା ନାହିଁ। ତଥାପି ଜଣକୁ ବିବାହର ପ୍ରତିଶ୍ରୁତି ଦେଇ ଅନ୍ୟଜଣକୁ ବିବାହ କରିବାର ମାନସିକତା ବହୁ ପ୍ରତିଷ୍ଠିତ ବ୍ୟକ୍ତି ଓ ରାଜନେତାଙ୍କଠାରେ ପରିଦୃଷ୍ଟ ହେଲାଣି। ବିବାହ ନ କରି ଅନ୍ୟମାନଙ୍କ ଅଗୋଚରରେ ଏକତ୍ରବାସ କରିବା (ଲିଭ୍-ଇନ୍-ରିଲେଶନଶିପ୍) ଆଜିର ସମାଜରେ କାୟାବିସ୍ତାର କରିବାକୁ ବସିଲାଣି।

ସମ୍ପ୍ରତି ବିବାହରେ ମାତାପିତାଙ୍କ ଭୂମିକା ଅତ୍ୟନ୍ତ ନଗଣ୍ୟ। କନ୍ୟା ନିରୂପଣଠାରୁ ବୈବାହିକ କର୍ମ ସମ୍ପାଦନରେ ସେମାନଙ୍କ ସମ୍ପୃକ୍ତି ଗୁରୁତ୍ୱହୀନ। ପ୍ରେମ ବିବାହ ଭଲ କଥା। କିନ୍ତୁ ପ୍ରେମ ବିବାହ ଅଧିକାଂଶ କ୍ଷେତ୍ରରେ ଅସଫଳ ହେଉଛି। ଯୌତୁକ ରାକ୍ଷସର କରାଳ ପଞ୍ଝା ହେଉ କିମ୍ବା ନିଶାସେବନର ଉତ୍କଟ ପରିଣତି ହେଉ ବିବାହର ସ୍ଥାୟିତ୍ୱକୁ ପ୍ରଭାବିତ କରୁଛି। ଫଳରେ ଦମ୍ପତି ପରସ୍ପରଠାରୁ ବିଚ୍ଛିନ୍ନ ହେବାକୁ ପସନ୍ଦ କରୁଛନ୍ତି। ପ୍ରାକ୍ ବିବାହ ପ୍ରେମ ଓ ବିବାହୋତ୍ତର ପ୍ରେମ ଦୁଇଟି ଅଲଗା କଥା। ପ୍ରାକ୍ ବିବାହ ପ୍ରେମରେ ଥାଏ ଆସକ୍ତି ଓ ବିବାହୋତ୍ତର ପ୍ରେମ ଦୀର୍ଘସ୍ଥାୟୀ ହୁଏ। କାରଣ ପ୍ରାକ୍ ବିବାହ ପ୍ରେମରେ ଥାଏ ଆସକ୍ତି ଓ ବିବାହୋତ୍ତର ପ୍ରେମରେ ଥାଏ ମମତା। ଆସକ୍ତି କ୍ଷଣସ୍ଥାୟୀ ଓ ମମତା ଚିରନ୍ତନ। ଆୟୋଜିତ ବିବାହରେ ମାତାପିତା ଓ ସମ୍ପର୍କୀୟମାନଙ୍କର ସମ୍ପୃକ୍ତି ଯଥେଷ୍ଟ ରହୁଥିଲା ଓ ଦାମ୍ପତ୍ୟ ଜୀବନରେ ଉଠୁଥିବା ସମସ୍ୟାକୁ ସେମାନେ ସମାଧାନ କରିବାକୁ ପ୍ରୟାସ କରୁଥିଲେ। ମାତ୍ର ପ୍ରେମ ବିବାହରେ ମାତାପିତାଙ୍କ ସମ୍ପୃକ୍ତି ଗୌଣ ହୋଇଥିବାରୁ ନବବିବାହିତ ଦମ୍ପତି ସ୍ୱେଚ୍ଛାଚାରର ବଶବର୍ତ୍ତୀ ହୋଇ ଛାଡ଼ପତ୍ର ପର୍ଯ୍ୟନ୍ତ ଆଗେଇ ଯାଉଛନ୍ତି। ଦାମ୍ପତ୍ୟ ଜୀବନରେ ନାହିଁ ଅନୁରାଗ ଓ ଉତ୍ସର୍ଗୀକୃତ ମନୋଭାବ। ପରସ୍ପର ଚରିତ୍ର ପ୍ରତି ସନ୍ଦେହ ପ୍ରକଟ କରିବା ଏକ ସାଧାରଣ ଘଟଣା।

ପ୍ରେମ ବିବାହକୁ ଆଜିକାଲି ଅଧିକରୁ ଅଧିକ



ଉତ୍ସାହିତ କରାଯାଉଥିବାର ଲକ୍ଷ୍ୟ କରାଯାଉଛି। ଏ କ୍ଷେତ୍ରରେ ନ୍ୟାୟାଳୟମାନଙ୍କର ଭୂମିକା ମଧ୍ୟ କମ୍ ତାତ୍ପର୍ଯ୍ୟପୂର୍ଣ୍ଣ ନୁହେଁ। ଝିଅପୁଅଙ୍କ ସହମତିକୁ ଅଗ୍ରାଧିକାର ଦେବାପାଇଁ ବିଭିନ୍ନ ନ୍ୟାୟାଳୟ ଭିନ୍ନଭିନ୍ନ ସମୟରେ ନିଷ୍ପତ୍ତି ପ୍ରଦାନ କରି ଆସୁଛନ୍ତି। କେତେକ ବୁଦ୍ଧିଜୀବୀ ଝିଅପୁଅଙ୍କର ବିବାହ ସମ୍ମତି ବୟସ କୋହଳ କରାଯିବାକୁ ମତ ଦେଉଛନ୍ତି। ସେମାନଙ୍କ ମତରେ ବିବାହ ବୟସ ହ୍ରାସ କରାଗଲେ ନବ ଦମ୍ପତିଙ୍କ ଭିତରେ ପ୍ରେମ ଦୃଢ଼ତର ହେବ ଓ ଏଥିଯୋଗୁଁ ଭବିଷ୍ୟତରେ ଉପୁଜୁଥିବା ଅଘଟଣ ଯଥେଷ୍ଟ ହ୍ରାସ ପାଇବ। କିନ୍ତୁ ଏପରି ଏକ ମତକୁ ଭାରତର ନ୍ୟାୟିକ କମିଶନ ନାପସନ୍ଦ କରିଛନ୍ତି। କମିଶନଙ୍କ ମତରେ ବିବାହ ସହମତିର ବୟସ ସୀମା କୋହଳ କରାଗଲେ ଶିଶୁ ବିବାହ ପୁଣି ମୁଣ୍ଡ ଟେକିବ। ଷୋହଳ ବର୍ଷକୁ ଯଦି ସହମତିର ବୟସ ଧରାଯାଏ, ତେବେ ଚିକିତ୍ସା ଶାସ୍ତ୍ର ଅନୁସାରେ ଏହା ସ୍ୱାସ୍ଥ୍ୟଗତ କାରଣରୁ ଗ୍ରହଣୀୟ ନୁହେଁ। ଇତିମଧ୍ୟରେ କର୍ନାଟକ ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଋତୁରାଜ ଅଗସ୍ତିଙ୍କ ଅଧ୍ୟକ୍ଷତାରେ ଗଠିତ ଏକ କମିଶନ ଶିଶୁଙ୍କୁ ଯୌନ ଉତ୍ପୀଡ଼ନରୁ ରକ୍ଷା କରିବା ଆଇନ (ପୋକ୍‌ସୋ)ରେ ପରିବର୍ତ୍ତନ ଆବଶ୍ୟକ ବୋଲି ମତ ଦେଇଛନ୍ତି। କମିଶନଙ୍କ ମତରେ ଝିଅ ପୁଅଙ୍କୁ ଷୋହଳ ବର୍ଷ ବୟସ ହୋଇଗଲେ ସେମାନଙ୍କୁ ଶିଶୁ ବୋଲି ଅଭିହିତ ନ କରି ସେମାନଙ୍କ ଯୌନଜୀବନ ପ୍ରତି କୋହଳ ମନୋଭାବ ପୋଷଣ କରିବା ଆବଶ୍ୟକ। ଏଠାରେ ଆଉ ଗୋଟିଏ କଥାକୁ ମଧ୍ୟ ଗୁରୁତ୍ୱ ଦିଆଯିବା ଆବଶ୍ୟକ।

ଆଜିକାଲି ଯୁବତୀଯୁବକ ଯୌନାଚାରକୁ ଅତି ସାଧାରଣ ଭାବେ ଗ୍ରହଣ କରୁଛନ୍ତି। ସାମାଜିକ ଗଣମାଧ୍ୟମ ଓ ଦୂରଦର୍ଶନ ସେମାନଙ୍କୁ ଯଥେଷ୍ଟ ପ୍ରଭାବିତ କରୁଛି। ଏସବୁ ଦୃଷ୍ଟିରୁ ଯୌନ ସମ୍ପର୍କ ସ୍ଥାପନ ଓ ବିବାହ ସହମତିର ବୟସ ସୀମା କୋହଳ ଏକ ବିତର୍କିତ ପ୍ରସଙ୍ଗ କହିଲେ ଅତ୍ୟୁକ୍ତି ହେବ ନାହିଁ। ମା’, ବାପା ଓ ସମାଜ ଏ ବିଷୟରେ ଗଭୀର ଅନୁଚିନ୍ତନ କରିବାର ସମୟ ଉପଗତ। ପ୍ରାବନ୍ଧିକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଆଜକୁ ପ୍ରାୟ ଶହେ ବର୍ଷ ତଳେ ମତ ପୋଷଣ କରିଥିଲେ ଯେ ପୁରୁଷ କ୍ଷେତ୍ରରେ ଚବିଶବର୍ଷ ପୂର୍ବରୁ ଶରୀର ସଙ୍ଗମ ହେବା ଉଚିତ ନୁହେଁ। ଯେଉଁ ସମୟରେ ସମାଜ ବାଲ୍ୟବିବାହର କରୁଣ ବିଭୀଷିକାରେ ଉତ୍ପୀଡ଼ିତ ସେହି ସମୟରେ ପ୍ରାବନ୍ଧିକଙ୍କ ମତକୁ ସହଜରେ ଗ୍ରହଣ କରାଯାଇ ନ ଥିଲା। ସେମାନେ ମତ ଦେଉଥିଲେ ଯେ ବିଳମ୍ବିତ ବିବାହ ଏକନିଷ୍ଠ ପ୍ରେମର ପ୍ରଧାନ ଅନ୍ତରାୟ।

ଆଜି ଆଉ ସେପରି ମନୋଭାବର ଦୃଷ୍ଟାନ୍ତ ଦେଖିବାକୁ ମିଳୁନାହିଁ। ବାଲ୍ୟବିବାହ ନିଜର ସତ୍ତା ହରାଇଛି। କିନ୍ତୁ ତା’ ସ୍ଥାନରେ ପ୍ରାକ୍ ବିବାହ ଓ ବିବାହୋତ୍ତର ଯୌନ ବିଶୃଙ୍ଖଳା ଅଦମନୀୟ ଭାବେ ମୁଣ୍ଡଟେକିଛି। ପବିତ୍ର ବନ୍ଧନ ଆଜି ସଙ୍କଟରେ।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ: ୯୯୩୭୪୫୦୫୪୦

## ଏଇ ଭାରତରେ

ଡାକ୍ତରମାନେ ମାଗଣାରେ ଚିକିତ୍ସା କରୁଥିବା ବିଷୟ ନିୟମିତ ଭାବେ ପ୍ରକାଶ ପାଉଛି। କିନ୍ତୁ ୭୦ ବର୍ଷ ବୟସରେ ଡାକ୍ତର ଅରୁଣୋଦୟ ମଣ୍ଡଳ ୧୬୦ କି.ମି.ଦୂର ଯାତ୍ରା କରି ମାଗଣାରେ ରୋଗୀ ଚିକିତ୍ସା କରିବା ଘଟଣା ନିଶ୍ଚିତ ଭାବେ ଭିନ୍ନ ଓ ପ୍ରେରଣାଦାୟକ। ଏହି କାର୍ଯ୍ୟ ସେ ପଶ୍ଚିମବଙ୍ଗ ସୁନ୍ଦରବନ ଅଞ୍ଚଳରେ ଜାରି ରଖିଛନ୍ତି। ଡା.ମଣ୍ଡଳ ସପ୍ତାହାନ୍ତରେ କୋଲକାତାରୁ ସୁନ୍ଦରବନରେ ଥିବା ତାଙ୍କ ସୁଜନ କ୍ଲିନିକ୍‌କୁ ଯାଉଛନ୍ତି। ଏହି କ୍ଲିନିକ୍ ଦୁର୍ଗମ ହିଙ୍ଗାଲଗଞ୍ଜ ଅଞ୍ଚଳରେ ରହିଛି। ୨୦୦୦ ମସିହାରୁ ସେ ଏହି ସେବା କରିଆସୁଛନ୍ତି। ପ୍ରତିବର୍ଷ ସେ ୧୨,୦୦୦ରୁ ଅଧିକ ରୋଗୀଙ୍କ ଚିକିତ୍ସା କରୁଛନ୍ତି। ୨୩ ବର୍ଷ ହେଲା ସେ ସପ୍ତାହାନ୍ତରେ ବଡିଭୋରୁ ଉଠି ଦମ୍ ଦମ୍ କ୍ୟାଣ୍ଟନମେଣ୍ଟ ରେଲୱେ ଷ୍ଟେଶନରୁ ଟ୍ରେନ ଯୋଗେ ହସନାବାଦକୁ ଯାଇ ସେଠାରୁ ଅଟୋରିକ୍ସା ଯୋଗେ ଲେବୁଖାଲି ଏବଂ ପୁନର୍ବାର ସେଠାରୁ ନଦୀ ପାର ହୋଇ ହିଙ୍ଗାଲଗଞ୍ଜ କ୍ଲିନିକରେ ପହଞ୍ଚୁଛନ୍ତି। ଏଥିପାଇଁ ୬ ଘଣ୍ଟା ଯାତ୍ରାରେ ୧୬୦ କି.ମି. ଯିବାକୁ ହେଉଛି। ଦୀର୍ଘବର୍ଷ ହେଲା ମାଗଣାରେ ଚିକିତ୍ସା କରୁଥିବାରୁ ସୁନ୍ଦରବନ ଲୋକେ ତାଙ୍କୁ ଶ୍ରଦ୍ଧାରେ ‘ସୁନ୍ଦରବନ କି ସୁଜାନ’ ବୋଲି ସମ୍ବୋଧନ କରନ୍ତି। ଡା. ମଣ୍ଡଳ କୋଲକାତା ନ୍ୟାଶନାଲ ମେଡିକାଲ କଲେଜରୁ ଡିଗ୍ରୀ ହାସଲ କରିବା ପରେ ଡ. ବି. ରୟ ମେଡିକାଲ କଲେଜ ଫର୍ ଚିଲ୍‌ଡ୍ରେନରେ ଚାକିରି କରିଥିଲେ। ପରେ ଚାକିରି ଛାଡ଼ି ସୁନ୍ଦରବନର ହିଙ୍ଗାଲଗଞ୍ଜକୁ ଚିକିତ୍ସାର କେନ୍ଦ୍ର ଭାବେ ଗ୍ରହଣ କରିଥିଲେ।

## ଚିରନ୍ତନୀ

ଅସ୍ଫୁଟ କେଉଁ ଶିଶୁର ମଧୁର ବାଣୀ
ବାଜେ ପଥିକର ସବୁ ଇନ୍ଦ୍ରିୟ ଟାଣି
ଆସଇ ଚେତନା ଚମକି ଆଗକୁ ଧାଏଁ
ପାହାଡ଼ ପାଚେରି ଉଠିଚି ଆକାଶ ଯାଏଁ
ଲୋଡ଼େ ଆଉ ପାରି ଡେଇଁଯିବା ପାଇଁ ଉଡି
ଦୂର ଗାଆଁ କୋଳେ ରବି ଯାଏ ଧୀରେ ବୁଡି।
-(ଏହି ଯେ ପାହାଡ଼)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | | | | 9 | 4 | 8 |
| | | | 8 | | | | | |
| | | 7 | | 4 | | 1 | 6 | |
| 5 | | | | | 8 | | 2 | 9 |
| | 3 | | | | 6 | 5 | | |
| | | 6 | | | | | | |
| | | | | | 3 | | 8 | |
| 9 | 5 | | | | 1 | | | |
| | | | | 6 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 4 | 2 | 3 | 6 | 7 | 9 | 1 |
| 9 | 2 | 3 | 1 | 5 | 7 | 6 | 4 | 8 |
| 7 | 1 | 6 | 8 | 4 | 9 | 2 | 3 | 5 |
| 5 | 4 | 2 | 6 | 8 | 1 | 3 | 7 | 9 |
| 6 | 8 | 1 | 9 | 7 | 3 | 4 | 5 | 2 |
| 3 | 7 | 9 | 5 | 2 | 4 | 8 | 1 | 6 |
| 2 | 3 | 8 | 7 | 1 | 5 | 9 | 6 | 4 |
| 1 | 9 | 7 | 4 | 6 | 2 | 5 | 8 | 3 |
| 4 | 6 | 5 | 3 | 9 | 8 | 1 | 2 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜଳଉତ୍ସର ସୁରକ୍ଷା ହେଉ

ମହାଶୟ,

ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ହେବା ସହ ପରିବେଶ ଦୂଷିତ ହେଉଛି। ଏହାର ମୁଖ୍ୟ କାରଣ ହେଲା ଅତ୍ୟଧିକ ଯାନବାହାନ ଚଳାଚଳ, କଳକାରଖାନାର ଦୂଷିତ ଧୂଆଁ , ବ୍ୟବହୃତ ଜଳ ଆଦିର ପରିଚାଳନା ନ ହେବା । ଏହା ବ୍ୟତୀତ ପର୍ବପର୍ବାଣି ପାଳନରେ ମଧ୍ୟ ଜଳ ପ୍ରଦୂଷଣ ବୃଦ୍ଧି ପାଉଛି। ସାଧାରଣତଃ କାର୍ତ୍ତିକ ପୂର୍ଣ୍ଣିମାରେ ବହୁ ସଂଖ୍ୟକ ଲୋକ ନଦୀ ଘାଟରେ କିମ୍ବା ଅନ୍ୟାନ୍ୟ ଜଳାଶୟରେ ଏକତ୍ରିତ ହୋଇଥାନ୍ତି ଏବଂ ଭୋର ସମୟରେ ବୁଡ଼ ପକେଇବା ସହ ଡଙ୍ଗାଭସା ପରମ୍ପରା ରହିଛି । କିନ୍ତୁ ଏହା ପରିବେଶ ଉପରେ କେତେ ଯେ କ୍ଷତିକାରକ ତା’ର କଳନା କରାଯାଇପାରିବ ନାହିଁ। ଆଜିର ମଣିଷ ନିଜର ଖୁସି ମନେଇବା ପାଇଁ ପରିବେଶକୁ ଦୂଷିତ କରୁଛି । ବିଭିନ୍ନ ଧରଣର ପୂଜାପାଠରେ ପରିବେଶକୁ ଦୂଷିତ କରିବା ଭଳି ବହୁ ନକାରାତ୍ମକ କାର୍ଯ୍ୟ କରାଯାଉଛି। ତେବେ କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବନ୍ଦାଣ ସହିତ ଧୂପ, ଦୀପ, ମହମବତୀ, ଗୁଆ , ପାନପତ୍ର, ବେଲପତ୍ର ଆଦି ଡଙ୍ଗାରେ ରଖାଯାଇ ତାହାକୁ ପାଣିରେ ଭସାଇ ଦିଆଯାଏ। ଏସବୁ ପାଣିରେ ରହି ପଚି ପାଣିକୁ ଦୂଷିତ କରିଦିଏ । ଏହାଦ୍ୱାରା ପାଣିରେ ରହୁଥିବା ଜଳଚର ପ୍ରାଣୀ ମାନଙ୍କ ଉପରେ କୁପ୍ରଭାବ ପଡିଥାଏ । ଯଦି ପରିବେଶକୁ ପ୍ରଦୂଷଣ ମୁକ୍ତ କରି ଜୀବଜଗତକୁ ସୁରକ୍ଷିତ ରଖିବାକୁ ଚହୁଁଛେ ତେବେ ଏଦିଗରେ ଲୋକମାନଙ୍କୁ ସଚେତନ କରାଇବା ଆବଶ୍ୟକ।

-ଦୀପ୍ତିମୟୀ ନାୟକ, ଅନ୍ଧାରୁଆ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ୬ ବର୍ଷର ନାବାଳିକାଙ୍କୁ ବଳାତ୍କାର

ଭୋଗରାଇ, ୨୪।୧୧(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଞ୍ଚଳରେ ଜଣେ ୬ ବର୍ଷର ନାବାଳିକାଙ୍କୁ ବଳାତ୍କାର କରି କ୍ଷତାକ୍ତ କରିଥିବା ଅଭିଯୋଗରେ ପୋଲିସ ଜଣେ ରାଜମିସ୍ତ୍ରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ନାବାଳିକାଙ୍କ ଘରେ ମା’ ବାପା ନ ଥିବା ସୁଯୋଗ ନେଇ ରାଜମିସ୍ତ୍ରୀ ବଳାତ୍କାର କରିଥିବା ଅଭିଯୋଗରେ ଦର୍ଶାଯାଇଛି। ସୂଚନା ଅନୁଯାୟୀ, ରାଜମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ହରିପୁର ଗ୍ରାମର ହରନାରାୟଣ ମଣ୍ଡଳ ଚକଲେଟ ଦେବାର ପ୍ରଲୋଭନ ଦେଖାଇ ଘରେ ଛାତ ସିଡ଼ି ତଳେ ଡାକିନେଇ ବଳତ୍କାର କରିଥିଲେ। ନାବାଳିକାଙ୍କ ମା’ ବାପା ଘରେ ପହଞ୍ଚି ସମସ୍ତ ଘଟଣା ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ. ୪୩୫/୨୩)ରୁଜୁ କରି ଯୁବକଙ୍କୁ ପୋଲିସ ଘରୁ ଗିରଫ କରିଥିଲା। ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ପୀଡ଼ିତା ନାବାଳିକାଙ୍କୁ ଡାକ୍ତରୀମାଇନା ପାଇଁ ବାଲେଶ୍ୱର ପଠାଯାଇଛି।

### ଆକ୍ରମଣ କରି ଟଙ୍କା, ମୋବାଇଲ ଲୁଟ୍

ଯୋଡ଼ା,୨୪।୧୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ାସ୍ଥିତ ପଣସଗୁଡ଼ାଠାରେ ଗୁରୁବାର ରାତିରେ ଦୁର୍ବୃତ୍ତ ଜଣଙ୍କ ଘରେ ପଶି ଛୁରିରେ ଆକ୍ରମଣ କରି ୮ ହଜାର ଟଙ୍କା ଓ ମୋବାଇଲ ଲୁଟି ନେଇଛନ୍ତି। ଏ ନେଇ ଉକ୍ତ ଘରେ ଭଡ଼ାରେ ରହୁଥିବା ବିଭୂତି ଭୂଷଣ ନାଏକ ଥାନାରେ ଅଭିଯୋଗ କରିଛନ୍ତି। ଆକ୍ରମଣରେ ବିଭୂତିଙ୍କ ହାତ ପାପୁଲି, ବେକରେ କ୍ଷତ ହୋଇଛି।

### କାଳିଆହୋତାରେ ଆମ୍ବୁଲାନ୍ସ ସେବା ଆରମ୍ଭ

ତେଲକୋଇ,୨୪।୧୧(ରଞ୍ଜିତ ବିଶ୍ୱାଳ)

କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍‌ର କାଳିଆହୋତା ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ରାଷ୍ଟ୍ରୀୟ ଆମ୍ବୁଲାନ୍ସ ସେବା ଆରମ୍ଭ ହୋଇଛି। ସାମାଜିକକର୍ମୀ ଲଲାଟେନ୍ଦୁ ଅମ୍ପ, ଚଗଲା ଦେହୁରୀ ସମେତ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ଓ ଗ୍ରାମବାସୀ ଏହାକୁ ସ୍ୱାଗତ କରି ଆମ୍ବୁଲାନ୍ସକୁ ପୂଜାର୍ଚ୍ଚନା କରିଥିଲେ।

### ଘର ଭିତରକୁ ପଶିଗଲା କାର୍

କେନ୍ଦୁଝର,୨୪।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ରାଇକଳା କୁକୁଡ଼ାପଳା ନିକଟରେ ଶୁକ୍ରବାର ଏକ(ନଂ. ଜେଏଚ ଜି-୧-ଇ-ଡି-୦୫୩୬)କାର୍ ନିୟନ୍ତ୍ରଣ ହରାଇ ଏକ ଘରେ ପଶିଯାଇଛି। ଦୁର୍ଘଟଣାରେ ଘର କାନ୍ଥ ଓ ଗାଡ଼ି ସାମ୍ନାଭାଗ ଭାଙ୍ଗି ଯାଇଥିବାବେଳେ ଚାଳକ ଗୁରୁତର ହୋଇଛନ୍ତି। ଗୁରୁତରଙ୍କ ପରିଚୟ ମିଳିପାରି ନ ଥିବାବେଳେ ଉପସ୍ଥିତ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଯୋଗେ ସ୍ଥାନୀୟ ମେଡିକାକୁ ପଠାଇଛନ୍ତି। ଖବର ପାଇ ପଳାଶପଙ୍ଗା ବିଟ୍ ଅଧିକାରୀ ମାନସ ରଞ୍ଜନ ପଣ୍ଡା ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରିବା ସହିତ ଥାନାକୁ ଆଣି ତଦନ୍ତ ଚଳାଇଛନ୍ତି। ଦୁର୍ଘଟଣା ସମୟରେ ସେଠାରେ କେହି ନ ଥିବାରୁ ଅଳ୍ପକେ ବଡ଼ ଅଘଟଣ ଟଳିଯାଇଛି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ ଲଙ୍ଗଳେଶ୍ୱର (କମଳାକାନ୍ତ ଦାସ), ୨୪।୧୧

ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧୀନ ଆଳାଡ଼ିହା ପଞ୍ଚାୟତର ପନ୍ତା ଗ୍ରାମର ଏକ ଖଣ୍ଡି ଜଙ୍ଗଲରେ ଥିବା ଡିମ୍ବିରୁ ଗଛରୁ ଶୁକ୍ରବାର ପୂର୍ବାହ୍ନରେ ସନ୍ଦେହଜନକ ଭାବେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ବାଲିଆପାଳ ପୋଲିସ ଜବତ କରିଛି। ମୃତକ ହେଲେ ସେହି ଗ୍ରାମର ଅନନ୍ତ ବିଶ୍ୱାଳଙ୍କ ପୁଅ ଜଗନ୍ନାଥ (୨୯)।

ଜଗନ୍ନାଥ ଗତ ଗୁରୁବାର ସନ୍ଧ୍ୟାରୁ ନିଖୋଜ ଥିଲେ। ମାତ୍ର ଶୁକ୍ରବାର ସକାଳେ ଘରଠାରୁ ୫୦୦ ମିଟର ଦୂରରେ ଥିବା ଜଙ୍ଗଲରେ ଝୁଲନ୍ତା ଅବସ୍ଥାରେ ପରିବାର ଲୋକେ ଦେଖି ବାଲିଆପାଳ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚିବା ପରେ ଜଗନ୍ନାଥଙ୍କ ପାଦ ମାଟିରେ ଲାଗିଥିବାରୁ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଜଗନ୍ନାଥଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରି ଜାମକୁଣ୍ଡା ଫାଣ୍ଡି ଅଧିକାରୀ ଶାରଦା ପ୍ରସନ୍ନ ମୁଦୁଲି ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରି ମୃତଦେହକୁ ବ୍ୟବଚ୍ଛେଦ କରିବା ପାଇଁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି।

# ଗାଡ଼ି ମାଲିକାନା ପରିବର୍ତ୍ତନକୁ ନେଇ ଗଳା କାଟିଥିଲେ

- ବ୍ୟବସାୟୀ ଚିତ୍ତ ରଞ୍ଜନ ବେହେରା ହତ୍ୟା ଘଟଣା
- ହୋଟେଲ ମାଲିକଙ୍କ ସମେତ ୩ କୋର୍ଟଚାଲାଣ

ଉଦଳା,୨୪।୧୧(ସନ୍ତୋଷ କୁମାର ବାଛିନୀ)


ଗିରଫ ୩ ଅଭିଯୁକ୍ତ।

ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ସମୀବୃକ୍ଷ ପର୍ଯ୍ୟଟନସ୍ଥଳୀ ନିକଟରେ ବ୍ୟବସାୟୀ ଚିତ୍ତରଞ୍ଜନ ବେହେରାଙ୍କ ହତ୍ୟା ଘଟଣାର ପର୍ଦ୍ଦାଫାସ କରିଛି ପୋଲିସ। ଗାଡ଼ି ମାଲିକାନା ସତ୍ତ୍ୱ ପରିବର୍ତ୍ତନକୁ ନେଇ ଅଭିଯୁକ୍ତମାନେ ତାଙ୍କ ଗଳା କାଟି ହତ୍ୟା କରିବା ପରେ ପ୍ରମାଣ ନଷ୍ଟ ପାଇଁ ଗାତ ଖୋଳି ପୋତି ଦେଇଥିବା ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସାର୍ଥକ ରାୟ ସୂଚନା ଦେଇଛନ୍ତି। ହତ୍ୟାକାଣ୍ଡରେ ସମ୍ପୃକ୍ତ ବାଲେଶ୍ୱର ଜିଲା ଶିଳ୍ପାଞ୍ଚଳ ଥାନା ଅଞ୍ଚଳର ହୋଟେଲ ମାଲିକ ପ୍ରଫୁଲ୍ଲ ବେହେରା, କପ୍ତିପଦା ଥାନା ଦେବଳା ଅଞ୍ଚଳର ଜୟଚନ୍ଦ୍ର ସିଂ ଓ ରସା ମୋହନ ସିଂଙ୍କୁ ପୋଲିସ କୋର୍ଟଚାଲାଣ କରିଛି। ଅନ୍ୟଜଣେ ଅଭିଯୁକ୍ତ ଫେରାର ଥିବାରୁ ତାଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି।

ପୋଲିସ ସୂଚନା ଅନୁଯାୟୀ, ବ୍ୟବସାୟୀ ଚିତ୍ତରଞ୍ଜନ ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅଧୀନ ଜାନୁଗଞ୍ଜ ଗୋଲେଇ ନିକଟରେ ରହୁଥିଲେ। ସେ ପୁରୁଣା ଯାନବାହନ କ୍ରୟବିକ୍ରୟ, ବାଲି, ଇଟା ଆଦି ବ୍ୟବସାୟ କରୁଥିବା ବେଳେ ତାଙ୍କ ସାଙ୍ଗ ତଥା ହୋଟେଲ ମାଲିକ ପ୍ରଫୁଲ୍ଲଙ୍କ ନିକଟରୁ ଏକ ୭୦୯ ଗାଡ଼ି କିଣିଥିଲେ। ଏହି ଗାଡ଼ିର ଟଙ୍କା ଚିତ୍ତରଞ୍ଜନ ସମ୍ପୂର୍ଣ୍ଣ ଦେଇ ନ ଥିବା ବେଳେ କିସ୍ତିରେ ଟଙ୍କା ଦେବେ ବୋଲି କଥା ହୋଇଥିଲା। ତେବେ ଗାଡ଼ିର ମାଲିକାନା ସତ୍ତ୍ୱ ପରିବର୍ତ୍ତନକୁ ନେଇ ପ୍ରଫୁଲ୍ଲ ଓ ଚିତ୍ତରଞ୍ଜନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଗତ ରବିବାର ସନ୍ଧ୍ୟାରେ ହୋଟେଲ ମାଲିକ ପ୍ରଫୁଲ୍ଲ ଭୋଜି କରିବା କହି ଚିତ୍ତରଞ୍ଜନଙ୍କୁ ଗାଡ଼ିରେ ବସାଇ କପ୍ତିପଦା ଥାନା ଅଧୀନ ସମୀବୃକ୍ଷ ଅଞ୍ଚଳକୁ ଆଣିଥିଲେ। ସେଠାରେ ତାଙ୍କର ଅନ୍ୟ ୩ ସାଙ୍ଗ ଅପେକ୍ଷା କରିଥିଲେ। ୫ ଜଣ ମିଶି ସମୀବୃକ୍ଷ ନିକଟରେ ରୁଟି ଏବଂ ମାଂସ ତରକାରୀ କରି ଖାଇଥିଲେ। ପରେ ପୂର୍ବ ଯୋଜନା ମୁତାବକ ସମସ୍ତେ ମିଶି ଚିତ୍ତ ରଞ୍ଜନଙ୍କ ଗଳାକୁ ଏକ କାତୁରିରେ କାଟି ହତ୍ୟା କରିଥିଲେ। ୪ ଫୁଟର ଗାତ ଖୋଳି ନିକଟସ୍ଥ ଦେବଳା ବଜାରରୁ ୬ କେଜି ଲୁଣ କିଣି ଆଣି ମୃତଦେହରେ ପକାଇ ପୋତି ଦେଇଥିଲୋ। ପରେ ହତ୍ୟାକାରୀମାନେ ବାଲେଶ୍ୱର ଯାଇ ଚିତ୍ତରଞ୍ଜନଙ୍କ ଘର ସାମ୍ନାରେ ଲାଗିଥିବା ସିସିଟିଭି ହାର୍ଡଡିସ୍କ ଆଦି ଖୋଲି ଆଣି ଉଦଳା ଭୁରୁଡୁବଣି ନିକଟସ୍ଥ ବନ୍ଧରେ ଫୋପାଡ଼ି ଦେଇଥିଲେ। ଚିତ୍ତରଞ୍ଜନଙ୍କ ମୋବାଇଲ୍ ଓ ଏଟିଏମ୍ କାର୍ଡକୁ କାଠପାଳ ନିକଟ ସୋନ ନଦୀ ପାଖରେ ଫିଙ୍ଗି ଦେଇଥିଲେ। ହତ୍ୟା ଘଟଣାରେ ବ୍ୟବହୃତ କୋଡି ଓ ଶାବଳ ଜବତ ହୋଇଥିବା ବେଳେ କତୁରି ଜବତ ହୋଇପାରିନାହିଁ।

# ଦୋଷୀଙ୍କୁ ୧୦ ବର୍ଷ ଜେଲ

ନାବାଳିକା ବଳାତ୍କାର ମାମଲା

ବାରିପଦା,୨୪।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରା ଜଜ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ଶୁକ୍ରବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସୁମିତା ଜେନା ଏହାର ବିଚାର କରି ଦୋଷୀଙ୍କୁ ୧୦ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ୫ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୯ ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ଜିଲା ଆଇନ ସହାୟତା କର୍ତ୍ତୃପକ୍ଷଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅନ୍ତର୍ଗତ ଡିଙ୍ଗିରିଆ ଗ୍ରାମର ତ୍ରିନାଥ ପାତ୍ର(୨୯)। ମାମଲାର ବିବରଣୀ ଅନୁଯାୟୀ, ଜଣେ ସମ୍ପର୍କୀୟା ନାବାଳିକା ତ୍ରିନାଥଙ୍କ ଘରକୁ ବୁଲିବାକୁ ଆସିଥିଲେ। ବିଳମ୍ବିତ ରାତିରେ ତ୍ରିନାଥ ତାଙ୍କୁ ବଳପୂର୍ବକ ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ କାହାକୁ ଜଣାଇଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ। ପରେ ନାବାଳିକା ଜଣକ ପରିବାର ଲୋକଙ୍କୁ ଜଣାଇବାରୁ ଥାନାରେ ଏତଲା ଦିଆଯାଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ. ୯୪/୧୮) ରୁଜୁ କରି ତ୍ରିନାଥଙ୍କୁ କୋର୍ଟ ଚାଲାଣ କରିଥିଲା। ଉକ୍ତ ମାମଲାକୁ ପୋକ୍‌ସୋ କୋର୍ଟର ସ୍ୱତନ୍ତ୍ର ପିପି ଅଭିନ୍ନ କୁମାର ପଟ୍ଟନାୟକ ପରିଚାଳନା କରୁଥିଲେ।

# ଆଦିବାସୀ ଜମି କିଣାବିକା ନିୟମ କୋହଳକୁ ବିରୋଧ


ଆଦିବାସୀ କଲ୍ୟାଣ ମଞ୍ଚର ସଦସ୍ୟମାନେ।

କେନ୍ଦୁଝର,୨୪।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

ଆଦିବାସୀ ଅଞ୍ଚଳରେ ଜମି କିଣାବିକା କିମ୍ବା ବନ୍ଧକ ଦେବା କ୍ଷେତ୍ରରେ ପୂର୍ବରୁ ସରକାରୀ କଟକଣା ଲାଗିଥିଲା। ଏଥିପାଇଁ ସରକାର ଆଦିବାସୀଙ୍କ ଜମିର ସୁରକ୍ଷା ପାଇଁ ନୀତିନିୟମ ଲାଗୁ କରିଥିଲେ। ଏବେ ଉକ୍ତ ନୀତି ନିୟମକୁ ଉଠାଇବାକୁ ସରକାର କରୁଥିବା ଉଦ୍ୟମକୁ ବିଭିନ୍ନ ଆଦିବାସୀ ସଂଗଠନ ବିରୋଧ କରୁଛନ୍ତି। ଏନେଇ ମିଳିତ ଆଦିବାସୀ କଲ୍ୟାଣ ମଞ୍ଚ ପକ୍ଷରୁ ପୂର୍ବ ନିୟମକୁ ବଳବତ୍ତର ରଖିବାକୁ ଦାବି କରି ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଛି। ସେହିପରି ପେଶା ଆଇନ ୧୯୯୬କୁ ଓଡ଼ିଶାରେ କଡ଼ାକଡ଼ି କରିବା, ସମ୍ବିଧାନର ପଞ୍ଚମ ଓ ଷଷ୍ଠ ଅନୁସୂଚିକୁ ନିଷ୍ଠାର ସହ ପାଳନ କରିବା ଆଦି ଦାବି ରଖିଛନ୍ତି। ଆଦିବାସୀଙ୍କୁ ମିଳିଥିବା ପୃଥକ ଆଦିବାସୀ ପରିଚୟକୁ ସମାପ୍ତ କରିବା ପାଇଁ ଅଣାଯାଉଥିବା ସମାନ ନାଗରିକ ଆଇନକୁ ମଧ୍ୟ ବିରୋଧ କରାଯାଇଛି। ଜଙ୍ଗଲ ଜମି ଅଧିକାର ଆଇନ ୨୦୦୬କୁ କଡ଼ାକଡ଼ିଭାବେ ପାଳନ କରିବା ଏବଂ ବନ୍ୟ ସଂରକ୍ଷଣ ଆଇନରେ ସରକାର ନୂତନ ଭାବରେ ପ୍ରଣୟନ କରିଥିବା ନିୟମ ଯୋଗୁ ଆଦିବାସୀମାନଙ୍କର ଜଙ୍ଗଲ ଅଧିକାର କ୍ଷୁର୍ଣ୍ଣ ହେଉଥିବାରୁ ଉକ୍ତ ନିୟମକୁ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି। ଖଣିଖାଦାନ ଓ ଶିଳ୍ପ ସ୍ଥାପନ ନାମରେ ଆଦିବାସୀଙ୍କ ଜମିଜମାକୁ ଜବରଦସ୍ତ ଛଡ଼ାଇ ନିଆଯିବା ବନ୍ଦ କରିବା, ଜଙ୍ଗଲ ଜମି ପଟ୍ଟା ବଦଳରେ ଆଦିବାସୀଙ୍କୁ ସ୍ଥାୟୀ ପଟ୍ଟା ଦେବା, ଜଙ୍ଗଲ ଜମିରେ ବସବାସ କରି ଆସୁଥିବା ଦଖଲ ଜମିର ପଟ୍ଟା ବିନା ଜରିମାନାରେ ଦେବା ଆଦି ଦାବି କରିଛନ୍ତି। ସେହିପରି ଆଦିବାସୀମାନେ ବସବାସ କରୁଥିବା ଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା, ଡିଏମଏଫ୍ ଓ ଓମ୍ୱାଡସି ଅର୍ଥ ରାଶି ପରିଚାଳନା ଉପରେ ରାଜ୍ୟ ସରକାର ଅଯଥା ହସ୍ତକ୍ଷେପ ନ କରିବା ଆଦି ଦବି ରହିଛି। ମଞ୍ଚର ସଭାପତି ଜନାର୍ଦ୍ଦନ ନାଏକ, ସମ୍ପାଦକ ମକରଧ୍ୱଜ ନାଏକଙ୍କ ନେତୃତ୍ୱରେ ଏକ ଦଳ ଦାବିପତ୍ର ପ୍ରଦାନ କରିଥିଲେ। ଏହାର କପି ମୁଖ୍ୟମନ୍ତ୍ରୀ, ଆଦିବାସୀ ଓ ରାଜସ୍ୱ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଛି।

### ଦୋଷୀଙ୍କୁ ୨୦ ବର୍ଷ ଜେଲ

ନାବାଳିକା ବଳାତ୍କାର ମାମଲା

କେନ୍ଦୁଝର,୨୪।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଫାଷ୍ଟ ଟ୍ରାକ୍ କୋର୍ଟରେ ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ବିଜୟ କୁମାର ମିଶ୍ର ଏହାର ଶୁଣାଣିକରି ଦୋଷୀଙ୍କୁ ୨୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୫ ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ଦେଢ଼ ବର୍ଷ କାରାଦଣ୍ଡ ଆଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଦୈତାରି ଥାନା ଅଞ୍ଚଳରେ ପୀଡ଼ିତା ତାଙ୍କ ଭଉଣୀ ଘରେ ରହୁଥିଲେ। ୨୦୨୧ ଜାନୁୟାରୀ ୨୧ ଭୋର ୪ଟାରେ ଚତୁର୍ଭୁଜ ପାତ୍ର (୨୫) ପୀଡ଼ିତାଙ୍କୁ ଏକୁଟିଆ ଦେଖି ତାଙ୍କ ଘରୁ ଅପହରଣ କରିନେଇଥିଲେ। ପରିବାର ଲୋକେ ନ ପାଇ ଖୋଜାଖୋଜିକରି ଶେଷରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୩/୨୦୨୧) ରୁଜୁକରି ପୀଡ଼ିତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମାମଲାରେ ୧୫ ଜଣ ସାକ୍ଷୀ ଓ ପୋଲିସ ତଦନ୍ତ ରିପୋର୍ଟକୁ ଆଧାରକରି ବିଚାରପତି ଉକ୍ତ ରାୟ ଶୁଣାଇଛନ୍ତି। ଏଥିସହ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ସହାୟତା ଦେବାକୁ ସୁପାରିସ କରିଥିବା ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା କହିଛନ୍ତି।

# ବିଜ୍ଞାନ ମେଳାରେ ଚନ୍ଦ୍ରୟାନ-୩, ‘ପୃଥିବୀକୁ ଜର ଆସୁଛି’ ପ୍ରକଳ୍ପ



ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ଭଣ୍ଡାରିପୋଖରୀ, ୨୪।୧୧ (ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ଶାରଦା ବିଦ୍ୟାମନ୍ଦିର ପରିସରରେ ଏକାଦଶ ବାର୍ଷିକ ବିଜ୍ଞାନ ମେଳା ପ୍ରଧାନ ଗୁରୁଜୀ ଶରତ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ଅଧୀର କୁମାର ତରାଇ ଏହାକୁ ଉଦ୍‌ଘାଟନ କରି କହିଥିଲେ, ବିଜ୍ଞାନର ସମାପ୍ତି ନାହିଁ, ପ୍ରତ୍ୟେକ ନୂଆ ଉଦ୍ଭାବନ ମଧ୍ୟରେ ଲୁଚି ରହିଛି ବ୍ୟକ୍ତିର ଆତ୍ମ ଚେଷ୍ଟା, ଗୁରୁଜୀ ଓ ଗୁରୁମା’ଙ୍କ ଆଶୀର୍ବାଦ। ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ ଓ ଦକ୍ଷିଣବାଡ଼ ସରପଞ୍ଚ ବର୍ଷାରାଣୀ ଜେନା ଯୋଗ ଦେଇଥିଲେ। ଗୁରୁମା ସୁସ୍ମିତା ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଗୁରୁଜୀ ସୁଶାନ୍ତ କୁମାର ସେନାପତି ସଭାର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଚିତ୍ତରଞ୍ଜନ ନାୟକ ଅତିଥି ପରିଚୟ ଓ କୁଞ୍ଜଲତା ସେନାପତି ଧନ୍ୟବାଦ ଦେଇଥିଲେ। ବିଶ୍ୱପ୍ରଭା ପଲେଇଙ୍କ ନିର୍ଦ୍ଦେଶନାରେ କୁନି ପିଲାମାନେ ବିଜ୍ଞାନ ଭିତ୍ତିକ ନୃତ୍ୟ ପରିବେଷଣ କରିଥିଲେ। ପ୍ରଥମରୁ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ନେଇ ‘କ’ ବିଭାଗରେ ୩୨ ପ୍ରକଳ୍ପ, ପଞ୍ଚମରୁ ସପ୍ତମ ପର୍ଯ୍ୟନ୍ତ ପିଲାମାନଙ୍କୁ ନେଇ ‘ଖ’ ବିଭାଗରେ ୬ଟି ଓ ଅଷ୍ଟମରୁ ଦଶମ ପିଲାମାନଙ୍କୁ ନେଇ ‘ଗ’ ବିଭାଗର ୩୩ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ସେଥିମଧ୍ୟରୁ ଚନ୍ଦ୍ରୟାନ-୩, ‘ପୃଥିବୀକୁ ଜର ଆସୁଛି’, ବ୍ଲାକ ହୋଲ, ଭର୍ଟିକାଲ ଫାର୍ମିଙ୍ଗ, ବାୟୁ ପ୍ରଦୂଷଣ ଆଦି ପ୍ରକଳ୍ପ ବିଚାରକଙ୍କ ମନ ଜିଣିଥିଲା। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ କଟକ ବୋର୍ଡ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଶୋକ କୁମାର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ।

# ଭଦ୍ରକ ବ୍ଲକର ୩୬ ପଞ୍ଚାୟତକୁ ପ୍ରଥମ ଯାତ୍ରା

ବିକଶିତ ଭାରତ ସଂକଳ୍ପ ଯାତ୍ରା ଶୁଭାରମ୍ଭ

ଭଦ୍ରକ,୨୪।୧୧ (ସନାତନ ରାଉତ)

ଆମ ସଂକଳ୍ପ ବିକଶିତ ଭାରତର ବାର୍ତ୍ତା ନେଇ ବିକଶିତ ଭାରତ ସଂକଳ୍ପ ଯାତ୍ରା ପାଇଁ ଭଦ୍ରକ ଜିଲାକୁ ଆସିଥିବା ୨ଟି ଭ୍ୟାନ୍‌ର ପରିକ୍ରମା ଗୁରୁବାର ଶୁଭାରମ୍ଭ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁ ଓ ଜିଲା ପରିଷଦ ଉନ୍ନୟନ ଅଧିକାରୀ ଓ ଏହି କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ସରୋଜ କୁମାର ଦତ୍ତ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ବିଷୟରେ ଜନସଚେତନତା ପାଇଁ ଏହି ଯାତ୍ରା ଆରମ୍ଭ କରାଯାଇଛି। ପ୍ରଥମେ ଭଦ୍ରକ ବ୍ଲକର ୩୬ ପଞ୍ଚାୟତରେ ଏହି ଭ୍ୟାନ୍ ଯାତ୍ରା ପାଇଁ ସ୍ଥିରୀକୃତ ହୋଇଛି। ଜିଲା ପରିଷଦ ସହ ଉନ୍ନୟନ ଅଧିକାରୀ ପ୍ରହ୍ଲାଦ ରଣା, ଡିପିଏମ୍ ସଞ୍ଜୟ କୁମାର ବାରିକ, ସହକାରୀ କୃଷି ନିର୍ଦ୍ଦେଶକ ଶ୍ରୀଧର ଦାସ, ମତ୍ସ୍ୟ ଅଧିକାରୀ ପ୍ରକାଶ ଚନ୍ଦ୍ର ନାୟକ, କ୍ରୀଡ଼ା ଅଧିକାରୀ ପଦ୍ମନ ରାୟ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର ଦାସ, ଗ୍ରାମ୍ୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ ବିନୟ ରାଉତ, ଏଲ୍‌ଡିଏମ୍ ନାଗେଶ୍ୱର ରାଓ, ଭଦ୍ରକ ବିଡିଓ ସୀତାକାନ୍ତ ରାଉତଙ୍କ ସହ ମିଶନ ଶକ୍ତି ମହିଳାମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଆଜିଠୁ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ

ବାରିପଦା,୨୪।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଯୁବ ଓଡ଼ିଶା ଗଠନ ଲକ୍ଷ୍ୟରେ ସ୍ଥାନୀୟ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶନିବାରଠାରୁ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ(ଆରୱାଇଡିପି) ଉଦ୍‌ଘାଟିତ ହେବାକୁ ଯାଉଛି। ଏନେଇ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ପ୍ରଫେସର ମୁକ୍ତିକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ରୂପରେଖ ଓ କାର୍ଯ୍ୟାବଳୀ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ମୋଟ ୩ଟି ବିଭାଗ କ୍ରୀଡ଼ା, ସାଂସ୍କୃତିକ ଓ ସାମାଜିକ ସେବା କ୍ଷେତ୍ରରେ ବିଭିନ୍ନ ପ୍ରତିଯୋଗିତା ଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆରୱାଇଡିପି ପ୍ରଚାର ଓ ପ୍ରସାର କମିଟିର ଆବାହକ ଡ. ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଆରୱାଇଡିପିର ଜିଲା ନୋଡାଲ ଅଧିକାରୀ ଡ. କୈଳାସ ଚନ୍ଦ୍ର ମିଶ୍ର ରାଜ୍ୟ ସରକାରଙ୍କ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର ଉପଯୋଗିତା ଓ କାର୍ଯ୍ୟକାରିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଆରୱାଇଡିପି ନୋଡାଲ ଅଧିକାରୀ ଡ. ପ୍ରମୋଦ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମକୁ କଲେଜରେ କିପରି ତ୍ୱରାନ୍ୱିତ କରାଯିବ ଗୁରୁତ୍ୱାରୋପ କରିଥିଲେ। ମହାବିଦ୍ୟାଳୟର ଆରୱାଇଡିପି କ୍ରୀଡ଼ା କମିଟିର ଆବାହକ ଡ. ଦୀପକ କୁମାର ବେହେରା କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ଆରୱାଇଡିପି ସାଂସ୍କୃତିକ ଆବାହକ ରବୀନ୍ଦ୍ର ବେହେରା ଓ ସମାଜସେବା କମିଟିର ଆବାହକ ଡ. ପ୍ରଣତି ପଟ୍ଟନାୟକ ବିଭିନ୍ନ ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦେଇଥିଲେ। ବାଣିଜ୍ୟ ବିଭାଗ ଅଧ୍ୟାପକ ଡ. ଆଶୁତୋଷ ପ୍ରୟାସ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ୫ ଲକ୍ଷର କାଠ, ଯନ୍ତ୍ରାଂଶ ଜବତ

୨ ବେଆଇନ କରତକଳରେ ବନବିଭାଗର ଚଢ଼ାଉ

ରୂପସା (ବାଞ୍ଛାନିଧି ଦେ)/ ବସ୍ତା (ହରିଶଙ୍କର ପାଢ଼ୀ), ୨୪।୧୧



ବାଲେଶ୍ୱର ଜିଲା ବନବିଭାଗ ଓ ଭିଜିଲାନ୍ସ ଟିମ୍ ପକ୍ଷରୁ ଶୁକ୍ରବାର ଅଚାନକ ଚଢ଼ାଉ କରାଯାଇଛି। ବସ୍ତା ବ୍ଲକ ନଟାକଟା ପଞ୍ଚାୟତ ଅଧୀନ ବଡ଼ଚାରିଗାଁ ଓ ମଥାନୀ ପଞ୍ଚାୟତ ଅଧୀନ ପୋଡ଼ାପଡ଼ା ଗ୍ରାମର ଦୁଇ ବେଆଇନ କରତକଳରେ ଚଢ଼ାଉ କରାଯାଇ ୫ଲକ୍ଷ ଟଙ୍କାର ଯନ୍ତ୍ରାଂଶ ଓ ମୂଲ୍ୟବାନ କାଠ ଜବତ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଚାନ୍ଦିପୁର ରେଞ୍ଜର ଗଣେଶ ପ୍ରସାଦ ଲେଙ୍କା ଏବଂ କଟକ ଭିଜିଲାନ୍ସ ଡିସିଏଫ୍ ରଜନୀକାନ୍ତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ୨୫ଜଣିଆ ଏକ ସ୍ୱତନ୍ତ୍ର ଟିମ୍ ଦୀର୍ଘ ଦିନ ଧରି ବେଆଇନ ଭାବେ ଚାଲି ଆସୁଥିବା ଏହି ଦୁଇଟି କରତକଳ ଉପରେ ମିଳିତ ଭାବେ ଚଢ଼ାଉ କରିଥିଲେ। ପୋଡ଼ପୋଡ଼ାଠାରେ କେତେକ ଗ୍ରାମବାସୀ ଏକାଠି ହୋଇ ବନବିଭାଗର ଅଧିକାରୀମାନଙ୍କୁ ଅଟକ ରଖିଥିଲେ। ଫଳରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ବସ୍ତା ପୋଲିସ ପହଞ୍ଚି ବୁଝାଶୁଝା କରିଥିଲେ। ଚଢ଼ାଉ ସମୟରେ ଭିଜିଲାନ୍ସ ଏସିଏଫ୍ ତପନ କୁମାର ସାହୁ, ଡିଏସ୍‌ପି ଦକ୍ଷିଣ ଚରଣ ମୁର୍ମୁ, ଇନ୍ସପେକ୍ଟର ଛବିରାଣୀ ହେମ୍ବ୍ରମ୍, ଏଏସ୍‌ଆଇ ହେମନ୍ତ କୁମାର ସୋଲ, ଭିଜିଲାନ୍ସ ରେଞ୍ଜ ଅଫିସର ବବିତା ସୋରେନଙ୍କ ସମେତ ୩ ପ୍ଲାଟୁନ ପୋଲିସ୍ ଫୋର୍ସ ସାମିଲ ଥିଲେ।

# ଡିସେମ୍ବର ୧ରେ ଗୋପୀନାଥପୁର ରେଳଷ୍ଟେଶନ ଲୋକାର୍ପଣ

ଚାଲିବ ଯାତ୍ରୀବାହୀ ଟ୍ରେନ୍, ଷ୍ଟେଶନ ପରିଦର୍ଶନ କଲେ ଅଧିକାରୀ

ନୀଳଗିରି, ୨୪।୧୧(ପ୍ରଶାନ୍ତ ବିଶ୍ୱାଳ)


ବିଭାଗୀୟ ଅଧିକାରୀମାନେ ଗୋପୀନାଥପୁର ରେଳଷ୍ଟେଶନ ପରିଦର୍ଶନ କରୁଛନ୍ତି।

ବହୁ ପ୍ରତୀକ୍ଷିତ ନୀଳଗିରି ଗୋପୀନାଥପୁର ରେଳ ଷ୍ଟେଶନରୁ ରେଳ ଚଳାଚଳ ସ୍ୱପ୍ନ ସାକାର ହେବାକୁ ଯାଉଛି। ପର୍ଯ୍ୟଟନସ୍ଥଳୀର ସହର ନୀଳଗିରି ଗୋପୀନାଥପୁର ରେଳଷ୍ଟେଶନ ଲୋକାର୍ପଣ ଉତ୍ସବ ଡିସେମ୍ବର ୧ରେ ହେବା ସହ ନୀଳଗିରି ଦେଇ ଚାଲିବ ଯାତ୍ରୀବାହୀ ଟ୍ରେନ୍। ଗତ ଗୁରୁବାର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଲୋକାର୍ପଣ ଓ ରେଳ ଚଳାଚଳ ସମ୍ବନ୍ଧରେ ରେଳମନ୍ତ୍ରଣାଳୟ ଓ ରେଳମନ୍ତ୍ରୀଙ୍କ ସହିତ ଆଲୋଚନା କରି ଡିସେମ୍ବର ୧ରେ ଲୋକାର୍ପଣ ହେବାକୁ ସ୍ଥିର ହୋଇଛି। ଏମ୍‌ପି ଷଡଙ୍ଗୀଙ୍କ ଅନୁରୋଧକ୍ରମେ ଏହି ଐତିହାସିକ ମୁହୂର୍ତ୍ତକୁ ଗାରିମାମୟ କରିବା ପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉପସ୍ଥିତ ରହିବେ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଗୋପୀନାଥପୁରସ୍ଥିତ ନୂତନ ଭାବେ ନିର୍ମିତ ହୋଇଥିବା ରେଳଷ୍ଟେଶନରେ ଅନୁଧ୍ୟାନ ଓ ସମୀକ୍ଷା ପାଇଁ ଏକ ଟ୍ରେନ ଯୋଗେ ପହଞ୍ଚିଥିଲେ। ଦକ୍ଷିଣ-ପୂର୍ବ ରେଳବାଇର ପ୍ରବନ୍ଧକ କେ. ଆର୍. ଚୌଧୁରୀ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ନିର୍ମାଣ ହେଉଥିବା ଷ୍ଟେଶନ ଢଳେଇ ରାସ୍ତା, ବିଲ୍ଡିଂ ଗୃହ, ସିଗ୍‌ନାଲ ଲାଇଟପୋଷ୍ଟ ଓ ଅନ୍ୟ ସବୁ କାର୍ଯ୍ୟର ଚାରିପାଖ ବୁଲି ଦେଖିଥିଲେ। ଏହି ପ୍ରକଳ୍ପ ପାଇଁ ରେଳ ମନ୍ତ୍ରଣାଳୟ ପକ୍ଷରୁ ୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରାଯାଇଥିଲା। ବର୍ଷକ ମଧ୍ୟରେ ୧୭ କି.ମି. ରେଳପଥ ନିର୍ମାଣ କାର୍ଯ୍ୟ ଓ ନୀଳଗିରି ଗୋପୀନାଥପୁର ରେଳଷ୍ଟେଶନର ଅନେକ ଦିନ ହେବ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି।



'ଧରିତ୍ରୀ'ର ୫୦ ବର୍ଷ ପାଳନ ଅବସରରେ ଶୁକ୍ରବାର ଭୁବନେଶ୍ୱରସ୍ଥିତ ରେଳ ଅଡିଟୋରିୟମ୍‌ଠାରେ ଆୟୋଜିତ 'ଧରିତ୍ରୀ ୟୁଥ୍ କନ୍‌କ୍ଲେଭ୍-୨୦୨୩'କୁ ଭାରତର ଜଙ୍ଗଲ ମାନବ ଯାଦବ ପାୟେଙ୍ଗ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି।



ଜଗତ୍‌ସିଂହପୁର ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନର ପିଲାମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ।




ବଲିଉଡ୍ ଅଭିନେତା ତଥା ୟୁଥ୍ ଆଇକନ୍ ସୋନୁ ସୁଦ୍।



ୟୁଥ୍ କନ୍‌କ୍ଲେଭ୍-୨୦୨୩ରେ ଉପସ୍ଥିତ ପ୍ୟାନେଲିଷ୍ଟ।



ଯାଦବ ପାୟେଙ୍ଗ ଉଦ୍‌ବୋଧନ ଦେଉଛନ୍ତି।



ସୋନୁ ସୁଦ୍ ପିଲାମାନଙ୍କ ସହ କରମର୍ଦ୍ଦନ କରୁଛନ୍ତି।



ଅଭିନେତା ସୋନୁ ସୁଦ୍‌ଙ୍କୁ ଏମ୍‌ଜିଏମ୍ ମିନେରାଲ୍‌ସ ଲିମିଟେଡ୍ ଚେୟାରମ୍ୟାନ ପଙ୍କଜ ଲୋଚନ ମହାନ୍ତି ସମ୍ବର୍ଦ୍ଧିତ କରୁଛନ୍ତି। ନିକଟରେ ଅଛନ୍ତି ଧରିତ୍ରୀ ଓ ଓଡିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ।



'ଧରିତ୍ରୀ ୟୁଥ୍ କନ୍‌କ୍ଲେଭ୍-୨୦୨୩'ରେ ଉପସ୍ଥିତ ଅତିଥି ଏବଂ କଲେଜ ଛାତ୍ରୀଛାତ୍ର।

# ଧରିତ୍ରୀ ୟୁଥ୍ କନ୍‌କ୍ଲେଭ୍-୨୦୨୩
## କ୍ଲାଇମେଟ୍ ଚେଞ୍ଜ: ଦ ପାଥ୍ ଆହେଡ୍




ଭୁବନେଶ୍ୱର ରେଲୱେ ଅଡିଟୋରିୟମରେ ଶୁକ୍ରବାର ଆୟୋଜିତ ଧରିତ୍ରୀ ୟୁଥ୍ କନ୍‌କ୍ଲେଭ୍-୨୦୨୩ରେ ମ୍ୟୁଜିକ୍ କମ୍ପୋଜର ରିକି କେଜ୍‌ଙ୍କୁ ମିତେଶ ଖିମ୍‌ଜୀ ଏବଂ ନାନ୍‌ସି ଖିମ୍‌ଜୀ ସମ୍ବର୍ଦ୍ଧିତ କରୁଛନ୍ତି









ମ୍ୟୁଜିକ୍ କମ୍ପୋଜର ରିକି କେଜ୍‌ଙ୍କ ଗ୍ରୁପ୍: (ବାମରୁ) ପ୍ରମୋଦ କିରନ, ସିଦ୍ଧାର୍ଥ ବସରୁର, ରିକି କେଜ୍, ଭାରିଜାଶ୍ରୀ ବେଣୁଗୋପାଲ ଓ ସୁଧୀର ଯଦୁବଂଶୀ


ଭାରିଜାଶ୍ରୀଙ୍କ ବଂଶୀବାଦନ


ରିକି କେଜ୍‌ଙ୍କ ସଙ୍ଗୀତର ଆନନ୍ଦ ଉଠାଉଥିବା ଅତିଥି ଏବଂ ମୋବାଇଲ ଫ୍ଲାଶ୍ ଲାଇଟ୍ ସହ ଝୁମି ଉଠିଥିବା ଦର୍ଶକ




ଧରିତ୍ରୀ ୟୁଥ୍ କନ୍‌କ୍ଲେଭ୍‌ରେ ପରିବେଷିତ ରିକି କେଜ୍‌ଙ୍କ ଆକର୍ଷଣୀୟ ସଙ୍ଗୀତର ତାଳେ ତାଳେ ଯୁବପିଢ଼ିଙ୍କ ନୃତ୍ୟ




ଭୁବନେଶ୍ୱରସ୍ଥିତ ରେଳ ଅଡିଟୋରିୟମ୍‌ଠାରେ ଶୁକ୍ରବାର ଆୟୋଜିତ 'ଧରିତ୍ରୀ ୟୁଥ୍ କନ୍‌କ୍ଲେଭ୍-୨୦୨୩'ରେ ଯୋଗଦେଇଥିବା କଲେଜ ଛାତ୍ରୀଛାତ୍ରମାନେ ଫଟୋ ଉଠାଇ ଖୁସି ମନାଉଛନ୍ତି।



ଧରିତ୍ରୀ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଉଦ୍‌ବୋଧନ ଦେଉଛନ୍ତି।



ବକୁଳ ଫାଉଣ୍ଡେଶନ ପ୍ରତିଷ୍ଠାତା ସୁଜିତ୍ ମହାପାତ୍ର।



ଡାଉନ୍ ଟୁ ଆର୍ଥ ମାଗାଜିନ୍‌ର ମ୍ୟାନେଜିଂ ଏଡିଟର ରିଚାର୍ଡ ମହାପାତ୍ର।



ଧରିତ୍ରୀ ଓ ଓଡିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ।



ଯୁବ ପରିବେଶବିତ୍ ତଥା ଇଏଫ୍‌ଆଇର ପ୍ରତିଷ୍ଠାତା ଅରୁଣ କ୍ରିଷ୍ଣମୂର୍ତ୍ତି।



ଯୁବ ପରିବେଶବିତ୍ ସ୍ନେହା ସାହି।



ସୋନୁ ସୁଦ୍‌ଙ୍କ ସହ ଓଡ଼ିଆ ଅଭିନେତା ସିଦ୍ଧାନ୍ତ ମହାପାତ୍ର।



ସୋନୁ ସୁଦ୍‌ଙ୍କ ସହ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ।




'ଧରିତ୍ରୀ କ୍ଲାଇମେଟ୍ ଗ୍ରାଣ୍ଟ' ପାଇଥିବା ସଂସ୍ଥା ଓ ବ୍ୟକ୍ତିବିଶେଷ।






ଛାତ୍ରୀଛାତ୍ରମାନେ ସେଲ୍‌ଫି ଉଠାଉଛନ୍ତି।

## ଅନୈତିକ ସମ୍ପର୍କ ପାଇଁ ମହିଳାଙ୍କୁ ଛେପ ଚଟାଇଲେ

**ଗଢ଼ୱା,୨୪।୧୧:** ଅନୈତିକ ସମ୍ପର୍କ ରଖିଥିବା ଅଭିଯୋଗରେ ଝାଡ଼ଖଣ୍ଡର ଗଢ଼ୱା ଜିଲା ଅନ୍ତର୍ଗତ ତିସାରଟେଟୁକା ଗ୍ରାମର ଜଣେ ୩୦ ବର୍ଷୀୟା ବିବାହିତା ମହିଳାଙ୍କୁ ପଞ୍ଚାୟତ ସଦସ୍ୟମାନେ ଛେପ ଚଟାଇଛନ୍ତି। ଏଥିସହ ତାଙ୍କୁ ସର୍ବସମ୍ମୁଖରେ ୧୦୦ ଥର ଉଠ୍‌ବସ୍ କରାଯାଇ ଚପଲରେ ମାଡ଼ ମରାଯାଇଛି। ମହିଳା ଜଣଙ୍କୁ ୫୬ ହଜାର ଟଙ୍କା ଜରିମାନା ମଧ୍ୟ କରାଯାଇଛି। ସଂଖ୍ୟାଲଘୁ ସମ୍ପ୍ରଦାୟର ଏହି ମହିଳା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଏତଲା ଦାଏର କରିବାକୁ ମନା କରିଦେଇଥିଲା। ସେ ଅନ୍‌ଲାଇନରେ ଅଭିଯୋଗ କରିବା ପରେ ଜିଲା ଏସ୍‌ପି ଘଟଣାର ତଦନ୍ତ କରିବାକୁ ଗଢ଼ୱା ଏସ୍‌ଡିପିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ୨ ସନ୍ତାନଙ୍କୁ ବିକି ଡ୍ରଗ୍ସ କିଣିଲେ ଦମ୍ପତି

**ମୁମ୍ବାଇ,୨୪।୧୧:** ମୁମ୍ବାଇର ଅନ୍ଧେରୀ ଅଞ୍ଚଳରେ ଏକ ଦମ୍ପତି ସେମାନଙ୍କ ୨ ସନ୍ତାନଙ୍କୁ ୭୪ ହଜାର ଟଙ୍କାରେ ବିକ୍ରିକରି ଉକ୍ତ ଅର୍ଥରେ ଡ୍ରଗ୍ସ କିଣିଥିବା ପୋଲିସ କହିଛି। ମୁମ୍ବାଇ କ୍ରାଇମ ବ୍ରାଞ୍ଚ୍ ଉକ୍ତ ଦମ୍ପତି ଓ ଅନ୍ୟ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦମ୍ପତି ସବିର ଏବଂ ସାନିଆ ଖାନ୍ ସେମାନଙ୍କ ୨ ବର୍ଷର ପୁଅକୁ ୬୦ ହଜାର ଏବଂ ମାସକର ଝିଅକୁ ୧୪ ହଜାର ଟଙ୍କାରେ ବିକିଦେଇଥିଲେ। ଝିଅକୁ ଉଦ୍ଧାର କରାଯିବା ସହ କିଣିଥିବା ଶକିଲ ମକରାନିଙ୍କୁ ଗିରଫ କରାଯାଇଛି।

# ୨୪ ପଣବନ୍ଦୀ ମୁକ୍ତ



ଇସ୍ରାଏଲ୍ ପଣବନ୍ଦୀମାନଙ୍କୁ ହମାସ୍ ମୁକ୍ତ କରିବା ପରେ ସେମାନଙ୍କୁ ନେବା ପାଇଁ ପହଞ୍ଚିଥିବା ରେଡ୍‌କ୍ରସ୍ ଭ୍ୟାନ୍।

### ଅସ୍ତ୍ରବିରତିର ପ୍ରଥମ ଦିନ

### ୧୩ ଇସ୍ରାଏଲୀ, ୧୨ ଥାଇଙ୍କୁ ଛାଡ଼ିଲା ହମାସ୍

ଜେରୁଜେଲମ/ଗାଜା ସିଟି,୨୪।୧୧

ଇସ୍ରାଏଲ-ହମାସ୍ ଯୁଦ୍ଧର ୭ ସପ୍ତାହ ପରେ ଶୁକ୍ରବାର ସ୍ଥାନୀୟ ସମୟ ସକାଳ ୭ଟାରୁ ୪ ଦିନିଆ ଅସ୍ତ୍ରବିରତି ଆରମ୍ଭ ହୋଇଛି। ଏଥିସହ ୧୩ ଇସ୍ରାଏଲୀ ପଣବନ୍ଦୀଙ୍କୁ ହମାସ୍ ମୁକ୍ତ କରିଛି। ସେହପରି ଥାଇଲାଣ୍ଡର ୧୨ ପଣବନ୍ଦୀଙ୍କୁ ମଧ୍ୟ ମୁକ୍ତ କରାଯାଇଥିବା ଥାଇ ପ୍ରଧାନମନ୍ତ୍ରୀ ସ୍ରେଥା ଥାଭିସିନ୍ ସୂଚନା ଦେଇଛନ୍ତି।

ଅକ୍ଟୋବର ୭ରେ ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲରୁ ପ୍ରାୟ ୨୪୦ ଜଣଙ୍କୁ ଅପହରଣ କରି ପଣବନ୍ଦୀ ରଖିଥିଲେ। ପୂର୍ବରୁ ସେମାନେ ୪ ଜଣଙ୍କୁ ଛାଡ଼ିଥିଲେ। କାତାର, ଇଜିପ୍ଟ ଓ ଆମେରିକା ମଧ୍ୟସ୍ଥତାରେ ସନ୍ଧି ସଫଳ ହେବା ପରେ ୧୩ ଇସ୍ରାଏଲୀ ପଣବନ୍ଦୀଙ୍କୁ ହମାସ୍ ମୁକ୍ତ କରିଛି। ଏହି କୂଟନୈତିକ ସଫଳତା ଯୋଗୁ ଗାଜାର ପ୍ରାୟ ୨.୩ ନିୟୁତ ପାଲେଷ୍ଟିନୀୟଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଏହା ବଦଳରେ ଇସ୍ରାଏଲ ମଧ୍ୟ ନିଜ ଜେଲରୁ ୧୫୦ ପଲେଷ୍ଟିନୀୟଙ୍କୁ ମୁକ୍ତ କରିଛି। ଇସ୍ରାଏଲ ଟାଇମ୍ସରେ ପ୍ରକାଶିତ ରିପୋର୍ଟ ଅନୁସାରେ ଇଣ୍ଟରନ୍ୟାଶନାଲ କମିଟି ଫର୍ ରେଡ୍ କ୍ରସ୍‌କୁ ୧୩ ଇସ୍ରାଏଲୀ ପଣବନ୍ଦୀଙ୍କୁ ହସ୍ତାନ୍ତର କରାଯାଇଛି। ସେମାନେ ଇଜିପ୍ଟ ସୀମାନ୍ତ ରାଫାହ ବର୍ଡର କ୍ରସିଂ ଦେଇ ଫେରିଛନ୍ତି। ମୁକ୍ତ ହୋଇଥିବା ଇସ୍ରାଏଲୀ ମହିଳା ଓ ଶିଶୁମାନଙ୍କୁ ଏକ ହସ୍ପିଟାଲକୁ ନିଆଯାଇଛି।

## ଆଇଟି ନିୟମ ଉଲ୍ଲଂଘନ ହେଲେ ସୋସିଆଲ ମିଡିଆ ବିରୋଧରେ ଏତଲା ଦେଇହେବ

ନୂଆଦିଲ୍ଲୀ,୨୪।୧୧(ପି.ଟି.)

### ପ୍ଲାଟ୍‌ଫର୍ମର ବିକାଶ କରୁଛି ଆଇଟି ମନ୍ତ୍ରଣାଳୟ

ଡିପ୍ ଫେକ୍ ଭଳି ଆପତ୍ତିଜନକ ଫଟୋ କିମ୍ବା ଭିଡିଓ ପୋଷ୍ଟ ଯୋଗୁ ସୂଚନା ପ୍ରଯୁକ୍ତି (ଆଇଟି) ନିୟମାବଳୀର ଉଲ୍ଲଂଘନ ପାଇଁ ନାଗରିକମାନେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ବିରୋଧରେ ଏତଲା ଦାଏର କରିପାରିବେ। ଏଥିପାଇଁ ନାଗରିକମାନଙ୍କୁ ସହାୟତା କରିବା ନିମନ୍ତେ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ଏକ ପ୍ଲାଟ୍‌ଫର୍ମର ବିକାଶ କରୁଥିବା ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର କହିଛନ୍ତି। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଦ୍ୱାରା ଆଇଟି ନିୟମ ଉଲ୍ଲଂଘନ ହେଉଥିଲେ ୟୁଜରମାନେ ଆଇଟି ଦ୍ୱାରା ବିକଶିତ ପ୍ଲାଟ୍‌ଫର୍ମରେ ଏହାକୁ ଫାଇଲ୍ କରିପାରିବେ। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକ ସହ ବୈଠକ ପରେ ଚନ୍ଦ୍ରଶେଖର ଗଣମାଧ୍ୟମକୁ ଏହା କହିଛନ୍ତି। ଆଜିଠାରୁ ଆଇଟି ନିୟମାବଳୀର ଉଲ୍ଲଂଘନକୁ ବରଦାସ୍ତ କରାଯିବ ନାହିଁ। ସୋସିଆଲ ମିଡିଆ ବିରୋଧରେ ଏତଲା ଦାଏର ପରେ ଉକ୍ତ ବିବାଦୀୟ କଣ୍ଟେଣ୍ଟ କେଉଁଠୁ ସୃଷ୍ଟି ହୋଇଛି ତାହା ସେମାନେ ବତାଇଲେ, ସମ୍ପୃକ୍ତ ବ୍ୟକ୍ତି କିମ୍ବା ସଂସ୍ଥା ବିରୋଧରେ ଏତଲା ଦାଏର କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ଭାରତର ଅପିଲ୍‌କୁ ଗ୍ରହଣକଲା କାତାର କୋର୍ଟ

ନୂଆଦିଲ୍ଲୀ,୨୪।୧୧

ଭାରତୀୟ ନୌସେନାର ୮ ଜଣ ପୂର୍ବତନ ଅଧିକାରୀଙ୍କୁ କାତାରରେ ମୃତ୍ୟୁଦଣ୍ଡାଦେଶ ମିଳିଥିବାବେଳେ ଏହାର ପୁନର୍ବିଚାର ଲାଗି ଭାରତ ସରକାରଙ୍କ ପକ୍ଷରୁ ଅପିଲ କରାଯାଇଥିଲା। ଦଣ୍ଡାଦେଶର ଅନୁଧ୍ୟାନ ପାଇଁ ଭାରତ ସରକାରଙ୍କ ଅପିଲ୍‌କୁ କାତାର କୋର୍ଟ ଗ୍ରହଣ କରିଛନ୍ତି। ଏହି ଅବସରପ୍ରାପ୍ତ ନୌସେନା ଅଧିକାରୀମାନେ ଏକ ପ୍ରତିରକ୍ଷା ସେବା ପ୍ରଦାନକାରୀ କମ୍ପାନୀ ପାଇଁ କାମ କରୁଥିଲେ। ଗତବର୍ଷ ସେମାନଙ୍କୁ କାତାର କର୍ତ୍ତୃପକ୍ଷ ଗିରଫ କରିଥିଲେ। ତେବେ ଅଟକ ରଖାଯିବାର କାରଣ ସମ୍ପର୍କରେ ସେମାନଙ୍କ ପରିବାରକୁ ଅବଗତ କରାଯାଇ ନ ଥିଲା। ଗୁପ୍ତଚର ବୃତ୍ତି ଅପରାଧରେ ଗତ ଅକ୍ଟୋବର ୨୬ରେ କାତାର କୋର୍ଟ ୮ ନୌସେନା ଅଧିକାରୀଙ୍କୁ ମୃତ୍ୟୁଦଣ୍ଡାଦେଶ ଘୋଷଣା କରିଥିଲେ। କୋର୍ଟ ରାୟକୁ ନେଇ ବହିର୍ବ୍ୟାପାର ମନ୍ତ୍ରଣାଳୟ ଉଦ୍‌ବେଗ ପ୍ରକାଶ କରିବା ସହ ଏହାର ଆଇନଗତ ବିକଳ୍ପ ଖୋଜି ବାହାର କରାଯିବ ବୋଲି କହିଥିଲେ।

## ତ୍ରିଶାଙ୍କୁ କ୍ଷମା ମାଗିଲେ ଅଭିନେତା ମନ୍‌ସୁର ଅଲି ଖାନ୍

ମୁମ୍ବାଇ,୨୪।୧୧



### ଅପମାନଜନକ ମନ୍ତବ୍ୟ ପାଇଁ ମାମଲା ରୁଜୁ

ଅଭିନେତ୍ରୀ ତ୍ରିଶା କ୍ରିଷ୍ଣନଙ୍କ ପ୍ରତି ଆପତ୍ତିଜନକ ମନ୍ତବ୍ୟ ପାଇଁ ଲୋକପ୍ରିୟ ଅଭିନେତା ମନସୁର ଅଲି ଖାନ୍ ସର୍ବସାଧାରଣରେ କ୍ଷମା ମାଗିଛନ୍ତି। ନିକଟରେ ମନ୍‌ସୁର ଅଭିନେତ୍ରୀଙ୍କ ସମ୍ମାନ ହାନିକାରକ ତଥା ଅରୁଚିକର ମନ୍ତବ୍ୟ ଦେଇଥିବାରୁ ବିଭିନ୍ନ ମହଲରୁ ସମାଲୋଚିତ ହୋଇଥିଲେ। ପୋଲିସ ତାଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ତ୍ରିଶା ମଧ୍ୟ ସୋସିଆଲ ମିଡିଆରେ ମନ୍‌ସୁରଙ୍କ ମନ୍ତବ୍ୟକୁ ତୀବ୍ର ନିନ୍ଦା କରିଥିଲେ। ଲିଓ ଚଳଚ୍ଚିତ୍ରରେ ତ୍ରିଶାଙ୍କ ସହ ବେଡ୍‌ରୁମ୍ ଦୃଶ୍ୟ କରିବାକୁ ଚାହୁଁଥିଲେ ବୋଲି ମନ୍‌ସୁର କହିଥିଲେ, ଯାହାକୁ ନେଇ ବିବାଦ ଦେଖାଦେଇଥିଲା। ଜାତୀୟ ମହିଳା କମିଶନ ମଧ୍ୟ ତାଙ୍କ ବିରୋଧରେ ପୋଲିସରେ ଏତଲା ଦେଇଥିଲା।

## ବିସ୍ଫୋରଣରେ ୨ ଶ୍ରମିକ ମୃତ

ନାରାୟଣପୁର,୨୪।୧୧

ଛତିଶଗଡ଼ର ନାରାୟଣପୁର ଜିଲାର ଏକ ଲୁହାପଥର ଖଣି ଅଞ୍ଚଳରେ ମାଓବାଦୀ ଖଞ୍ଜିଥିବା ଆଇଇଡି ଶୁକ୍ରବାର ବିସ୍ଫୋରଣ ହେବାରୁ ୨ ଶ୍ରମିକଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ସକାଳ ୭ଟା ୩୦ରେ ଶ୍ରମିକମାନେ ଆମଦାଇ ଘାଟି ଲୁହାପଥର ଖଣିକୁ କାମ କରିବାକୁ ଯାଉଥିବାବେଳେ ପ୍ରେସର ଆଇଇଡି ସଂସ୍ପର୍ଶରେ ଆସିବାରୁ ବିସ୍ଫୋରଣ ହୋଇଥିଲା। ପ୍ରକଳ୍ପକୁ ମାଓବାଦୀମାନେ ବିରୋଧ କରିଆସୁଥିଲେ।

## ଆଦାନୀ ବିରୋଧରେ ପ୍ରମାଣ କ'ଣ

ନୂଆଦିଲ୍ଲୀ,୨୪।୧୧

### ହିଣ୍ଡେନ୍‌ବର୍ଗ ରିପୋର୍ଟର ବିଶ୍ୱସନୀୟତା ଉପରେ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

ଆଦାନୀ ଗ୍ରୁପ୍ ବିରୋଧରେ ଆମେରିକୀୟ ଶର୍ଟସେଲର୍ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ପକ୍ଷରୁ ପ୍ରକାଶିତ ରିପୋର୍ଟର ବିଶ୍ୱସନୀୟତା ଉପରେ ଶୁକ୍ରବାର ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ଏଥିସହ ତିନିଜଣିଆ ଖଣ୍ଡପୀଠରେ ଅଧ୍ୟକ୍ଷତା କରୁଥିବା ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ ଆଦାନୀ-ହିଣ୍ଡେନ୍‌ବର୍ଗ ବିବାଦ ସମ୍ପର୍କିତ ଆବେଦନଗୁଡ଼ିକର ଶୁଣାଣି ପରେ ରାୟ ସଂରକ୍ଷିତ ରଖିଛନ୍ତି।

ବଜାର ନିୟନ୍ତ୍ରକ ସେବି ପକ୍ଷରୁ କରାଯାଇଥିବା ତଦନ୍ତର ବିଶ୍ୱସନୀୟତା ଉପରେ ଆବେଦନକାରୀଙ୍କ ଓକିଲ ପ୍ରଶାନ୍ତ ଭୂଷଣ ପ୍ରଶ୍ନ ଉଠାଇବା ପରେ ସିଜେଆଇ ଚନ୍ଦ୍ରଚୂଡ଼ କହିଥିଲେ, ଆମ ତଦନ୍ତକାରୀ ସଂସ୍ଥାଗୁଡ଼ିକ ଉପରେ ସୁପ୍ରିମକୋର୍ଟଙ୍କୁ ବିଶ୍ୱାସ କରିବାକୁ ପଡ଼ିବ। ସେବିର ତଦନ୍ତକୁ ସନ୍ଦେହ କରିବା ଭଳି ପ୍ରମାଣ କାହିଁ। ସେବି ହେଉଛି ଏକ ସାମ୍ବିଧାନିକ ସଂସ୍ଥା, ଯାହାକି ଷ୍ଟକ୍ ମାର୍କେଟ ନିୟମ ଉଲ୍ଲଂଘନର ତଦନ୍ତ କରିଥାଏ। ବିନା ପ୍ରମାଣରେ ସର୍ବୋଚ୍ଚ ଅଦାଲତ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି)ର ପୁନର୍ଗଠନ କରିବା ଯୁକ୍ତିଯୁକ୍ତ କି ବୋଲି ଜଷ୍ଟିସ୍ ଜେ.ବି. ପରଦିୱାଲା ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରଶ୍ନ କରିଥିଲେ।

ଶୁଣାଣି ବେଳେ ସେବି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ କହିଥିଲେ, ୨୪ରୁ ୨୨ଟି ଅଭିଯୋଗର ତଦନ୍ତ ଶେଷ ହୋଇଥିବାରୁ ବଜାର ନିୟନ୍ତ୍ରକ ଆଉ ଅଧିକ ସମୟ ମାଗୁନାହିଁ। ଅବଶିଷ୍ଟ ୨ ମାମଲାରେ ଅନ୍ତରୀଣ ରିପୋର୍ଟ ଦାଖଲ କରାଯାଇଛି। ବିଦେଶୀ ଏଜେନ୍ସିଗୁଡ଼ିକଠାରୁ ସେବି ଏହା ଉପରେ ତଥ୍ୟ ମାଗିଛି। ଖଣ୍ଡପୀଠ ଏହା ଶୁଣିବା ପରେ ଭବିଷ୍ୟତରେ ନିବେଶକଙ୍କ କ୍ଷତି ଏଡ଼ାଇବା ପାଇଁ କେନ୍ଦ୍ର ସରକାର ଓ ସେବି ପଦକ୍ଷେପ ନେବା ଉଚିତ ବୋଲି କହିଥିଲେ।

## 'ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିଲ୍ ପକାଇ ରଖିପାରିବେନି ରାଜ୍ୟପାଳ'

ନୂଆଦିଲ୍ଲୀ,୨୪।୧୧

ରାଜ୍ୟପାଳମାନେ ବିଲ୍ ଉପରେ କୌଣସି ପଦକ୍ଷେପ ନ ନେଇ ତାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ପକାଇ ରଖିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ଚେତାଇ ଦେଇଛନ୍ତି। ରାଜ୍ୟର ପ୍ରତୀକାତ୍ମକ ମୁଖ୍ୟ ହିସାବରେ ରାଜ୍ୟପାଳଙ୍କ ହାତରେ ସାମ୍ବିଧାନିକ କ୍ଷମତା ରହିଥିଲେ ମଧ୍ୟ ସେ ବିଧାନସଭାର ଆଇନ ପ୍ରଣୟନରେ ବାଧା ସୃଷ୍ଟି ଉଦ୍ଦେଶ୍ୟରେ ତାକୁ ବ୍ୟବହାର କରିପାରିବେ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ଚେତାଇ ଦେଇଛନ୍ତି।




ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଜେ.ବି. ପରଦିୱାଲା ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ରାଜ୍ୟପାଳ ହେଉଛନ୍ତି ରାଜ୍ୟର ଅନିର୍ବାଚିତ ମୁଖ୍ୟ, ଯାହାଙ୍କ ପାଖରେ କେତେକ ସାମ୍ବିଧାନିକ କ୍ଷମତା ରହିଥାଏ। ତେବେ ସେହି କ୍ଷମତାଗୁଡ଼ିକ ବିଧାନସଭାର ଆଇନ ପ୍ରଣୟନରେ ବାଧା ସୃଷ୍ଟି କରିପାରିବ ନାହିଁ।

ସମ୍ବିଧାନର ଅନୁଚ୍ଛେଦ ୨୦୦ ରାଜ୍ୟପାଳଙ୍କୁ ବିଧାନସଭାରେ ଗୃହୀତ ବିଲ୍‌କୁ ଅନୁମୋଦନ କିମ୍ବା ନାମଞ୍ଜୁର କରିବା ଅଥବା ରାଷ୍ଟ୍ରପତିଙ୍କ ନିକଟକୁ ବିଚାର ନିମନ୍ତେ ପଠାଇବା କ୍ଷମତା ଦେଇଛି। ଅନୁଚ୍ଛେଦ ୨୦୦ର ମୂଳଭାଗରେ ପ୍ରଦତ୍ତ କ୍ଷମତା ଅନୁସାରେ ରାଜ୍ୟପାଳ ବିଲ୍‌କୁ ପକାଇରଖିଲେ ସେ ଯଥାଶୀଘ୍ର ସମ୍ଭବ ଏନେଇ ବିଧାନସଭାକୁ ଜଣାଇବେ। ରାଜ୍ୟପାଳଙ୍କୁ ଅପ୍ରତିହତ କ୍ଷମତା ପ୍ରଦାନ ଏକ ସୁନିର୍ବାଚିତ ବ୍ୟବସ୍ଥାପିକାର ଆଇନପ୍ରଣୟନ ସମ୍ପର୍କିତ କାର୍ଯ୍ୟକାରିତାରେ ବସ୍ତୁତଃ ଭେଟୋ ଲଗାଇଦେବ। ଏଭଳି କାର୍ଯ୍ୟ ସଂସଦୀୟ ସରକାର ବ୍ୟବସ୍ଥାଭିତ୍ତିକ ସାମ୍ବିଧାନିକ ଗଣତନ୍ତ୍ରର ମୌଳିକ ସିଦ୍ଧାନ୍ତଗୁଡ଼ିକର ବିରୁଦ୍ଧାଚରଣ କରିବା ସଦୃଶ। ତେଣୁ ରାଜ୍ୟପାଳମାନେ କେଉଁ ବିକଳ୍ପକୁ ଆପଣାଇବାକୁ ଯାଉଛନ୍ତି ତାହା ମଧ୍ୟ ଘୋଷଣା କରିବା ଜରୁରୀ। ପଞ୍ଜାବ ରାଜ୍ୟପାଳ ବନୱାରୀଲାଲ ପୁରୋହିତଙ୍କ ବିରୋଧରେ ରାଜ୍ୟର ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସରକାର ଦାଖଲ କରିଥିବା ପିଟିଶନର ଏହି ରାୟ ନଭେମ୍ବର ୧୦ରେ ଆସିଥିଲା। ଗୁରୁବାର ଉକ୍ତ ରାୟର ବିସ୍ତୃତ ବିବରଣୀକୁ ୩ ଜଣିଆ ଖଣ୍ଡପୀଠ ସାର୍ବଜନୀନ କରିଛନ୍ତି। କେରଳ ଓ ତାମିଲନାଡୁ ସରକାର ମଧ୍ୟ ନିଜ ନିଜ ରାଜ୍ୟପାଳଙ୍କ ବିରୋଧରେ ଅନୁରୂପ ପିଟିଶନ ଦାଖଲ କରିଥିଲେ।

### ଫୁର୍‌ସତ୍

## ପରିବାର ସମ୍ଭାଳିବାଠାରୁ ଆରମ୍ଭକରି ମହାକାଶ ଗବେଷଣା

**ସ**ମାଜ ତଥା ପରିବାରରେ ମହିଳାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପରିବାର, ସମାଜ, ଦେଶ ତଥା ପୃଥିବୀର ବିକାଶରେ ମହିଳାଙ୍କ ଭୂମିକା ଅପରିହାର୍ଯ୍ୟ ହୋଇଥାଏ। ମହିଳାଙ୍କ ବିକାଶ ମାଧ୍ୟମରେ ଯେକୌଣସି ଦେଶର ବିକାଶ ସମ୍ଭବ ହୋଇପାରିଥାଏ। କିନ୍ତୁ ମହିଳାଙ୍କ ଉପରେ ବୃଦ୍ଧି ପାଉଥିବା ବିଭିନ୍ନ ହିଂସା ଘଟଣା ଯୋଗୁ ବିକାଶ ବାଧାପ୍ରାପ୍ତ ହୋଇଥାଏ। ଏନେଇ ସଚେତନତା ସୃଷ୍ଟି ଲାଗି ବିଶ୍ୱସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି। ସମ୍ପ୍ରତି ପରିବାର ସମ୍ଭାଳିବାଠାରୁ ଆରମ୍ଭକରି ପ୍ରତିରକ୍ଷା ଏବଂ ମହାକାଶ ଗବେଷଣା କ୍ଷେତ୍ରରେ ସବୁଠି ମହିଳା ନିଜର କ୍ଷମତା ପ୍ରଦର୍ଶନ କରିପାରିଛନ୍ତି। ପ୍ରତିବର୍ଷ ନଭେମ୍ବର ୨୫ରେ ଅନ୍ତର୍ଜାତୀୟ ମହିଳା ହିଂସା ଦୂରୀକରଣ ଦିବସ ପାଳିତ ହୋଇଥାଏ।




୧୯୭୯ରେ ଜାତିସଂଘ ସାଧାରଣ ସଭା ପକ୍ଷରୁ ମହିଳାଙ୍କ ପ୍ରତି ହେଉଥିବା ସମସ୍ତ ପ୍ରକାରର ଭେଦଭାବ ବିଲୋପ ସମ୍ମିଳନୀ (ସିଇଡିଏଡବ୍ଲ୍ୟୁ)ରେ ଏ ସମ୍ପର୍କରେ ଘୋଷଣା କରାଯାଇଥିଲା। ମହିଳା ଅଧିକାର କର୍ମୀମାନଙ୍କ ପକ୍ଷରୁ ୧୯୮୧ଠାରୁ ଲିଙ୍ଗଭିତ୍ତିକ ହିଂସା ବିରୋଧରେ ୨୫ ନଭେମ୍ବରରେ ଏହି ଦିବସ ପାଳନ କରାଯିବାକୁ ପ୍ରସ୍ତାବ ଆଗତ କରାଯାଇଥିଲା। ଶେଷରେ ୭ ଫେବୃୟାରୀ ୨୦୦୦ରେ ଜାତିସଂଘର ସାଧାରଣ ସଭା ପକ୍ଷରୁ ୫୪/୧୩୪ ରେଜୋଲ୍ୟୁଶନ ଗ୍ରହଣ କରାଯାଇ ଆନୁଷ୍ଠାନିକ ଭାବରେ ୨୫ ନଭେମ୍ବରକୁ ମହିଳାଙ୍କ ପ୍ରତି ହେଉଥିବା ହିଂସାକୁ ଦୂର କରିବା ପାଇଁ ଅନ୍ତର୍ଜାତୀୟ ଦିବସ ଭାବେ ପାଳନ କରିବାକୁ ଘୋଷଣା କରାଯାଇଥିଲା। ୨୦୦୮ରେ ମହିଳାଙ୍କ ପ୍ରତି ହିଂସାକୁ ଶେଷ କରିବା ପାଇଁ ୟୁନିଟ ନାମକ ଏକ ସଂଗଠନ ଗଠନ କରାଯାଇଥିଲା। ସମଗ୍ର ବିଶ୍ୱରେ ମହିଳାଙ୍କ ପ୍ରତି ହେଉଥିବା ହିଂସାକୁ ସମାପ୍ତ କରିବା ପାଇଁ ସ୍ୱତନ୍ତ୍ର ନୀତି ପରିପ୍ରକାଶ ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲାଗି ଏହି ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥାଏ।

## ଫିଲ୍ମ ସଫଳତା ପାଇଁ ସ୍ୱର୍ଣ୍ଣ ମନ୍ଦିରରେ ଭିକ୍କି

**ମୁମ୍ବାଇ:** ବଲିଉଡ୍ ଅଭିନେତା ଭିକ୍କି କୌଶଲ ଏବେ ତାଙ୍କ ଅପ୍‌କମିଂ ଚଳଚ୍ଚିତ୍ର 'ସାମ୍ ବାହାଦୁର' ପାଇଁ ଚର୍ଚ୍ଚାରେ ଅଛନ୍ତି। ଫିଲ୍ମ ରିଲିଜ୍ ହେବା ପୂର୍ବରୁ ଭିକ୍କି ଅମୃତସହରର ସ୍ୱର୍ଣ୍ଣ ମନ୍ଦିରରେ ପହଞ୍ଚିଛନ୍ତି। ଏନେଇ ସେ ଇନ୍‌ଷ୍ଟାଗ୍ରାମ୍‌ରେ ମନ୍ଦିର ସହ ତାଙ୍କର ଫଟୋ ପୋଷ୍ଟ କରିଛନ୍ତି। ତାଙ୍କ ସହିତ ଫିଲ୍ମ ନିର୍ଦ୍ଦେଶକ ମେଘ୍ନା ଗୁଲଜାର ଏବଂ ଅଭିନେତ୍ରୀ ସାନ୍ୟା ମାଲହୋତ୍ରାଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା। ଫିଲ୍ମ ରିଲିଜ୍ ପୂର୍ବରୁ ସଫଳ କାମନା ପାଇଁ ସେମାନେ ମନ୍ଦିର ଦର୍ଶନ କରିଥିବା ଜଣାପଡ଼ିଛି। ସ୍ୱର୍ଣ୍ଣ ମନ୍ଦିରରେ ପହଞ୍ଚିବା ପରେ ଭିକ୍କି ପ୍ରଥମେ ନତମସ୍ତକ ହୋଇ ପ୍ରାର୍ଥନା କରିଥିଲେ। ପରେ ଗୁରୁବାଣୀଙ୍କ କଥା ଶୁଣିଥିଲେ। ଏହାପରେ ସେ ସରୋବର ପରିକ୍ରମା କରିଥିଲେ। ଏହି ସମୟରେ କିଛି ପ୍ରଶଂସକଙ୍କ ସହ ଫଟୋ ଉଠାଇଥିବା ଦେଖିବାକୁ ମିଳିଥିଲା। ଭିକ୍କିଙ୍କ ଆଗାମୀ ଚଳଚ୍ଚିତ୍ର 'ସାମ ବାହାଦୁର'କୁ ପ୍ରଶଂସକ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ଫିଲ୍ମର ଟ୍ରେଲର ମଧ୍ୟ କିଛି ସମୟ ପୂର୍ବରୁ ଲଞ୍ଚ ହୋଇଛି। ଟ୍ରେଲର ଦେଖିବା ପରେ ପ୍ରଶଂସକଙ୍କ ମଧ୍ୟରେ ଆହୁରି ଉତ୍ସାହ ବଢିଯାଇଛି। ଏହି ଫିଲ୍ମ ଆସନ୍ତା ୨ରେ ମୁକ୍ତିଲାଭ କରିବ। ୨୦୧୨ରେ ସେ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଶେଷଥର ପାଇଁ ତାଙ୍କୁ ଫିଲ୍ମ 'ଦି ଗ୍ରେଟ୍ ଇଣ୍ଡିଆନ ଫ୍ୟାମିଲି'ରେ ଦେଖିବାକୁ ମିଳିଥିଲା। ଆଗକୁ ତାଙ୍କ ହାତରେ ଆଉ ୩ଟି ଫିଲ୍ମ ରହିଛି।



## ବିଶ୍ୱର ସବୁଠୁ ବଡ଼ କାଠର ସହର ହେବ ସୁଇଡେନ

**ଷ୍ଟକ୍‌ହୋମ:** ଏପରି ଅନେକ ସହର ଅଛି, ଯାହା ଦେଖିବାକୁ ବହୁତ ସୁନ୍ଦର। ତା'ର ଉଚ୍ଚ ଅଟ୍ଟାଳିକା ସହରର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ। ହେଲେ ସମସ୍ତ ଅଟ୍ଟାଳିକା କଂକ୍ରିଟ୍‌ରେ ତିଆରି ହୋଇଥିବା ସାଧାରଣ କଥା। କିନ୍ତୁ ଏପରି ଏକ ସହର ଅଛି, ଯାହାର ସମସ୍ତ ଜିନିଷ କାଠରେ ତିଆରି। ସୁଇଡେନ ଦୁନିଆର ପ୍ରଥମ କାଠର ସହର କରିବାକୁ ଘୋଷଣା କରିଛି, ଯାହା ବିଶ୍ୱର ସବୁଠୁ ବଡ଼ କାଠ ସହର ହେବ। ରିପୋର୍ଟ ମୁତାବକ, ସ୍ୱିଡେନ ରାଜଧାନୀ ଷ୍ଟକ୍‌ହୋମରେ ବିଶ୍ୱର ସର୍ବପ୍ରଥମ କାଠର ସହର ତିଆରି କରାଯିବ। ଏହାକୁ ଡ୍ୟାନିସ ଷ୍ଟୁଡିଓ ହେନିଂ ଲାର୍ସେନ ଏବଂ ସୁଇଡେନ ଫର୍ମ ୱାଇଟ୍ ଆର୍କିଟେକ୍ଟର ଡିଜାଇନ କରିବେ। ୨୦୨୫ ବେଳକୁ ଏହାର



ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ୨୦୨୭ ଭିତରେ ଏହା ସମ୍ପୂର୍ଣ୍ଣ ହେବ ବୋଲି ସୂଚନା ରହିଛି। ନିକଟରେ ସ୍ୱିଜରଲାଣ୍ଡ, ଅଷ୍ଟ୍ରେଲିଆ ଭଳି ଦେଶରେ ଆକାଶ ଛୁଉଁଥିବା କାଠର କୋଠା ନିର୍ମାଣ କରାଯାଇଛି। ଗତବର୍ଷ ସିଙ୍ଗାପୁରରେ ୪୬୮ ହଜାର ବର୍ଗଫୁଟ ଅଞ୍ଚଳର କଲେଜ ପରିସର ଉଦ୍‌ଘାଟନ କରାଯାଇଛି। ଏଠାରେ ସମ୍ପୂର୍ଣ୍ଣ କାଠରେ ହିଁ ପ୍ରସ୍ତୁତ କରାଯାଇଛି। ଏହାକୁ କାଠରେ ତିଆରି ଏସିଆର ସବୁଠୁ ବଡ଼ କଲେଜ ବୋଲି କୁହାଯାଉଛି। ଷ୍ଟକ୍‌ହୋମର ଦକ୍ଷିଣ-ପୂର୍ବ ଅଞ୍ଚଳରେ ତିଆରି ହେବାକୁ ଥିବା ଏହି ସହରର ପ୍ରାୟ ୨୫୦ ହଜାର ବର୍ଗ କି.ମି. ଅଞ୍ଚଳରେ ପରିବ୍ୟାପ୍ତ ହେବ। ଏଠାରେ ୭ହଜାର ଅଫିସ, ୨ହଜାର ଘର ତିଆରି କରାଯିବ। ଏଠାରେ ଲୋକ ରହିପାରିବେ। ଏଥିସହ ରେଷ୍ଟୁରାଣ୍ଟ, ଦୋକାନ ଏବଂ ପାର୍କ ମଧ୍ୟ ନିର୍ମାଣ କରାଯିବ। ଏହି ସ୍ଥାନରେ ପୂର୍ବରୁ ୫୦୦ରୁ ଅଧିକ କମ୍ପାନୀ କାର୍ଯ୍ୟ କରୁଛି। ଏହି ସହରକୁ ୫ ମିନିଟ୍‌ର ସହର ମଧ୍ୟ କୁହାଯାଇ ପାରିବ। କାରଣ ଏହି ସହରକୁ ୫ ମିନିଟ୍‌ରେ ପୂରା ବୁଲିହେବ।

## ବିମାନରେ ରହିଛି ୯ ପଙ୍ଖା, ୮ ଇଞ୍ଜିନ



ନୂଆଦିଲ୍ଲୀ

ସାଧାରଣତଃ ବିମାନ କଥା ଆସିଲେ ଆମେ ଉଡ଼ାଜାହାଜ କଥା ଭାବିଥାଉ। ହେଲେ ଏପରି ଏକ ବିମାନ ଥିଲା ଯାହା ଦେଖିବାକୁ ଅଜବ। ଏହି ବିମାନର ନାମ ଥିଲା କ୍ୟାପ୍ରୋନି ସିଏ-୬୦ ଟ୍ରାନ୍ସଏରିୟୋ। ଏହାର ଉଚ୍ଚତା ୩୦ ଫୁଟ। ଯେତେବେଳେ ଏହି ବିମାନ ଦ୍ୱିତୀୟ ଥର ଉଡ଼ିଲାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ରିପୋର୍ଟ ଅନୁଯାୟୀ, ବିମାନ ଉତ୍ପାଦନକାରୀ କମ୍ପାନୀ ସୋସାଇଟି ଇଟାଲୀନା କ୍ୟାପ୍ରୋନି ଦ୍ୱାରା ନିର୍ମିତ ହୋଇଥିଲା। ବାସ୍ତବରେ କମ୍ପାନୀ ଏକ 'ଫ୍ଲାଇଂ ବୋଟ୍' ତିଆରି କରିବାକୁ ଚାହୁଁଥିଲା, ଯାହା ଏକ ସରଳ, କ୍ଷୁଦ୍ର ଏବଂ ନିରାପଦ ଯାତ୍ରାରେ ଭୂମଧ୍ୟସାଗର ଏବଂ ଆଟଲାଣ୍ଟିକ ଦେଇ ୧୦୦ ଯାତ୍ରୀଙ୍କୁ ନେଇପାରିବ। ଦୁର୍ଘଟଣା ଅବତରଣ କିମ୍ବା ଆକାଶରେ କୌଣସି ବୈଷୟିକ ତ୍ରୁଟି ହେଲେ ବିମାନଟି ସହଜରେ ପାଣିରେ ଯାତ୍ରା କରିପାରିବ। ଏହି ବିମାନରେ ୪୦୦ ହର୍ସ ପାୱାରର ୮ ଇଞ୍ଜିନ ଏବଂ ୩୦ ମିଟର ଲମ୍ବର ୯ଟି ପଙ୍ଖା ଥିଲା।

# ନରେନ୍ଦ୍ରନ୍‌ଙ୍କୁ ଆଇଆଇଏମ୍-ଜେଆର୍‌ଡି ଟାଟା ପୁରସ୍କାର

ଭୁବନେଶ୍ୱର,୨୪।୧୧
(ଅଭୟ ଦାଶ)



ଦେଶର ପ୍ରମୁଖ ଘରୋଇ କମ୍ପାନୀ ଟାଟା ଷ୍ଟିଲ୍‌ର ଏମ୍‌ଡି ତଥା ସିଇଓ ଟି.ଭି. ନରେନ୍ଦ୍ରନ୍‌ଙ୍କୁ ନିକଟରେ ଆଉ ଏକ ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଟାଲ୍ସ (ଆଇଆଇଏମ୍)ର ୭୭ତମ ବାର୍ଷିକ ବୈଷୟିକ ବୈଠକରେ ଟାଟା ଷ୍ଟିଲ୍‌ର ଏମ୍‌ଡି ତଥା ସିଇଓ ଟି. ଭି. ନରେନ୍ଦ୍ରନ୍‌ଙ୍କୁ ସମ୍ମାନଜନକ ଆଇଆଇଏମ୍-ଜେଆର୍‌ଡି ଟାଟା ପୁରସ୍କାର-୨୦୨୩ ପ୍ରଦାନ କରାଯାଇଛି। ବିଶେଷକରି ଧାତବ ଶିଳ୍ପରେ କର୍ପୋରେଟ ନେତୃତ୍ୱ ଉତ୍କର୍ଷ ପାଇଁ ନରେନ୍ଦ୍ରନ୍‌ଙ୍କୁ ଉପରୋକ୍ତ ସମ୍ମାନରେ ସମ୍ମାନିତ କରାଯାଇଛି। ଏପରିକି ଆଇଆଇଏମ୍‌ର ସଭାପତି ସତୀଶ ପାଇ ନରେନ୍ଦ୍ରନ୍‌ଙ୍କୁ ଉକ୍ତ ପୁରସ୍କାର ପ୍ରଦାନ କରିଥିଲେ। ଅପରପକ୍ଷରେ ଦୀର୍ଘ ସ୍ଥାୟିତ୍ୱ,ନବସୃଜନ ଓ ଦାୟିତ୍ୱବାନ୍ ବ୍ୟବସାୟ ଅଭ୍ୟାସ ପ୍ରତି ଟାଟା ଷ୍ଟିଲର ପ୍ରତିବଦ୍ଧତା ରହିଛି। ଉକ୍ତ ପ୍ରତିବଦ୍ଧତା ଅନୁସାରେ ଖଣି ଓ ଧାତବ ଶିଳ୍ପ ପ୍ରତି ଗୁରୁତ୍ୱପୂର୍ଣ୍ଣ ଅବଦାନ ଲାଗି ନରେନ୍ଦ୍ରନ୍‌ଙ୍କୁ ଏଭଳି ଏକ ସମ୍ମାନଜନକ ଆୱାର୍ଡ ଦିଆଯାଇଛି। ସୂଚନାଯୋଗ୍ୟ, ୨୦୦୬-୦୭ରେ ଆରମ୍ଭ ହୋଇଥିବା ଆଇଆଇଏମ୍-ଜେଆର୍‌ଡି ଟାଟା ପୁରସ୍କାର ସମାରୋହ ଉତ୍ସବ ଜେଆର୍‌ଡି ଟାଟାଙ୍କ ପରମ୍ପରାକୁ ମନେଇ ପକାଇଥାଏ। ଏହା ଗୋଷ୍ଠୀ ସମୁଦାୟ ଏବଂ ଦେଶ ପାଇଁ ପରିବର୍ତ୍ତନ ଆଣିବା ଲାଗି ତାଙ୍କ ଦୃଷ୍ଟିକୋଣକୁ ମଧ୍ୟ ପ୍ରତିଫଳିତ କରୁଛି।

# ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧିରେ ଆର୍‌ବିଆଇ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୨୪।୧୧




ଦେଶର ପ୍ରମୁଖ ଘରୋଇ ଶିଳ୍ପ ସଙ୍ଗଠନ ଫେଡେରେଶନ ଅଫ୍ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି) ଏବଂ ଇଣ୍ଡିଆନ୍ ବ୍ୟାଙ୍କସ୍ ଆସୋସିଏଶନ ପକ୍ଷରୁ ମିଳିତ ଭାବେ ମୁମ୍ବାଇଠାରେ ଆୟୋଜିତ ଏହାର ପ୍ରମୁଖ ବ୍ୟାଙ୍କିଙ୍ଗ୍ ସମ୍ପର୍କିତ ବାର୍ଷିକ କାର୍ଯ୍ୟକ୍ରମ ଏଫ୍‌ଆଇବିଏସି-୨୦୨୩ ରେ ଫିକିର ସଭାପତି ତଥା ଇଣ୍ଡିଆନ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ୍ ଲିମିଟେଡ୍ (ଇମ୍ଫା)ର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା ଉଦ୍‌ବୋଧନ ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଗଭର୍ନର ଶକ୍ତିକାନ୍ତ ଦାସ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ଏସ୍‌ବିଆଇ ଅଧ୍ୟକ୍ଷ ଦିନେଶ ଖାରା ଏବଂ ଆକ୍ସିସ୍ ବ୍ୟାଙ୍କ୍‌ର ପରିଚାଳନା ନିର୍ଦ୍ଦେଶକ ଅମିତାଭ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପଣ୍ଡା କହିଛନ୍ତି, ଭାରତୀୟ ବ୍ୟାଙ୍କିଙ୍ଗ୍ କ୍ଷେତ୍ରର କ୍ରମାଗତ ବିକାଶରେ ଆର୍‌ବିଆଇର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏବଂ ଏହାର ସୁଚିନ୍ତିତ ପଦକ୍ଷେପ ଯୋଗୁ ବ୍ୟାଙ୍କ୍‌ଗୁଡ଼ିକ ସୁଦୃଢ ହେବା ସହିତ ଭାରତର ଦ୍ରୁତ ଅର୍ଥନୈତିକ ବିକାଶରେ ସହାୟତା କରିବାକୁ ସକ୍ଷମ ହୋଇପାରିଛନ୍ତି। ସେହିପରି ଦାସ କହିଛନ୍ତି,ଆର୍‌ବିଆଇ ବିଭିନ୍ନ ବାହ୍ୟ ଦିଗଗୁଡ଼ିକୁ ବିଚାରକୁ ନେଇ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ଉପରେ ନିରନ୍ତର ଭାବେ ଧ୍ୟାନ କେନ୍ଦ୍ରିତ କରିବ।

# ରାଷ୍ଟ୍ରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀକୁ ବେଦାନ୍ତର ସମର୍ଥନ

ଭୁବନେଶ୍ୱର,୨୪।୧୧



ପ୍ରତି ବର୍ଷ ଭଳି ଚଳିତବର୍ଷ ମଧ୍ୟ ଜାତୀୟ ଯୁବ ବୈଜ୍ଞାନିକ ପ୍ରଦର୍ଶନୀକୁ ବେଦାନ୍ତ ଆଲୁମିନିୟମ ସମର୍ଥନ ଜଣାଇଛି। ବିଶେଷକରି ସୁନ୍ଦରଗଡ଼ ଜିଲାର ହେମଗିର ବ୍ଲକରେ ନ୍ୟାଶନାଲ କାଉନସିଲ ଅଫ୍ ଏଜୁକେଶନାଲ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଏନ୍‌ସିଇଆର୍‌ଟି) ଦ୍ୱାରା ଆୟୋଜିତ ରାଷ୍ଟ୍ରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀକୁ ବେଦାନ୍ତ ଆଲୁମିନିୟମ ସମର୍ଥନ କରିଛି। ଉକ୍ତ ପ୍ରଦର୍ଶନୀ ଓ ସୁରଭି ଶିଶୁ ମହୋତ୍ସବ ପରି ପ୍ରଭାବଶାଳୀ ଶିକ୍ଷାଗତ ପଦକ୍ଷେପକୁ ନିୟମିତ ଉତ୍ସାହିତକରି ବେଦାନ୍ତ ଆଲୁମିନିୟମ ଗୁଣାତ୍ମକ ଶିକ୍ଷା ତଥା ଯୁବ ମାନସିକତାକୁ ସୁଦୃଢ଼ କରିବା ସହ ଗୋଷ୍ଠୀର ବିକାଶ ପାଇଁ ପ୍ରତିବଦ୍ଧତା ପ୍ରଦର୍ଶନ କରିଛି। ସେହିଭଳି ବିଜ୍ଞାନ, ପ୍ରଯୁକ୍ତି, ଇଞ୍ଜିନିୟରିଂ ଓ ଗଣିତ (ଷ୍ଟେମ୍) କ୍ଷେତ୍ରରେ ଉଚ୍ଚଶିକ୍ଷା ଗ୍ରହଣ କରିବାକୁ ପିଲାମାନେ ଚୟନ କରିବା ଉଚିତ ବୋଲି ପ୍ରଦର୍ଶନୀ ଜରିଆରେ ପ୍ରେରଣା ଦିଆଯାଇଥିଲା। ଏପରିକି ଯୁବଛାତ୍ରମାନେ ପ୍ରଦର୍ଶନୀ ମାଧ୍ୟମରେ ବିଜ୍ଞାନର ସମ୍ଭାବନାକୁ ଉପଯୋଗକରି ସମାଜର ଆବଶ୍ୟକତା ପାଇଁ ଅନନ୍ୟ ସମାଧାନ ବିଷୟରେ ଜାଣିବାକୁ ପାଇଥିଲେ। ଉକ୍ତ ପ୍ରଦର୍ଶନୀରେ ଗଣିତ ସମ୍ବନ୍ଧୀୟ ଧାରଣା, ଉପଯୁକ୍ତ ପୁଷ୍ଟିକର ଖାଦ୍ୟର ମହତ୍ତ୍ୱ, ବର୍ଜ୍ୟବସ୍ତୁ ନିଷ୍କାସନ ପ୍ରଣାଳୀ, ସୌରଶକ୍ତିର ଉପଯୋଗ ଓ ମିଲେଟକୁ ସୁପର ଫୁଡ୍ ଭାବେ ବ୍ୟବହାର କରିବା ଲାଗି ଅଭିନବ ରେସିପି ଥିମ୍ ଆଦି ବିଷୟରେ ପିଲାମାନେ ଜାଣିବାକୁ ପାଇଥିଲେ। ବେଦାନ୍ତ ଲିମିଟେଡ୍ ଆଲୁମିନିୟମ ବ୍ୟବସାୟର ସିଇଓ (ମାଇନ୍ସ) ଭି.ଶ୍ରୀକାନ୍ତ କହିଥିଲେ, ବେଦାନ୍ତ ଆଲୁମିନିୟମ ସର୍ବଦା ଗୋଷ୍ଠୀ ପ୍ରତି ସଚେତନ ରହିଛି। ଜାତୀୟ ଯୁବ ବୈଜ୍ଞାନିକ ପ୍ରଦର୍ଶନୀ ଭଳି ପଦକ୍ଷେପ ଆମର ସମର୍ଥନ ପରିବେଶ ପ୍ରୀତିକୁ ପ୍ରତିପାଦିତ କରିଥାଏ। ବିଶେଷକରି ଶିକ୍ଷାର ପରିବର୍ତ୍ତନଶୀଳ ପ୍ରଭାବ ଉପରେ ଆମେ ଦୃଢବିଶ୍ୱାସ କରୁ ଓ ଏଭଳି ପଦକ୍ଷେପ ମାଧ୍ୟମରେ ଆମେ ଆଗାମୀ ପିଢ଼ି ପାଇଁ ନୂଆ ସୁଯୋଗ ସୃଷ୍ଟି କରିପାରିବା।

# ଦକ୍ଷତା ବୃଦ୍ଧିକୁ ଟାଟା ପାୱାରର ଗୁରୁତ୍ୱ

ଭୁବନେଶ୍ୱର,୨୪।୧୧

ଦେଶର ପ୍ରମୁଖ ଘରୋଇ ସଂସ୍ଥା ଟାଟା ପାୱାର ଓଡ଼ିଶାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଟ୍ରେନ୍ ଟୁ ହାୟାର' ଜାରି ରଖିଛି। ଏପରିକି ରାଜ୍ୟ ସରକାରଙ୍କ ସହ ଯୌଥ ଉଦ୍ୟୋଗ ସ୍ଥାପନକରି ଓଡ଼ିଶାରେ ୪ଟି ଡିସ୍‌କମ୍ ପରିଚାଳନା କରୁଥିବା ଟାଟା ପାୱାର ରାଜ୍ୟର ପ୍ରମୁଖ ବିଶ୍ୱବିଦ୍ୟାଳୟଗୁଡ଼ିକ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ବିଶେଷକରି ଉକ୍ତ କାର୍ଯ୍ୟକ୍ରମ ଜରିଆରେ ହଜାର ହଜାର ଓଡ଼ିଆ ଯୁବତୀଯୁବକ ଶକ୍ତି କ୍ଷେତ୍ର ପାଇଁ ନିଯୁକ୍ତି ଓ ପ୍ରାସଙ୍ଗିକ ଦକ୍ଷତା ହାସଲ କରିପାରିବେ। ଅପରପକ୍ଷରେ ଓଡ଼ିଶା ସରକାରଙ୍କ 'ସ୍କିଲ୍ଡ ଇନ୍ ଓଡ଼ିଶା' ଅଭିଯାନ ଅନୁଯାୟୀ ଉପରୋକ୍ତ ପଦକ୍ଷେପ ନିଆଯାଇଛି। ଉକ୍ତ ପଦକ୍ଷେପ ଜରିଆରେ ସ୍ଥାନୀୟ ଯୁବତୀଯୁବକଙ୍କୁ ନିଯୁକ୍ତି ଓ ଉଦ୍ୟୋଗୀ ଦକ୍ଷତା ବୃଦ୍ଧି ପାଇଁ ଆଶାୟୀ ଯୁବତୀଯୁବକଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଉଛି। ଏ ସମ୍ପର୍କରେ ଟାଟା ପାୱାରର ସଭାପତି (ଟି ଆଣ୍ଡ ଡି) ସଞ୍ଜୟ ବାଙ୍ଗା କହିଛନ୍ତି, ସ୍ଥାନୀୟ ଯୁବକମାନଙ୍କୁ ସେମାନଙ୍କ ଆଶା ଓ ଆକାଂକ୍ଷା ପୂରଣ କରିବା ପାଇଁ ଆବଶ୍ୟକ ଦକ୍ଷତା ଓ ସୁଯୋଗ ଯୋଗାଇଦେବା ପାଇଁ ଟାଟା ପାୱାର ଏବଂ ତା'ର ଓଡ଼ିଶା ଡିସ୍‌କମ୍‌ଗୁଡ଼ିକ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ରହିଛି। ଶକ୍ତି କ୍ଷେତ୍ରରେ ଯୁବପିଢ଼ିଙ୍କ ଉନ୍ନତି ଓ ଉତ୍କର୍ଷ ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି କରି ମେକ୍ ଇନ୍ ଓଡ଼ିଶା ଲକ୍ଷ୍ୟକୁ ସମର୍ଥନ ପ୍ରଦାନ କରିବାରେ କମ୍ପାନୀର ଭୂମିକାକୁ ନେଇ ଆମେ ଗର୍ବ ଅନୁଭବ କରୁଛୁ। ରାଜ୍ୟ ସରକାରଙ୍କ 'ସ୍କିଲ୍ଡ ଇନ୍ ଓଡ଼ିଶା'ଅଭିଯାନକୁ ସମର୍ଥନ କରି ଶିଳ୍ପ ପାଇଁ ପ୍ରସ୍ତୁତ କର୍ମଚାରୀଙ୍କ ଏକ ବିଶାଳ ସଂଖ୍ୟା ବିକଶିତ କରିବା ପାଇଁ ଆମେ ଏହି ସହଯୋଗିତାକୁ ପ୍ରୋତ୍ସାହିତ କରୁଛୁ। ସେହିଭଳି ଶ୍ରେଣୀ ଗୃହ ଶିକ୍ଷା ଏବଂ ବାସ୍ତବ ଦୁନିଆର ପ୍ରୟୋଗ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ପାଇଁ ଏହି ପଦକ୍ଷେପଗୁଡ଼ିକ ଯୁବତୀଯୁବକମାନଙ୍କୁ ଶିଳ୍ପ ବିଶେଷଜ୍ଞ ଏବଂ ପରାମର୍ଶଦାତାଙ୍କ ସହିତ ଯୋଡ଼ିବ। ଉକ୍ତ କାର୍ଯ୍ୟକ୍ରମ ଜରିଆରେ ଛାତ୍ରୀଛାତ୍ରମାନେ ଯୋଗ୍ୟତା ମାନଦଣ୍ଡ ପୂରଣକରି ଟାଟା ପାୱାର ଓଡ଼ିଶା ଡିସ୍‌କମ୍‌ଗୁଡ଼ିକରେ ନିଜର କ୍ୟାରିୟର ଆରମ୍ଭ କରିପାରିବେ କିମ୍ବା ଉଦ୍ୟମିତା ଯାତ୍ରା ଆରମ୍ଭ କରିପାରିବେ, ଯାହାଦ୍ୱାରା ରାଜ୍ୟରେ ଅର୍ଥନୈତିକ ଅଭିବୃଦ୍ଧି ଏବଂ ଆତ୍ମନିର୍ଭରଶୀଳତା ବୃଦ୍ଧି ପାଇବ। ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସ୍‌କମ୍‌ଗୁଡ଼ିକ ବର୍ତ୍ତମାନ ଓଡ଼ିଶାରେ ଥିବା କମ୍ପାନୀର ୪ଟି ଡିସ୍‌କମ୍- ଟିପି ସେଣ୍ଟ୍ରାଲ୍, ଟିପି ସଦର୍ନ, ଟିପି ନର୍ଦନ ଏବଂ ଟିପି ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍‌ରେ ସିଧାସଳଖ ୧୪,୦୦୦ଲୋକଙ୍କୁ ନିଯୁକ୍ତି ଦେଇଛି ରାଜ୍ୟର ତୃତୀୟ ପକ୍ଷ ଠିକାଦାରଙ୍କ ଜରିଆରେ ରକ୍ଷଣାବେକ୍ଷଣ ଓ ପରିଚାଳନା କାର୍ଯ୍ୟ ପାଇଁ ଗ୍ରାଉଣ୍ଡ ଷ୍ଟାଫ୍ ଭାବେ ନିୟୋଜିତ ହୋଇଥିବା ୫୦,୦୦୦ରୁ ଅଧିକ ସ୍ଥାନୀୟ ଲୋକଙ୍କୁ ବ୍ୟାପକ ବୈଷୟିକ ଓ ନିରାପତ୍ତା ପ୍ରଶିକ୍ଷଣ ପ୍ରଦାନ କରିବା ଦିଗରେ ଏହି ଡିସ୍‌କମ୍‌ଗୁଡ଼ିକ କାର୍ଯ୍ୟ କରୁଛନ୍ତି।

# ଖସିଲା ଶେୟାର ବଜାର କାରବାର

ଭୁବନେଶ୍ୱର,୨୪।୧୧

କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୮ (୪୭.୭୭) ପଏଣ୍ଟ ଖସି ୬୫,୯୭୦ (୬୫,୯୭୦.୦୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୭ (୭.୩୦) ପଏଣ୍ଟ ହ୍ରାସ ଘଟି ୧୯,୭୯୫(୧୯,୭୯୪.୭୦) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଥିଲା। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଘର କାମ ଓ ରୋଷେଇ କାମ ପାଇଁ ବ୍ୟକ୍ତି ଆବଶ୍ୟକ
ଘରର ସମସ୍ତ କାମ ଓ ରୋଷେଇ ଜାଣିଥିବା ୪୫ରୁ ୫୫ ବର୍ଷ ମଧ୍ୟରେ ହୋଇଥିବା ପୁରୁଷ ଲୋକ ଆବଶ୍ୟକ ।
ଯୋଗାଯୋଗ:
9937786833, 9668135323
ଫୋନ ସମୟ:ଅପରାହ୍ନ ୪ ଘଟିକାରୁ ୬ ଘଟିକା

+2 SC ପାଇଁ Tutor ଆବଶ୍ୟକ
ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳରେ ଟ୍ୟୁସନ ପାଇଁ Phy, Chem, Math ଶିକ୍ଷକ ଆବଶ୍ୟକ । ଜଣେ ଟ୍ୟୁଟର ୩ଟି subject ପଢାଇ ପାରୁଥିବା ଦରକାର ।
CONTACT
9937786833,9668135323

APPOINTMENT
30 Caregivers for Autism Ashram, Hyderabad.
Qualification: 10th or 12th Pass
Salary: Rs.12,000/-
Free Food,
Free Accommodation, Age be
APURVA 8435155697

REQUIRED
JPSS requires different categories of staff for district wise placement under OSCPS, W&CD and other Departments on outsourcing basis. Interested candidates may apply with registration fee of Rs.350/- to attend Interview at Fortune Towers, Xavier Square, Bhubaneswar on 26.11.2023 (Sunday). Detail Information, Qualifications Criteria & Regn. form are available in Website:jpss.org.in.
Contact Mobile
9090010130 / 7846910292

କେନ୍ଦ୍ରୀୟ ଆୟୁର୍ବେଦିକ ବିଜ୍ଞାନ ଗବେଷଣା ପରିଷଦ
(ଆୟୁଷ ମନ୍ତ୍ରଣାଳୟ, ଭାରତ ସରକାର)
ଜେ.ଏଲ୍.ଏନ୍.ବି.ସି.ଏ.ଏଚ୍. ଅନୁସନ୍ଧାନ ଭବନ,
ନଂ. ୬୧-୬୫, ଇନ୍‌ଷ୍ଟିଚ୍ୟୁସନାଲ୍ ଏରିଆ, 'ଡି' ବ୍ଲକ୍ ସାମ୍ନା,
ଜନକପୁରୀ, ନୂଆଦିଲ୍ଲୀ - ୧୧୦୦୫୮
ବିଜ୍ଞାପନ ୨୦୨୩ (ଡିସେମ୍ବର ବ୍ୟାଚ୍)
ସିସିଆର୍‌ଏଏସ୍ ପୋଷ୍ଟ ଡକ୍ଟରାଲ୍ ଫେଲୋଶିପ୍ ସ୍କିମ୍
(ସିସିଆର୍‌ଏଏସ୍ ପିଡିଏଫ୍ ସ୍କିମ୍)
**କେନ୍ଦ୍ରୀୟ ଆୟୁର୍ବେଦ ବିଜ୍ଞାନ ଗବେଷଣା ପରିଷଦ (ସିସିଆର୍‌ଏଏସ୍),** ଆୟୁଷ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଏକ ସ୍ୱୟଂଶାସିତ ସଂସ୍ଥା, ଆୟୁଷ ମନ୍ତ୍ରଣାଳୟର ଅନୁମୋଦନ ସହିତ ନିକଟ ଅତୀତରେ **"ସିସିଆର୍‌ଏଏସ୍ ପୋଷ୍ଟ ଡକ୍ଟରାଲ୍ ଫେଲୋଶିପ୍ ସ୍କିମ୍"** ଆରମ୍ଭ କରିଛି ଯାହାର ଉଦ୍ଦେଶ୍ୟ ହେଉଛି ଆୟୁର୍ବେଦ କ୍ଷେତ୍ରରେ ବିଭିନ୍ନ ବହୁଶୃଙ୍ଖଳୀୟ ଏରିଆରେ ଅଭିନବ ଧାରଣାଧାରୀ ଆଶାଜନକ ଯୁବ ଗବେଷକମାନଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ପ୍ରଶିକ୍ଷଣ ଓ ଗବେଷଣା ନିମନ୍ତେ ସୁଯୋଗ ଯୋଗାଇବା । ଉପଦେଷ୍ଟା ଅଧୀନସ୍ଥ ଗବେଷଣାରୁ ସ୍ୱାଧୀନ ଗବେଷଣା କ୍ୟାରିୟର୍ ପର୍ଯ୍ୟନ୍ତ ସେମାନଙ୍କର ବାଟ କଢ଼ାଇବା ଏହି ସ୍କିମ୍‌ର ଲକ୍ଷ୍ୟ ଅଟେ । ସିସିଆର୍‌ଏଏସ୍ ଆୟୁର୍ବେଦର ଆଶାଜନକ ନୂଆ ପିଏଚ୍‌ଡି/ପିଜି ଡିଗ୍ରୀ ଧାରକ ଏବଂ ସିଏସ୍‌ଆଇଆର୍, ଆଇସିଏମ୍‌ଆର୍, ଡିବିଟି, ଜାତୀୟ ଅନୁଷ୍ଠାନ, ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟ ଏବଂ ଜାତୀୟ ଆୟୁଷ ଅନୁଷ୍ଠାନ ଇତ୍ୟାଦିର ସମ୍ବନ୍ଧିତ ବିଜ୍ଞାନ ଶୃଙ୍ଖଳାର ପିଏଚ୍.ଡି. ଧାରକଙ୍କ ପାଇଁ ପ୍ରତିବର୍ଷ ଏପରି ଦଶ (୧୦) ଗୋଟି ଫେଲୋଶିପ୍ ଯୋଗାଇବାର ଉଦ୍ଦେଶ୍ୟ ରଖିଛି । ଏହି ଫେଲୋଶିପ୍‌ଗୁଡ଼ିକୁ ଅନୁଷ୍ଠାନ/କେନ୍ଦ୍ରର ଆବଶ୍ୟକତା ଉପରେ ନିର୍ଭର କରି ମହାନିର୍ଦ୍ଦେଶକ, ସିସିଆର୍‌ଏଏସ୍‌ଙ୍କ ଦ୍ୱାରା ଆବଣ୍ଟନ କରାଯିବ । ଜୁନ୍, ୨୦୨୩ ବ୍ୟାଚ୍‌ରେ ୭ଟି ପିଡିଏଫ୍ ପ୍ରଦାନ କରାଯାଇଛି । **ଏହି ବିଜ୍ଞାପନ ଡିସେମ୍ବର, ୨୦୨୩ ବ୍ୟାଚ୍ ନିମନ୍ତେ ଅବଶିଷ୍ଟ ୩ଟି ପିଡିଏଫ୍ ନିମନ୍ତେ ଆବେଦନ ଲାଗି ଉଦ୍ଦିଷ୍ଟ ଅଟେ । ଡିସେମ୍ବର, ୨୦୨୩ ବ୍ୟାଚ୍ ପାଇଁ ଆବେଦନର ଶେଷ ତାରିଖ ହେଉଛି ୩୧ ଡିସେମ୍ବର, ୨୦୨୩ ।** ଯୋଗ୍ୟ ଆଶାୟୀମାନେ ପରିଷଦର ୱେବ୍‌ସାଇଟ୍ www.ccras.nic.in ପରିଦର୍ଶନ କରିପାରନ୍ତି, ଯେଉଁଠାରେ ସିସିଆର୍‌ଏଏସ୍ ପିଡିଏଫ୍ ସ୍କିମ୍, ଆବେଦନ ଫର୍ମ, ଅଙ୍ଗୀକାର ଏବଂ ପୂର୍ଣ୍ଣ ବିଜ୍ଞାପନ ସମେତ ଯୋଗ୍ୟତା, ବୟସସୀମା, ମିଆଦ, ପାରିଶ୍ରମିକ, ଆବେଦନର ପଦ୍ଧତି ଏବଂ ମନୋୟନ ପଦ୍ଧତିର ବିବରଣୀ ଇତ୍ୟାଦି ଉପଲବ୍ଧ ଅଟେ ।
CBC 17216/12/0029/2324
ପ୍ରଶାସନିକ ଅଧିକାରୀ (ଇଏସ୍‌ଟିଟି.)

EXTENTION OF TIMELINE OF EOI
No.PP-68:- The last date of submission of "Expression of Interest" No. 3746 dated 06.11.2023 of SIDAC published in "The Dharitri" & "The Prameya" on 07.11.2023 inviting bids for selection of Canteen service for 18th Toshali National Crafts Mela 2023 is hereby extended up to **02.12.2023 (1.00 PM)**. Interested bidders may download the EOI documents available in the website www.sidacodisha.org.in, www.crafts.odisha.gov.in, www.odisha.gov.in/textiles and apply within the above stipulated time. Bidders those who have applied earlier need not apply again.
Authority reserves the right to reject any or all bids without assigning any reason thereof.
Member Secretary
OIPR-31036/11/0023/2324
State Institute for Development of Arts & Crafts
Handlooms, Textiles & Handicrafts Department, Government of Odisha
Handicrafts Complex, Gandamunda, P.O- Khandagiri, Bhubaneswar - 751030
Tel/Fax No.+91 (0) 674 2351389, 2350310, E-mail: sidacorissa@gmail.com, Web site: www.sidacodisha.org.in

ରାଜଗାଙ୍ଗପୁର ପୌରପରିଷଦ, ରାଜଗାଙ୍ଗପୁର
ଦୈନିକ ସମ୍ବାଦ ପତ୍ର "ଧରିତ୍ରୀ" ଭୁବନେଶ୍ୱରର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ, ୨୦୨୩ ପାଳନ ଉପଲକ୍ଷେ ରାଜଗାଙ୍ଗପୁର ପୌରପରିଷଦ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ସହରକୁ ସର୍ବାଙ୍ଗୀନ ସୁନ୍ଦର, ପ୍ରଦୂଷଣ ମୁକ୍ତ କରିବାକୁ ଆପଣମାନଙ୍କର ସହଯୋଗ କାମନା କରୁଛି।
୧. ପୌରପରିଷଦର ଦେୟ ଠିକ୍ ସମୟରେ ପଇଠ କରନ୍ତୁ ଏବଂ ପରିଷଦର ଅନୁମତି ନେଇ ନୂତନ ଗୃହ ନିର୍ମାଣ ଓ ପୁରାତନ ଗୃହର ନବୀକରଣ କରନ୍ତୁ।
୨. ଜଳ ହିଁ ଜୀବନ, ପାନୀୟ ଜଳର ଅପଚୟ କରନ୍ତୁ ନାହିଁ ଏବଂ ଠିକ୍ ସମୟରେ ଜଳକର ପଇଠ କରନ୍ତୁ।
୩. ଓଦା ଓ ଶୁଖିଲା ଅଳିଆକୁ ଏଣେତେଣେ ନ ପକାଇ ଘରକୁ ଘର ବୁଲୁଥିବା ଆବର୍ଜନା ସଂଗ୍ରହ କରୁଥିବା ପୌର ପରିଷଦର ଅଳିଆ ବୁହା ଗାଡ଼ିରେ ପକାନ୍ତୁ।
୪. ପୌରପାଳିକା ସମ୍ପତ୍ତି ଆପଣଙ୍କର, ଏହାର ଉପଯୁକ୍ତ ରକ୍ଷଣା ବେକ୍ଷଣ ଓ ସୁରକ୍ଷା କରନ୍ତୁ।
୫. ଗୃହ ନିର୍ମାଣ ଉପାଦାନ ଯଥା: ଇଟା, ବାଲି, ଗେଟି ଇତ୍ୟାଦି ରାସ୍ତା କଡ଼ରେ ଜମା କରନ୍ତୁ ନାହିଁ।
୬. ପରିବେଶର ସୁରକ୍ଷା ନିମନ୍ତେ ପଲିଥିନର ବ୍ୟବହାର ବର୍ଜନ କରନ୍ତୁ।
୭. ସ୍ୱଚ୍ଛ, ସ୍ୱସ୍ଥ ଓ ସୁନ୍ଦର ରାଜଗାଙ୍ଗପୁର ସହର ଗଢ଼ିବା ପାଇଁ ସହାୟକ ହୁଅନ୍ତୁ।
ଏମ୍‌ଡି. ଇର୍‌ଫାନ୍ — ଉପାଧ୍ୟକ୍ଷ
ଶ୍ରୀମତୀ ମାଧୁରୀ ଲୁଗୁନ୍ — ପୌରାଧ୍ୟକ୍ଷା
ଶ୍ରୀ ଗୋବିନ୍ଦ ତନସେନା, ଓ.ପ୍ରେ.ସେ. (୧) — ନିର୍ବାହୀ ଅଧିକାରୀ

OFFICE OF THE RETURNING OFFICER
SAHARAYN UNIVERSAL MULTIPURPOSE SOCIETY LIMITED
Regd. Office: 195, Zone-1, In Front of D.B. Mall, M.P. Nagar, Bhopal, Madhya Pradesh-462011
Tel.: 0755-4296180, Email ID: sumsl.cooperative@sumsl.in, sumsl.cooperative@gmail.com
To all members, notice is hereby given for conducting the Election of Delegates in terms of the provisions of bye-laws and Subsidiary Rules for Constituting a Smaller Representative General Body of Saharayn Universal Multipurpose Society Limited, election programme is as under:

| | | | |
|---|---|---|---|
| 1) Place of filing nominations: | | | At respective Sector Office/Authorised Centre of the Society |
| 2) Date & Time of filing nominations: | Part-A | 11/12/2023 | From 09:00 A.M to 12:00 P.M. |
| | Part-B | 12/12/2023 | From 09:00 A.M to 12:00 P.M. |
| 3) Date and Time of Scrutiny and publication of list of valid nominations: | Part-A | 11/12/2023 | From 12:30 P.M. to 01:00 P.M. |
| | Part-B | 12/12/2023 | From 12:30 P.M. to 01:00 P.M. |
| 4) Last Date, Time of withdrawal of nominations: | Part-A | 11/12/2023 | till 4:00 P.M. |
| | Part-B | 12/12/2023 | till 4:00 P.M. |
| 5) Date of declaration of list of final nominations: | Part-A | 11/12/2023 | 4:30 P.M. |
| | Part-B | 12/12/2023 | 4:30 P.M. |
| 6) Date, Time of voting: | Part-A | 13/12/2023 | From 08:00 A.M. to 05:00 P.M. |
| | Part-B | 14/12/2023 | From 08:00 A.M. to 05:00 P.M. |
| 7) Date, Time of counting & declaration of the result: | Part-A | 13/12/2023 | Immediately after the voting is over |
| | Part-B | 14/12/2023 | Immediately after the voting is over |

One Delegate to be elected from each constituency, name of constituency and venues for voting are mentioned below :

| Name of constituency | Venue for Voting |
|---|---|
| | PART A |
| Patna | Sahara India Pariwar, Region Office, Sahara India Vihar 4th Floor, Boring Road Chauraha, Patna, Bihar- 800001 |
| Samastipur | Bahadurpur W.No. 26, Near Shiv Durga Mandir, Bahadurpur, Samastipur, Bihar- 848101 |
| Padrauna | Region Office, Near Fire Brigade Padrauna, Kushinagar, Uttar Pradesh- 274304 |
| Deoria | Jila Panchyat Bhawan, Civil Lines, Deoria, Uttar Pradesh- 274001 |
| Nalanda | Ranjan Commercial Complex, 2nd Floor Patna Ranchi Road, Bhaisasur, Bihar Sharif, Nalanda, Bihar- 803101 |
| Ranchi | 2nd Floor Mahabir Complex, I.T.I Road Near Piska more, Post- Hehal Ratu Road, Piska More, Ranchi, Jharkhand- 834005 |
| Bhubaneswar | Plot No. 702, Ice Factory Lane, Bandhan Cards Building, Bhubaneswar, Khordha, Odisha-751006 |
| Chandigarh | SCO 1110-1111, 2nd Floor, Sector 22-B, Chandigarh, Punjab-160022 |
| Azamgarh | 291/9, Civil Lines, Opp. Sudarshan Das Petrol Pump, Azamgarh, Uttar Pradesh- 276001 |
| Prayagraj | 25/51 M G Marg, Civil Lines, Allahabad, Prayagraj, Uttar Pradesh- 211003 |
| Barabanki | Tondon Complex Behind Tasty Bites, Civil Lines Infront Swastik Petrol Pump, Barabanki, Uttar Pradesh- 225001 |
| Khalilabad | Mehdawal Road, Khalilabad, Sant Kabir Nagar, Uttar Pradesh-272175 |
| Bahraich | S N Tower Gonda Road, HDFC Bank 3rd Floor Bahraich, Uttar Pradesh- 271801 |
| Sultanpur | Opp. Dist. Hospital, Dharmpal Complex, Ist Floor, Sultanpur, Uttar Pradesh- 228001 |
| Varanasi | Sahara India Kashi Niketan, B 8/90-91, Bara Gambhir Singh, Sonarpura, Varanasi, Uttar Pradesh- 221001 |
| Gorakhpur | Sahara India Niketan, 2nd Floor, Cinema Road, Gorakhpur, Uttar Pradesh- 273001 |
| Hardoi | Canal Road, Hardoi, Uttar Pradesh- 241001 |
| Fatehpur | Ashoka Lodge, Mohalla Kheldar G.T.Road, Fatehpur, Uttar Pradesh- 212601 |
| Mainpuri | H.No. C/7/A, Awas Vikash Colony, Numaish Chauraha, Etawah, Uttar Pradesh- 206001 |
| Vijayawada | D.No.52-1/1-1/B, 3rd floor, Sri Surya Premier, Veterinary Colony, Gunadala, Vijayawada, Krishna, Andhra pradesh- 520008 |
| Bhagalpur | 2nd Floor, Chandralok Complex, Ghantaghar Bhagalpur, Bihar- 812001 |
| Bhopal | 1st Floor Sahara India Kunj, 195, Zone-1, M.P. Nagar, Bhopal, Madhya Pradesh- 462011 |
| Siliguri | HMA Building, Near Pani Tanki More (Clock Tower), Nabin Sen Road, Mahakal Pally, Janta Nagar, Siliguri, West Bengal- 734001 |
| Mumbai | Flat No.110-11, Building No.2A, Apna Ghar Cooperative Society, Opp. Ginger Hotel Teli Gali, Andheri (East), Mumbai, Suburban, Maharashtra- 400069 |
| Kolkata | Disha Apartment, 470, Purbanchal Main Road, Near Kalikapur Bus Stand, Kolkata, West Bengal- 700078 |
| Ballia | 3rd Floor Anil Cement Agency, Near Sheesh Mahal Cinema, Sheeshmahal Gola Road, Ballia, Uttar Pradesh- 277001 |
| Raipur | Aviral Complex, 1st Floor, Raipura Chowk, Ring Road No 2, Raipur, Chhattisgarh- 492013 |
| Aurangabad | K P Agarwal Complex, M.G.Road, Aurangabad, Bihar- 824101 |
| | PART-B |
| Vaishali | Piyush Hotel, Gandhi Ashram, Near Railway Station, Hajipur, Vaishali, Bihar-844101 |
| Darbhanga | Mufti Mohalla, Naka No. 5, P. O.-Lalbagh, Darbhanga, Bihar- 846004 |
| Champaran | Above V-Mart Mall, Near Janpul Chowk, Main Road, Motihari, East Champaran, Bihar- 845401 |
| Siwan | Near Krishna Cinema Hall, Lal Palace, Station Road, Near Union Bank of India, Siwan, Bihar- 841226 |
| Gaya | 2nd Floor, J S Market, Tekari Road, Gaya, Bihar- 823001 |
| Tata Nagar | Jugsalai Moonka Honda Showroom, Near Ghora Chowk, P. O.-Jugsalai, Tatanagar, Jamshedpur, East Singhbhum, Jharkhand- 831002 |
| Cuttack | Shishu Bharati High School, Sector-6, Plot No. PI/747, Near Ram Mandir, Cuttack, Odisha-753014 |
| Ambala | H. No. 5744, 1st Floor, Near Golden Transport Building, Above Corp. Bank, Nicholson Road, Ambala, Haryana- 133001 |
| Mau | Church Compound Near Ashish Nursing, Ghazipur Road, Mau, Uttar Pradesh, 275101 |
| Pratapgarh | Laxmi Complex, opp. Distt. Hospital, Kachehari Road, Pratapgarh, Uttar Pradesh- 230001 |
| Lucknow | 3rd Floor, Sahara Shopping Centre, Faizabad Road, Indira Nagar, Lucknow, Uttar Pradesh- 226024 |
| Basti | Infront of S K Pandey Inter College, Near Zamiya Complex, Station Road Basti, Uttar Pradesh- 272002 |
| Gonda | Near Ambedkar Chauraha, Lucknow Road, Gonda, Uttar Pradesh- 271002 |
| Faizabad | Above Bank of Baroda, Shadatganj Bypass, Ayodhya, Faizabad, Uttar Pradesh- 224001 |
| Ghazipur | Sahu Market, Bus Stand, Main Road, Jangipur, Ghazipur, Uttar Pradesh- 233305 |
| Pharenda | Near Tehsil Chouraha, Above PNB Bank, Anand Nagar, Pharenda, Maharajganj, Uttar Pradesh- 273155 |
| Sitapur | Opp. Rajasthani Hotel, Dr. B D Kapoor Marg, Arya Nagar, Sitapur, Uttar Pradesh- 266001 |
| Kanpur | Sahara India, Region Office 1st Floor, 117/N/98 Kaka Dev, Kanpur Nagar, Uttar Pradesh- 208025 |
| Bareilly | 186, Near Post Office, Patanjali Store, Bareilly, Uttar Pradesh- 243001 |
| Ahmedabad | 301, 302 3rd Floor Rajlaxmi Plaza, Near Hajipura Garden, Ahmedabad, Gujarat- 380004 |
| Shimla | Avadh Palace, Near Clark Hotel, The Mall Road, Shimla, Himachal Pradesh- 171001 |
| Jaipur | 33, Prithviraj Nagar, Maharani Farm, Durgapura, Jaipur, Rajasthan- 302018 |
| Dehradun | IInd Floor, Daya Palace, Haridwar Road, Dehradoon, Uttarakhand- 248001 |
| New Delhi | WZ1, Phool Bagh, Commercial Building 1st Floor, Tri Nagar, Rampura, Delhi- 110008 |
| Muzaffarpur | Above S.B.I. Akharaghat Branch, Akharaghat Road, Muzaffarpur, Bihar-842001 |
| Sambalpur | Hansini Tower, 2nd Floor, Ainthapali, Sambalpur, Odisha- 768004 |
| Bokaro | Bari Co-operative Colony, Plot No 307, Bokaro Steel City, Sector 12, Bokaro, Jharkhand- 827012 |

Note:-
1. At the time and place of election, members are requested to bring their photo-ID card with them.
2. The nomination form will be available at the respective Sector Office/Authorised Centre from the A.R.O. appointed by undersigned.
3. The list of the eligible members to vote and contest as per the provisions of the MSCS Act 2002, will be published by the Returning Officer and shall be available at all authorized centers and Registered office of the Society.
4. List of valid candidates shall be published at the respective Sector Office/Authorised Centre of the Society.

Date: 24-11-2023
Place: Bhopal
For and on behalf of **Saharayn Universal Multipurpose Society Limited**
S/d
Returning Officer

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଖୁସି
ପରିବାରବର୍ଗ


କସ୍ତୁରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରାଜ୍ୟପାଳଙ୍କୁ କଂଗ୍ରେସର ଦାବିପତ୍ର

**ଆଦିବାସୀଙ୍କ ଜମି ଅଣ ଆଦିବାସୀଙ୍କୁ ବିକ୍ରି ନିଷ୍ପତ୍ତି ପ୍ରତ୍ୟାହର ଦାବି**

**ଭୁବନେଶ୍ୱର, ୨୪।୧୧(ସୁନିତ୍ ମିଶ୍ର):** ରାଜ୍ୟ ସରକାର ଅନୁସୂଚିତ ଜାତି ଓ ଜନଜାତିଙ୍କ ସ୍ୱାର୍ଥ ପ୍ରତି ଉଦାସୀନ ରହିଛନ୍ତି। ଗତ ନଭେମ୍ବର ୧୪ରେ କ୍ୟାବିନେଟ୍ ନିଷ୍ପତ୍ତିରେ ଓଡ଼ିଶା ତଫସିଲଭୁକ୍ତ ଅଞ୍ଚଳ ଅସ୍ଥାବର ସମ୍ପତ୍ତି ହସ୍ତାନ୍ତର (ଓସାଟିପ) ନିୟମ ୧୯୫୬ରେ ସଂଶୋଧନ ଏକ ଦୃଷ୍ଟାନ୍ତମୂଳକ ପ୍ରମାଣ। ଅଣ ଅନୁସୂଚିତ ଜନଜାତି ଜମି ହସ୍ତାନ୍ତର ପାଇଁ କ୍ୟାବିନେଟ୍‌ର ନିଷ୍ପତ୍ତି ଆର୍ଥିକ ଅସୁବିଧା ଏବଂ ଦୁଃଖକୁ ଆମନ୍ତ୍ରଣ କରିବ। ଏହି ନିଷ୍ପତ୍ତିକୁ ସମ୍ପୂର୍ଣ୍ଣ ରଦ୍ଦ କରବା ପାଇଁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ପିସିସି ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

କଂଗ୍ରେସ କହିଛି, ରାଜ୍ୟର ମୋଟ ଜନସଂଖ୍ୟାର ୨୨.୫ ପ୍ରତିଶତରୁ ଅଧିକ ହେଉଛନ୍ତି ଆଦିବାସୀ ବର୍ଗ। ଆଦିବାସୀଙ୍କ ଜମି ଅଧିକାରକୁ ପ୍ରତ୍ୟାଖ୍ୟାନ ନିଷ୍ପତ୍ତି ସମ୍ପୂର୍ଣ୍ଣ ବେଆଇନ। ରାଜ୍ୟ ସରକାରଙ୍କ ଦ୍ୱାରା ସମାନ ପଦକ୍ଷେପକୁ ୨୦୧୦ରେ ରାଷ୍ଟ୍ରପତି ପ୍ରତ୍ୟାଖ୍ୟାନ କରିଥିଲେ। ଓସାଟିପ ସଂଶୋଧନକୁ ରାଷ୍ଟ୍ରପତିଙ୍କ ଅନୁମୋଦନ ନ ମିଳିବା ସତ୍ତ୍ୱେ ଉକ୍ତ ନିୟାମକ ସରକାର ଆଦିବାସୀ ବିରୋଧୀ ନୀତି ଅବଲମ୍ବନ ନ କରିବା ବାଟରୁ ଓହରୁନାହାନ୍ତି। ଉପା-୧ ଏବଂ ଉପା-୨ ସରକାର ସମୟରେ ଭାରତବର୍ଷର ଆଦିବାସୀବର୍ଗଙ୍କ ଜମିର ସ୍ୱାର୍ଥରକ୍ଷା ନିମନ୍ତେ ଜଙ୍ଗଲ ଜମି ଅଧିଗ୍ରହଣ ନିୟମ ୨୦୦୬ ଏବଂ ୨୦୧୩ରେ ଜମି ଅଧିଗ୍ରହଣ ଆଇନ ପୁନର୍ବାସ ଓ ଥଇଥାନ ଆଇନ ଅଣାଯାଇଥିଲା। ସବୁଠାରୁ ଆଶ୍ଚର୍ଯ୍ୟର କଥା ବିଜେଡି ସରକାର ଆଦିବାସୀମାନଙ୍କ ଜମିକୁ ଅଣ ଆଦିବାସୀମାନେ କିଣିପାରିବେ ବୋଲି କ୍ୟାବିନେଟ ବୈଠକରେ ନିଷ୍ପତ୍ତି ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି କଂଗ୍ରେସ କହିଛି।

# ପିଏମ୍ ବିଶ୍ୱକର୍ମା ଗରିବଙ୍କୁ ଧନୀ ବନାଇବାର ନୂଆ ଯୋଜନା: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୨୪।୧୧(ସୁନିତ୍ ମିଶ୍ର)**



ସମାଜରେ ଯେଉଁମାନଙ୍କୁ ଅଣଦେଖା କରାଯାଉଥିଲା, ସେମାନଙ୍କୁ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାରେ ବଡ଼ ସମ୍ମାନ ଦେଇଛନ୍ତି। ପିଏମ୍ ବିଶ୍ୱକର୍ମା ଗରିବ ଲୋକଙ୍କୁ ଧନୀ ବନାଇବାର ନୂଆ ଯୋଜନା ବୋଲି ଶୁକ୍ରବାର ଭୁବନେଶ୍ୱରର ସିଏସ୍ଆଇଆର୍-ଆଇଏମ୍ଏମ୍‌ଠାରେ ବିଶ୍ୱକର୍ମା ମହାଗୁରୁମାନଙ୍କୁ ସମ୍ମାନିତ କରିବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ବିଶ୍ୱକର୍ମା ଯୋଜନାର ହିତାଧିକାରୀଙ୍କ ସହ ଆଲୋଚନା ହେବା ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ପିଏମ୍ ବିଶ୍ୱକର୍ମା ଯୋଜନାରେ କୁମ୍ଭାର, କମାର, ବଢ଼େଇ, ମିସ୍ତ୍ରି, ମୂର୍ତ୍ତିଶିଳ୍ପୀ, ବଣିଆ, ଦରଜୀ, ମୋଚି, ମାଳୀ, ଜାଲ ବୁଣାଳୀ ଭଳି ୧୮ଟି ପାରମ୍ପରିକ କୌଳିକ ବୃତ୍ତିକୁ ସାମିଲ କରାଯାଇଛି। ପିଏମ୍ ବିଶ୍ୱକର୍ମା ଯୋଜନାରେ ମୋଦି ସରକାର ୧୩ ହଜାର କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ପିଏମ୍ ବିଶ୍ୱକର୍ମା ଅନ୍ତର୍ଗତ ଦକ୍ଷତା ପ୍ରଶିକ୍ଷଣ, ଭତ୍ତା, ସାର୍ଟିଫିକେଟ୍, ଟୁଲକିଟ୍ ପାଇଁ ଅର୍ଥ, କମ୍ ସୁଧରେ ଋଣ, ଡିଜିଟାଲରେ ପ୍ରୋତ୍ସାହନ ଆମର ବିଶ୍ୱକର୍ମାଙ୍କ ସାମର୍ଥ୍ୟ ଏବଂ ସମୃଦ୍ଧିକୁ ବଢ଼ାଇବ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପିଏମ୍ ବିଶ୍ୱକର୍ମାରେ ଓଡ଼ିଶାର ଅଧିକ କାରିଗରଙ୍କୁ ଯୋଡ଼ିବା ଦିଗରେ ସଚେତନ କରିବା ଉପରେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଓଡ଼ିଶାର କାରିଗର ଏବଂ ଶିଳ୍ପୀକାରମାନେ ଜଣେ ଜଣେ ବିଶ୍ୱକର୍ମା। ଏବେ ଦିନରେ ସେମାନେ ପ୍ରସ୍ତୁତ କରୁଥିବା ବସ୍ତୁ ଓ ସାମଗ୍ରୀରେ ନିଖୁଣତା ଅନନ୍ୟ। ଆବୁଧାବୀରେ ନିର୍ମାଣ ହେଉଥିବା ସ୍ୱାମୀ ନାରାୟଣ ମନ୍ଦିର ପରିସରରେ ଶ୍ରୀଜଗନ୍ନାଥ ମନ୍ଦିର ତିଆରିରେ ଓଡ଼ିଆ ମୂର୍ତ୍ତି କାରିଗରମାନେ କାମ କରୁଛନ୍ତି। ବର୍ତ୍ତମାନ ମଧ୍ୟ ଓଡ଼ିଆ କାରିଗରି ଚକିତ କରିବା ଭଳି। ଶ୍ରୀକ୍ଷେତ୍ର ପୁରୀ ଓ ମହାପ୍ରଭୁଙ୍କ ବିଧିବ୍ୟବସ୍ଥା ସହ ଯୋଡ଼ିହୋଇଥିବା ସେବାୟତମାନେ ଏହି ଯୋଜନାର ସବୁଠୁ ବଡ଼ ଲାଭାର୍ଥୀ। ତେଣୁ ପିଏମ୍ ବିଶ୍ୱକର୍ମା ଯୋଜନାରେ ପାରମ୍ପରିକ ଓଡ଼ିଆ କାରିଗରଙ୍କୁ ଯୋଡିବା ସହ ପଞ୍ଜୀକରଣକୁ ଆହୁରି ୟୁଜର ଫ୍ରେଣ୍ଡଲି କରିବା ଉପରେ ମଧ୍ୟ କେନ୍ଦ୍ରମନ୍ତ୍ରୀ ପରାମର୍ଶ ଦେଇଛନ୍ତି।


## CLASSIFIED DISPLAY

MORE SPACE ' SAME PRICE

TARIFF · GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |


# ଛାତ୍ର କଂଗ୍ରେସ ସବୁ ଜିଲାପାଳଙ୍କୁ ଆଜି ଦେବ ଦାବିପତ୍ର

**ଭୁବନେଶ୍ୱର, ୨୪।୧୧(ସୁନିତ୍ ମିଶ୍ର)**

ଓଡ଼ିଶାର ସମସ୍ତ ଜିଲାପାଳଙ୍କୁ ଛାତ୍ର କଂଗ୍ରେସ ପକ୍ଷରୁ ୫ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯିବ। ପରୀକ୍ଷା ପୂର୍ବରୁ ସରକାର ଚାକିରି ବିକି ଦେଉଛନ୍ତି ବୋଲି ଛାତ୍ରୀଛାତ୍ରମାନେ ଅଭିଯୋଗ କରି ଛାତ୍ର କଂଗ୍ରେସ ରାଜ୍ୟର ସବୁ ଜିଲାପାଳଙ୍କୁ ଦାବିପତ୍ର ଦେବ ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ସୂଚନା ଦେଇଛନ୍ତି।


Admission Open
JOIN AFTER
+2 ANY STREAM
OT TECHNOLOGY
ଅପରେସନ୍ ଥିଏଟର୍ ଟେକ୍ନିସିଆନ
MEDICAL IMAGING TECHNOLOGY
ଏକ୍ସରେ+ସିଟି ସ୍କାନ୍+ଏମ୍.ଆର୍.ଆଇ.
MEDICAL LAB TECHNOLOGY
ମେଡ଼ିକାଲ ଲ୍ୟାବ୍ ଟେକ୍ନିସିଆନ୍
C.S.S.D TECHNIQUES / HOSPITAL STERILIZATION
ସି.ଏସ୍.ଏସ୍.ଡ଼ି ଟେକ୍ନିସିଆନ୍
DIALYSIS TECHNOLOGY
ଡାୟାଲସୀସ୍ ଟେକ୍ନିସିଆନ
CARDIAC CARE TECHNOLOGY
କାର୍ଡ଼ିଆକ୍ କେୟାର ଟେକ୍ନିସିଆନ
ANM
ମହିଳା ସ୍ୱାସ୍ଥ୍ୟକର୍ମୀ
ANGUL CENTRE :
Ph : 91140 12123
CCS, Church Lane, Similipada, Angul
BHUBANESWAR CENTRE :
Ph : 9937440788
RMTI, Palasuni, Bhubaneswar-25



**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମନେ ପଡ଼ନ୍ତି

### ତୁମ ସ୍ମୃତିରେ



✓ ନିରଞ୍ଜନ ମିଶ୍ର
ଆବିର୍ଭାବ- ୨୭.୦୮.୧୯୩୩
ତିରୋଧାନ- ୧୦.୧୧.୨୦୧୯

ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ
ଧର୍ମପତ୍ନୀ (ସୁରମା) ଓ ଆତ୍ମୀୟସ୍ୱଜନ

ଧ-୭୫୫୦୨

### ୧୩ତମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ରେଣୁ ପଟ୍ଟନାୟକ
ସ୍ୱାମୀ: ବାବୁଲାଲ ପଟ୍ଟନାୟକ
ଶାସନ ପଡ଼ିଆ, ପୁରୁଣା ଭୁବନେଶ୍ୱର
ଆବିର୍ଭାବ- ୧୧।୦୨।୧୯୫୫
ତିରୋଧାନ- ୨୦।୧୧।୨୦୧୦
(ବଡ଼ଓଷା) ବୈକୁଣ୍ଠ ଚତୁର୍ଦ୍ଦଶୀ
ଆପଣଙ୍କର ଅମରାତ୍ମାର ସଦ୍‌ଗତି କାମନା କରୁଛୁ।
ଶୋକସନ୍ତପ୍ତ: ବନ୍ଧୁ ପରିବାରବର୍ଗ।

ଧ-୪୬୫୬୬

# ଭାଜପା କର୍ମୀଙ୍କ ଢେଲାମାଡ଼ରେ ଏସ୍‌ଡିପିଓଙ୍କ ମୁଣ୍ଡ ଫାଟିଲା

**ଘେରାଉ ବେଳେ ବ୍ଲକ କାର୍ଯ୍ୟାଳୟରେ ପଶି ଭଙ୍ଗାରୁଜା**

**ଚାନ୍ଦବାଲି, ୨୪।୧୧ (କିଷାନ ପାତ୍ର)**

ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଭଦ୍ରକ ଜିଲା ଚାନ୍ଦବାଲି ଭାଜପା ପକ୍ଷରୁ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହି ସମୟରେ ଦଳୀୟ କର୍ମୀମାନେ ବ୍ଲକ ଅଫିସ୍ ଭିତରକୁ ଧସେଇ ପଶି ଭଙ୍ଗାରୁଜା କରିଛନ୍ତି। ଏପରିକି କେତେକ କର୍ମୀଙ୍କ ଢେଲାମାଡ଼ରେ ଚାନ୍ଦବାଲି ଏସ୍‌ଡିପିଓଙ୍କ ମୁଣ୍ଡ ସାମାନ୍ୟ ଫାଟି ଆହତ ହୋଇଛନ୍ତି। ଏନେଇ ବିଡିଓ ଅସିତ୍ କୁମାର ମହାନ୍ତିଙ୍କ ଏତଲାକ୍ରମେ ଚାନ୍ଦବାଲି ଥାନାରେ ଏକ ମାମଲା (ନଂ.୩୬୭/୨୩) ରୁଜୁ କରାଯାଇଛି।

ଚାନ୍ଦବାଲି କାଳୀ ମନ୍ଦିର ପ୍ରାଙ୍ଗଣରୁ ଦଳର ବହୁ କର୍ମୀ ବିଶାଳ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହ ଜିଲାସ୍ତରୀୟ ବହୁ ନେତା ଏଥିରେ ସାମିଲ ଥିଲେ। ଆବାସ ଯୋଜନା, ଭତ୍ତା, ପିଡିଏସ୍ ବଣ୍ଟନ ଦୁର୍ନୀତି, ପିସି କାରବାର ନେଇ ସେମାନେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ସାଧାରଣ ଲୋକ ମୌଳିକ ସୁବିଧାରୁ ବଞ୍ଚିତ ଥିବାବେଳେ ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ଆଣି ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବ୍ଲକର ବିଭିନ୍ନ ଗାଁ ଗଣ୍ଡାରେ ବିକାଶ ନାଁରେ ନିମ୍ନମାନର କାର୍ଯ୍ୟ କରି ମିଥ୍ୟା ବିଲ୍ କରି ହରିଲୁଟ ହେଉଥିବା ଅଭିଯୋଗ କରିଥିଲେ। ଏହି ସମୟରେ କେତେକ କର୍ମୀ ବ୍ଲକ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିବା ପରେ ପୋଲିସର ନିୟନ୍ତ୍ରଣ ବାହାରେ ଥିଲା। କାର୍ଯ୍ୟାଳୟ ଭିତରେ ଥିବା ସିସିଟିଭି, ଚେୟାର, କାଚ ଡୋର୍ ଆଦି ସେମାନେ ଭଙ୍ଗାରୁଜା କରିଥିଲେ। ସେମାନଙ୍କ ଢେଲା ମାଡ଼ରେ ସେଠାରେ ଉପସ୍ଥିତ ଥିବା ଏସ୍‌ଡିପିଓ ଦେବୀଶଙ୍କର ପ୍ରତାପଙ୍କ ମୁଣ୍ଡ ସାମାନ୍ୟ ଫାଟି ଥିବାବେଳେ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଛନ୍ତି। ସେହିପରି ଚାନ୍ଦବାଲି ଆଇଆଇସି ପଞ୍ଚାନନ ମହାନ୍ତି ମଧ୍ୟ ଆହତ ହୋଇଛନ୍ତି। ଏନେଇ ଭାଜପା ରାଜ୍ୟ ସଭାପତି ସାମଲ କହିଛନ୍ତି, ସେ ବ୍ଲକ କାର୍ଯ୍ୟାଳୟ ସାମ୍ନା ସଭାସ୍ଥଳରେ ଉପସ୍ଥିତ ଥିଲେ। ଏହି ଘଟଣା ବିଷୟରେ କିଛି ଜାଣିନାହାନ୍ତି। ଭାଜପା ନେତା ମୀନକେତନ ବିଶ୍ୱାଳଙ୍କ ସଭାପତିତ୍ୱରେ ଅଭିମନ୍ୟୁ ସେଠୀ, ଉପେନ୍ଦ୍ର ରାଉଳ, କମଳାକାନ୍ତ ସୂତାର, ସ୍ମୃତିରଞ୍ଜନ ନାୟକ, ପୂର୍ଣ୍ଣଚନ୍ଦ୍ର ପାଣି, କାହ୍ନୁଚରଣ ବେହେରା, ମିତ୍ରଭାନୁ ଦାସ, ଟୁଟୁ ପଣ୍ଡା, କିଶୋର ନାୟକ, ବିଜୟ ବେହେରା, ଦେବେନ୍ଦ୍ର ନାୟକ, ସୁଶାନ୍ତ ପୁହାଣ, ଭାରତୀ ବିଶ୍ୱାଳ ପ୍ରମୁଖ ଘେରାଉରେ ସାମିଲ ଥିଲେ।


# Classified Everyday
0674-2580101, 2549949




## SALE

Duplex sale and plot sale near AIIMS Hospital Bhubaneswar. 9777433701. D-75273

**Nakhara Trinath Bazar** ପାଖ **sqft.-950 to 2000/-** ଘରବାରି, **Electricity** ଥାଇ ତୁରନ୍ତ ଘରକରି ପାରିବେ, **9178704897.** D-75271

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ **(General / SC) possession plot** ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। **9438315973 / 9938066403.** D-1655

ଭୁବନେଶ୍ୱର **KIIT University** ଜଗନ୍ନାଥମନ୍ଦିର ପାଖରେ **Boundary,** ଇଲେକ୍ଟ୍ରିସିଟିଥାଇ ପ୍ଲଟ୍‌ବିକ୍ରିହେବ **– 9437205314, 9937513595.** D-75265

**Twincity** ମଧ୍ୟଭାଗରେ **Grand Bazar (Nakhara NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି **Plot** ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ – **9658562429.** D-75270

ଭୁବନେଶ୍ୱର ତମାଣ୍ଡୋ **Hyundai Showroom** ପାଖରେ ଏବଂ ଯାଆଁଳା **Overbridge**ଠାରୁ **1 Km** ଦୂରରେ ସ୍ଥିତିବାନ **possession plot** ସୁଲଭ ମୂଲ୍ୟରେ ବିକ୍ରି ହେଉଛି। **Contact: 9777067303.** D-1656

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛତାବର-500/-, ନଖରା SC/Gen plot- 300/-. 7978663279. D-75268

**Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 7008459987.** D-75272

30ft. ପିଚୁରୋଡ୍ ସମସ୍ତପ୍ରକାର menities ଥାଇ, Gated Society ସହ ହସ୍‌ପାଳଠାରୁ 4 K.M ଦୂରରେ ବାଲିଅନ୍ତାଠାରେ, ଘରବାଡି ପ୍ଲଟ୍ ମିଳୁଛି, 8984483230. D-75269

Chakeisihani Yellow Zone Gharabari Plot 1700Sqft @2500/- and @1500/-. 7008711445, 6372801963. D-1865

Residential cum commercial plot 3250sft. 6KM from Phulnakhara, 11KM from BBSR, gharabari with compound wall. 7809525452. D-75064




**Construct your Dream home @460/-, 850/-, 1325/- with Branded material along with 3 years AMC & 50 years structural guarantee. We provide plan approval, Boring, Bank estimate. Contact the Engineering Pvt. Ltd. 9439856856.** D-1789




**2300 sqft. commercial open space (3rd floor) at Sahid Nagar main road, Bhubaneswar. Ideal for Corporate Office. Contact: 7853975337, 8917200448.** D-75504

700sqft. (First Floor) for rent at Ruchika Market, Baramunda, Bhubaneswar (Only Office Purposes), Contact: 9556030485, 8249064183. D-75501




**Relax, Refresh your body, Mind at Saikrupa Spa with best therapies. 8984068077.** D-1873

Newly healthcare benefited SPA experience therapist in Bhubaneswar. Contact: 9938843929. D-75170

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75061

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

## ଜନ୍ମଦିନ ଶୁଭେଚ୍ଛା



ପ୍ରତ୍ୟୁଷା ପ୍ରିୟଦର୍ଶିନୀ ଆଚାର୍ଯ୍ୟ (ଖୁସି)
ଅମରେଶ୍ୱର ନଗର, ଖଲ୍ଲିକୋଟ, ଗଞ୍ଜାମ
ଆଜି ତୋର ତୃତୀୟ ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା କରୁଛୁ ଯେ, ସେ ତୁମକୁ ସୁସ୍ଥ, ଯଶସ୍ୱୀ ଓ ଦୀର୍ଘାୟୁ କରିବା ସହିତ ତୁମର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଶୀର୍ବାଦ କରନ୍ତୁ। ଶୁଭେଚ୍ଛା ସହ: ପାପା, ମାମା, ଜେଜେବାପା, ଜେଜେମା, ଅଜା, ଆଈ, ମାମୁଅଜା, ମାଈଁଆଈ, ଦଦେଇ, ଦେଠେଇ, ମାମୁ, ମାଇଁ, ଦାଦା, ଖୁଡ଼ୀ, ପିଉସା, ପିଉସୀ, ମଉସା, ମାଉସୀ, ବନ୍ଧୁ ଓ ପରିବାରବର୍ଗ।
ଧ-୧୮୭୫

## HAPPY BIRTHDAY



Kasturi Priyambada Sahoo (Soni)
I'm so greatfull you come into the world.
Because you make my world better everyday.
**Wishes From:** Maa, Baba, Rani, Babuna, Pua, Friends and Relatives .
ଧ-୭୫୫୦୩

## LOST

I, Chidananda Swain, S/o- Late Hrudananda Swain, Arunodaya Nagar, Arunodaya Market, Badambadi, Cuttack-753012, Odisha, do hereby declare that my original Bachelor of Engineering Certificate vide Regd. No.-82705CT00005, which was issued to me by the BPUT, Rourkela on dated 25.05.2006 has been missed from my custody and after lot of searching, could not trace out the same. D-75171

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।






*With Best Complements From:*

ଧର୍ମଶାଳା ମହାବିଦ୍ୟାଳୟ ୧୯୭୮ ମସିହାରେ ପ୍ରତିଷ୍ଠା ହୋଇଛି। ବର୍ତ୍ତମାନ କଳା, ବାଣିଜ୍ୟ, ବିଜ୍ଞାନରେ ଡିଗ୍ରୀ ଓ ପ୍ରତ୍ୟେକ ଶ୍ରେଣୀରେ ସମ୍ମାନର ସହ ଉତ୍କୃଷ୍ଟ ପାଠାଗାର, ପ୍ରଶାସନିକ ଗୃହ, ୨ଟି ଛାତ୍ରୀନିବାସ ରହିଛି। ଦ୍ୱିତୀୟ ଥର ପାଇଁ କଲେଜ ନାକ୍ କମିଟିର ସ୍ୱୀକୃତିପ୍ରାପ୍ତ ହୋଇଛି। ଇଷା ଗ୍ରାଣ୍ଟ, ବିଶ୍ୱବ୍ୟାଙ୍କ ଗ୍ରାଣ୍ଟ ପାଇପାରିଛି। ରାଜ୍ୟ ଓପନ ୟୁନିଭର୍ସିଟି ଦ୍ୱାରା ମୁକ୍ତ ବିଶ୍ୱବିଦ୍ୟାଳୟ ଷ୍ଟଡି ସେଣ୍ଟର ଖୋଲାଯାଇଛି। ବର୍ତ୍ତମାନ କଲେଜର ପାଖାପାଖି ୨୫୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନରତ। ଅତୀତରେ ଏହି କଲେଜର ଛାତ୍ରୀଛାତ୍ରମାନେ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ତରରେ ଦର୍ଶନ ଶାସ୍ତ୍ରରେ ଟପ୍ପର ହୋଇଛନ୍ତି। ଜିମ୍, ଲାଙ୍ଗୁଏଜ୍ ଲ୍ୟାବ୍, ୟୁଥ୍ ରେଡ୍‌କ୍ରସ, ଏନ୍.ଏସ୍.ଏସ୍ ଓ ୱାଇଫାଇ ନେଟ୍‌ୱର୍କ, ସବୁଜ ପରିବେଶ ଲାଭ କରିପାରିଛି। ଓପନ ୟୁନିଭର୍ସିଟି ଷ୍ଟଡି ସେଣ୍ଟର ଅଧୀନରେ ମହାବିଦ୍ୟାଳୟରେ ଓଡ଼ିଆ ଇତିହାସ ବିଭାଗରେ ସ୍ନାତକୋତ୍ତର ପାଠ୍ୟକ୍ରମ ଖୋଲିଛି ଏବଂ Under Graduate ସ୍ତରରେ ସବୁ ବିଭାଗରେ Hons. ପାଠ୍ୟକ୍ରମ ଓ DCA ମଧ୍ୟ ଶିକ୍ଷାଦାନ କରାଯାଉଅଛି। ମହାବିଦ୍ୟାଳୟରେ ଉନ୍ନତମାନର କ୍ୟାଣ୍ଟିନ୍, ଭଲିବଲ୍, ବାସ୍କେଟ୍ ବଲ୍ ଓ ବ୍ୟାଡ୍‌ମିଣ୍ଟନ କୋର୍ଟ ଉପଲବ୍ଧ।



ଆସନ୍ତୁ ସଭିଏ ମିଳିମିଶି ମୋ କଲେଜ ଅଭିଯାନକୁ ସଫଳ କରିବା।

Sj. Tapan Kumar Mishra
PRINCIPAL
DHARMASALA MAHAVIDYALAYA, JARAKA, DHARMASALA, JAJPUR

**ମାଓବାଦୀଙ୍କ ଆଇଇଡି ବିସ୍ଫୋରଣ: ୨ ଶ୍ରମିକ ମୃତ,** ମାଲକାନଗିରି,(ଦୁର୍ଯ୍ୟୋଧନ ପାତ୍ର): ଛତିଶଗଡ଼ ନାରାୟଣପୁର ଜିଲାରେ ମାଓବାଦୀଙ୍କ ପ୍ରେସର ଆଇଇଡି ବୋମା ବିସ୍ଫୋରଣରେ ୨ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଆହତ ହୋଇଛନ୍ତି। ମୃତ ଶ୍ରମିକ ହେଲେ ରିତେଶ ଗାଗଡ଼ା ଓ ଶ୍ରବଣ ଗାଗଡ଼ା । ନାରାୟଣପୁର ଜିଲା ଛୋଟେଡୋଙ୍ଗରର ଆମଦାଇ ନିକୋ ମାଇନ୍ସକୁ ଶ୍ରମିକମାନେ କାମ କରିବାକୁ ଯାଉଥିବା ବେଳେ ମାଓବାଦୀ ଖଞ୍ଜିଥିବା ପ୍ରେସର ଆଇଇଡି ବୋମା ବିସ୍ଫୋରଣ ହୋଇଥିଲା। ଏଥିରେ ଘଟଣାସ୍ଥଳରେ ୨ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା । ତେବେ ଅନ୍ୟ ଜଣେ ଆହତ ଶ୍ରମିକଙ୍କ ଚିକିତ୍ସା ଜାରି ରହିଛି।

# ଭିଜିଲାନ୍ସ ଜାଲରେ ଅବକାରୀ ଅଧୀକ୍ଷକ

ଭୁବନେଶ୍ୱର (ସୂର୍ଯ୍ୟକାନ୍ତ ବେହେରା)/ନବରଙ୍ଗପୁର, ୨୪।୧୧ (ସଦାଶିବ ପ୍ରହରାଜ)


ଗଙ୍ଗା ପାଇକରାୟ

■ ନବରଙ୍ଗପୁର ଓ ଜୟପୁରର ୬ ସ୍ଥାନରେ ଚଢ଼ାଉ
■ ୫ ପ୍ଲଟ୍, ୨ ତିନି ମହଲା କୋଠା, ୧ ଲକ୍ଷରୁ ଅଧିକ ଟଙ୍କା ଠାବ

ନବରଙ୍ଗପୁର ଜିଲା ଅବକାରୀ ବିଭାଗର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ-କମ୍-ସୁପରିଣ୍ଟେଣ୍ଡେଣ୍ଟ (ଅଧୀକ୍ଷକ) ଗଙ୍ଗା ପାଇକରାୟ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଛନ୍ତି। ଆୟ ବର୍ହିଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ୍ ତାଙ୍କ ଘର ସମେତ ୬ ସ୍ଥାନରେ ଶୁକ୍ରବାର ଚଡାଉ କରିଛି। ଏଥିମଧ୍ୟରେ ନବରଙ୍ଗପୁରସ୍ଥିତ ଭଡ଼ାଘର, ସରକାରୀ କାର୍ଯ୍ୟାଳୟ ଓ ଜୟପୁରସ୍ଥିତ ପୈତୃକ ବାସଭବନ ରହିଛି। ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ହେଉଥିବା ଏହି ଚଢ଼ାଉରେ ପାଇକରାୟଙ୍କ ବହୁ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଛି। ସେଗୁଡିକ ହେଲା ଜୟପୁର ଫାୟାର ଷ୍ଟେଶନ ନିକଟରେ ଥିବା ୪ହଜାର ବର୍ଗଫୁଟ ଜମିରେ ନିର୍ମିତ ତିନି ମହଲା କୋଠା, ନୂଆସାହି ଲେନ୍-୧ରେ ଥିବା ୧୬୦୦ ବର୍ଗଫୁଟରେ ତିନି ମହଲା କୋଠା, ଜୟପୁର ଜଗଧାତ୍ରୀପୁରର ପ୍ଲଟ୍ ନଂ. ୩୪୧ରେ ୧୪୫୦ ବର୍ଗଫୁଟର ପାର୍କିଂ ସ୍ଥଳ, ଜୟପୁର ସହରରେ ପରିବାର ନାମରେ ଥିବା ୫ଟି ପ୍ଲଟ୍, ନଗଦ ୧ ଲକ୍ଷ ୧୨ ହଜାର ୨୪୦ ଟଙ୍କା ଓ ୧୭ଲକ୍ଷ ଟଙ୍କାର ଦୁଇଟି ଚାରି ଚକିଆ ଯାନ। ଏସବୁର ପରିମାଣ କୋଟିଏରୁ ଅଧିକ ଟଙ୍କା ହେବ। ଏଥିସହ ଘର କିଣିବା ପାଇଁ ୨୦୧୩-୧୪ରେ ୧୬ ଲକ୍ଷ ଟଙ୍କା ପ୍ରଦାନ କରିଥିବା ବୋଲି ଭିଜିଲାନ୍ସ କହିଛି। ଉପରୋକ୍ତ କୋଠା / ପ୍ଲଟ୍‌ଗୁଡିକର ମାପ ଏବଂ ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସ ଟେକ୍ନିକାଲ ୱିଙ୍ଗ ଅଧିକ ତଦନ୍ତ ଚଳାଇଛି। ସେହିପରି ବ୍ୟାଙ୍କ, ବୀମା, ଡାକ ଓ ଅନ୍ୟାନ୍ୟ ଆକାଉଣ୍ଟରେ ଜମା ଥିବା ଟଙ୍କାର ଉତ୍ସ ଜାଣିବା ପାଇଁ ଅଧିକ ଯାଞ୍ଚ ଚାଲିଛି। ଚଢ଼ାଉ ସହ ପଚରାଉଚରା ଜାରି ରହିଥିବାରୁ ବିଶ୍ୱବନ୍ଧୁଙ୍କ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଚଢାଉରେ ୩ଜଣ ଡିଏସ୍‌ପି, ୫ ଇନ୍ସପେକ୍ଟର, ୬ ଏଏସଆଇ ଓ ଅନ୍ୟ କର୍ମଚାରୀ ସାମିଲ ଅଛନ୍ତି।

# ଉଦ୍ଧାର ହାତୀ ଛୁଆର ନନ୍ଦନକାନନରେ ଚିକିତ୍ସା ହେଲା

ବାରଙ୍ଗ,୨୪।୧୧(ଲିଙ୍ଗରାଜ ରାଉତ)

ନନ୍ଦନକାନନ ପ୍ରାଣୀଉଦ୍ୟାନକୁ କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ମଇଦାନକେଲ ସଂରକ୍ଷିତ ଜଙ୍ଗଲରୁ ଉଦ୍ଧାର ୩ ମାସର ମାଇ ହାତୀ ଛୁଆ ଗୁରୁବାର ବିଳମ୍ବିତ ରାତିରେ ନନ୍ଦନକାନନ ଆସିଛି। ତାର ଗୋଡ଼ରେ ଆଘାତ ଲାଗି ସଂକ୍ରମଣ ହୋଇଯାଇଛି। ପ୍ରାଣୀ ଉଦ୍ୟାନର ଚିକିତ୍ସକ ଓ ବିଶେଷଜ୍ଞମାନେତା'ର ଚିକିତ୍ସା ଜାରି ରଖିଛନ୍ତି। ପ୍ରକାଶ ଯେ, ଏହି ଛୁଆ ହାତୀଟି ମା'ଠାରୁ ଅଲଗା ହୋଇଥିବାରୁ ଚିକିତ୍ସା ପାଇଁ ଏଠାକୁ ଅଣାଯାଇଛି। ଏହି ଛୁଆହାତୀ ନନ୍ଦନକାନନକୁ ଆସିବା ପରେ ଏମାନଙ୍କ ସଂଖ୍ୟା ୫କୁ ବୃଦ୍ଧି ପାଇଛି।

# କ୍ରାଇମବ୍ରାଞ୍ଚ କବ୍‌ଜାରେ ୮ ଆନ୍ତଃ ରାଜ୍ୟ ସାଇବର ଅପରାଧୀ

ଭୁବନେଶ୍ୱର,୨୪।୧୧(ସତ୍ୟଜିତ୍ ରାଉତ)

**ଇନ୍ସ୍ୟୁରାନ୍ସ ପଲିସି ଅପ୍‌ଗ୍ରେଡ୍ ଆଳରେ ୭୬.୧୫ ଲକ୍ଷ ଠକେଇ**
■ ବିଭିନ୍ନ ରାଜ୍ୟର ବହୁ ଲୋକଙ୍କୁ ଜାଲରେ ଫସାଇଛନ୍ତି
■ ୭ ଦିନିଆ ରିମାଣ୍ଡ ଆବେଦନ, ଖୋଲିବ ଇତିହାସ

ଇନ୍ସ୍ୟୁରାନ୍ସ ପଲିସି ଅପ୍‌ଗ୍ରେଡ୍ କରିବା ଆଳରେ ଜଣେ ମହିଳାଙ୍କଠାରୁ ୭୬.୧୫ ଲକ୍ଷ ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ସାଇବର କ୍ରାଇମ୍ ୟୁନିଟ୍ ଦୁଇ ମହିଳାଙ୍କ ସମେତ ୮ଜଣ ଆନ୍ତଃ ରାଜ୍ୟ ସାଇବର ଅପରାଧୀଙ୍କୁ ଉତ୍ତରପ୍ରଦେଶ ଓ ଦିଲ୍ଲୀରୁ ଗିରଫ କରିଛି। ସେମାନେ ହେଲେ ହରିୟାଣା ଫରିଦାବାଦ ଅଞ୍ଚଳର ରଘୁ ଆନନ୍ଦ (୩୧), ଭୀମ୍ (୩୩), ନୂଆଦିଲ୍ଲୀ ଜୀବନ ନଗର ଥାନା ଅଞ୍ଚଳର ରୁପାଲି ଗୁପ୍ତା ଓରଫ ନିଧି ଶର୍ମା ଓରଫ ମାନ୍‌ସୀ (୨୬), ସରିତା ବିହାର ଅଞ୍ଚଳର ପ୍ରମୋଦା ଭଲ୍ଲି (୬୬), ଉତ୍ତରପ୍ରଦେଶ ଫତେପୁର ଅଞ୍ଚଳର ଯୋଗେନ୍ଦ୍ର ସିଂ (୩୪), ମଉ ଜିଲା ମିର୍ଜାପୁରର ଭାନୁ ପ୍ରତାପ ଯାଦବ (୪୭), ଓଟୋପୁର ଅଞ୍ଚଳର ଆସିଷ କୁମାର (୨୪) ଓ ତେଜ କୁମାର (୬୦)। ଅଭିଯୁକ୍ତଙ୍କ ନିକଟରୁ ନଗଦ ୯ ଲକ୍ଷ ୩୦ ହଜାର ୮୦୦ ଟଙ୍କା, ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର, ୨୧ଟି ଡେବିଟ୍ କାର୍ଡ, ୮ଟି କ୍ରେଡିଟ୍ କାର୍ଡ, ଗୋଟିଏ ଲାପ୍‌ଟପ୍, ୧୭ଟି ମୋବାଇଲ, ୨୨ ସିମ୍ କାର୍ଡ ଆଦି ଜବତ ହୋଇଛି। କ୍ରାଇମବ୍ରାଞ୍ଚ ଟିମ୍ ନୂଆଦିଲ୍ଲୀ ଓ ଉତ୍ତରପ୍ରଦେଶ ଅଞ୍ଚଳର ସ୍ଥାନୀୟ କୋର୍ଟରେ ଅଭିଯୁକ୍ତମାନଙ୍କୁହାଜରକରିଟ୍ରାଞ୍ଜିଟ୍‌ରିମାଣ୍ଡରେଓଡ଼ିଶା ଆଣିଥିଲା। ପରେ ସମସ୍ତଙ୍କୁ ଗୁରୁବାର ଓ ଶୁକ୍ରବାର ଦୁଇଟି ପର୍ଯ୍ୟାୟରେ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯିବା ପରେ ସେମାନେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।




# ୨୯ରେ ଅବପାତ: ନଭେମ୍ବର ଶେଷ ହେଲା, ବଢୁନି ଶୀତ

ଭୁବନେଶ୍ୱର,୨୪।୧୧(ଅନିଲ ଦାସ)

ଦକ୍ଷିଣ ଆଣ୍ଡାମାନ ଏବଂ ଏହାର ଆଖପାଖ ଅଞ୍ଚଳରେ ଆସନ୍ତା ୨୬ ତାରିଖରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହେବ। ଏହାର ପ୍ରଭାବରେ ୨୭ ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଲଘୁଚାପ ଧୀରେ ଧୀରେ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଆହୁରି ଘନୀଭୂତ ହୋଇ ୨୯ ତାରିଖ ବେଳକୁ ଅବପାତରେ ପରିଣତ ହେବ। ପରେ ଏହା ବାତ୍ୟାରେ ପରିଣତ ହୋଇ ଉତ୍ତର-ଉତ୍ତର-ପୂର୍ବ ଦିଗକୁ ଗତିକରି ପଶ୍ଚିମବଙ୍ଗ କିମ୍ବା ବାଂଲାଦେଶ ଆଡ଼କୁ ଗତିକରିବା ସମ୍ଭାବନା ରହିଛି ବୋଲି କେତେକ ପାଣିପାଗ ମଡେଲ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ବାତ୍ୟାର ବେଗ ଘଣ୍ଟା ପ୍ରତି ୧୦୦ରୁ ୧୫୦ କି.ମି. ହେବ ବୋଲି ଅନୁମାନ କରିଛି ବିଭାଗ। ଏହି ବାତ୍ୟାର ପ୍ରଭାବ ଓଡ଼ିଶା ଉପରେ ପଡ଼ିବ ନାହିଁ । ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ସମ୍ଭାବନା ରହିଛି। ଅନ୍ୟପକ୍ଷରେ ନଭେମ୍ବର ଶେଷ ହେବାକୁ ବସିଥିବା ବେଳେ ରାଜ୍ୟରେ ଶୀତର ପ୍ରଭାବ ନାହିଁ। ସର୍ବନିମ୍ନ ତାପମାତ୍ରା ୧୫ରୁ ୨୩ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହୁଛି। ଦିନର ସର୍ବୋଚ୍ଚ ତାପମାତ୍ରା ମଧ୍ୟ ୨୭ରୁ ୩୦ ଡିଗ୍ରୀ ସେଲ୍‌ସିୟସ ଉପରେ ରହୁଛି। ଆକାଶ ମେଘାଚ୍ଛନ୍ନ ରହୁଥିବାରୁ ଦିନର ତାପମାତ୍ରା ହ୍ରାସ ପାଉନାହିଁ। ଉତ୍ତର-ପୂର୍ବ ଦିଗରୁ ବାୟୁ ପ୍ରବାହ ହେଉ ନ ଥିବାରୁ ରାତ୍ରିର ତାପମାତ୍ରା ହ୍ରାସ ପାଉନାହିଁ। ଯଦିଓ ହାଲୁକା ଶୀତ ହେଉଛି ତେବେ ପାରଦ ତଳମୁହାଁ ହେଉନାହିଁ। ଆସନ୍ତା ୩/୪ ଦିନ ମଧ୍ୟ ପାଗରେ କୌଣସି ପରିବର୍ତ୍ତନର ସଙ୍କେତ ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।




# 'ମୋ ସ୍କୁଲ' ଅଭିଯାନରେ ସାମିଲହେଲେଣି ୮ ଲକ୍ଷରୁ ଊର୍ଦ୍ଧ୍ୱ ପୂର୍ବତନ ଛାତ୍ର

**ଭୁବନେଶ୍ୱର, ୨୪।୧୧(ସୁନିତ୍ ମିଶ୍ର):** 'ମୋ ସ୍କୁଲ' ଅଭିଯାନ ଅଧୀନରେ ବର୍ତ୍ତମାନ ସୁଦ୍ଧା ୮,୧୯,୯୮୮ ପୂର୍ବତନ ଛାତ୍ରୀଛାତ୍ର ସାମିଲ ହୋଇ ନିଜ ବିଦ୍ୟାଳୟର ଉନ୍ନତି କରିବାକୁ ଯୋଡ଼ି ହୋଇଛନ୍ତି। ଚଳିତ ମାସରେ ୭୦୩୮ ପୂର୍ବତନ ଛାତ୍ରୀଛାତ୍ର ସାମିଲହୋଇ ବିଦ୍ୟାଳୟର ଉନ୍ନତି ପାଇଁ ୭.୯୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଅନୁଦାନ ଦେଇଛନ୍ତି। ସେମାନଙ୍କ ଅନୁଦାନରେ 'ମୋ ସ୍କୁଲ' ଅଭିଯାନ ପକ୍ଷରୁ ୨ ଗୁଣା ଅନୁଦାନକୁ ମିଶାଇ ମୋଟ ୨୩.୮୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ୯୦୨ ପ୍ରକଳ୍ପ ପ୍ରସ୍ତାବକୁ ଶୁକ୍ରବାର ମଞ୍ଜୁର କରାଯାଇଛି। ସେମାନଙ୍କ ଅନୁଦାନରେ ସର୍ବାଧିକ ସ୍ଥାନରେ ଯାଜପୁର ଜିଲା ରହିଛି। ଯାଜପୁରରୁ ସର୍ବାଧିକ ୮୫.୧୯ ଲକ୍ଷ, ବାଲେଶ୍ୱରରୁ ୮୦ ଲକ୍ଷରୁ ଅଧିକ, କଟକରୁ ୨୭.୧୬ ଲକ୍ଷ, ଗଞ୍ଜାମରୁ ୨୪.୭୫ ଲକ୍ଷ, ବରଗଡ଼ରୁ ୨୨.୯୯ ଲକ୍ଷ, ଜଗତ୍‌ସିଂହପୁରରୁ ୨୧.୩୨ ଲକ୍ଷ ଟଙ୍କା ସମେତ ଅନ୍ୟ ସବୁ ଜିଲାରୁ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ଆର୍ଥିକ ସହାୟତା ମିଳିଛି। ସେହିପରି ବିଭିନ୍ନ ସିଏସ୍‌ଆର୍ ପାଣ୍ଠିରୁ ୧୦.୬୨ କୋଟି ଟଙ୍କାରୁ ଅଧିକ ଆର୍ଥିକ ସହାୟତା ବିଦ୍ୟାଳୟର ଉନ୍ନତି ପାଇଁ ଆସିଛି। ପୂର୍ବତନ ଛାତ୍ରୀଛାତ୍ର ଓ ସିଏସ୍‌ଆର୍ ପାଣ୍ଠି ସହଯୋଗରେ ଆସିଥିବା ଅର୍ଥ ଏବଂ 'ମୋ ସ୍କୁଲ' ଅଭିଯାନର ୨ ଗୁଣା ଅର୍ଥକୁ ମିଶାଇ ସମୁଦାୟ ୫୫.୮୧ କୋଟି ଟଙ୍କାର ପ୍ରକଳ୍ପକୁ କାର୍ଯ୍ୟନିର୍ବାହୀ ପରିଷଦ ଅନୁମୋଦନ କରିଛି। ବୈଠକରେ କାର୍ଯ୍ୟନିର୍ବାହୀ ପରିଷଦର ଅଧ୍ୟକ୍ଷ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଅଶ୍ୱଥୀ ଏସ୍ ଯୋଗଦେଇ ଆଗାମୀ ଦିନରେ ନିଆଯିବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଛନ୍ତି।




# ଅସୁସ୍ଥ ହବିଷିଆଳିଙ୍କ ଜୀବନ ଗଲା

ପୁରୀ, ୨୪।୧୧(ଅଜିତ୍ ମହାନ୍ତି)

ଶ୍ରୀମନ୍ଦିରରେ ଶୁକ୍ରବାର ଏକ ଅଘଟଣ ଘଟିଛି। ମହାପ୍ରଭୁଙ୍କ ଦର୍ଶନ କରିବାକୁ ଯାଇଥିବା ଜଣେ ହବିଷିଆଳି ଅସୁସ୍ଥ ହୋଇପଡ଼ିବା ପରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ମୃତ ହବିଷିଆଳି ହେଉଛନ୍ତି ନୟାଗଡ଼ ଜିଲାର ଫକିର ଧଳୁଆ (୭୩)।

ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା ହବିଷିଆଳି ଶିବିରରେ ଫକିର ରହୁଥିଲେ। ସେ ମୋଚିସାହିସ୍ଥିତ ପୌରସଂସ୍ଥା କଲ୍ୟାଣୀ ମଣ୍ଡପଠାରେ ରହି ହବିଷ ବ୍ରତ ପାଳନ କରୁଥିଲେ। ପ୍ରତ୍ୟେକ ଦିନ ପରି ଶୁକ୍ରବାର ସେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଯାଇଥିଲେ। ମହାପ୍ରଭୁଙ୍କ ଦର୍ଶନ କରିବା ପରେ ଶ୍ରୀମନ୍ଦିର ଭିତରେ ଥିବା ଉପବନରେ ବସିଥିଲେ। ସେଠାରେ ହଠାତ୍ ତାଙ୍କର ଦେହ ଅସୁସ୍ଥ ହୋଇପଡ଼ିଥିଲା। ଫଳରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ନେଇ ଡାକ୍ତର ସୂଚନା ଦେଇଛନ୍ତି। ମୃତଦେହକୁ ମୁଖ୍ୟ ଚିକିତ୍ସାଳୟର ଶବ ସଂରକ୍ଷିତ ଗୃହରେ ରଖାଯାଇଛି। ତାଙ୍କ ପରିବାର ଲୋକେ ଆସିଲେ ମୃତଦେହ ହସ୍ତାନ୍ତର କରାଯିବ ବୋଲି ଚିକିତ୍ସାଳୟ ପକ୍ଷରୁ କୁହାଯାଇଛି।







# ସେଲ୍ଫି ନେବାବେଳେ ପୁଣ୍ଡୁଲ ଜଳପ୍ରପାତରେ ଖସିପଡ଼ି ଛାତ୍ର ନିଖୋଜ

ବଡ଼ବିଲ,୨୪।୧୧(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଲାଣୀ ଥାନା ପୁଣ୍ଡୁଲ ଜଳପ୍ରପାତରେ ଶୁକ୍ରବାର ଏକ ଅଘଟଣ ଘଟିଛି। ପଶ୍ଚିମବଙ୍ଗରୁ ଆସିଥିବା ୨ଜଣ ପର୍ଯ୍ୟଟକ ଛାତ୍ର ସେଲ୍ଫି ନେବା ବେଳେ ନଦୀରେ ଖସିପଡ଼ିଛନ୍ତି। ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟ ଜଣେ ନିଖୋଜ ରହିଥିବା ଜଣାପଡ଼ିଛି। ନିଖୋଜ ଛାତ୍ର ଜଣକ ହେଲେ କୋଲକାତାସ୍ଥିତ ହୁଗୁଳି ଆରାମବାଗ ଅଞ୍ଚଳର ତାରାଶଙ୍କର ସରକାର।

ସୂଚନା ଅନୁଯାୟୀ, ଗତ ବୁଧବାର କୋଲକାତାସ୍ଥିତ ଆଶୁତୋଷ କଲେଜର ପରିବେଶ ବିଜ୍ଞାନ ସ୍ନାତକୋତ୍ତର ବିଭାଗରୁ ୩୮ ଜଣ ଛାତ୍ରଙ୍କ ସହ ୫ ଜଣ ଅଧ୍ୟାପକ କେନ୍ଦୁଝର ଜିଲା ବଡ଼ବିଲ ଆସି ଏକ ହୋଟେଲରେ ରହିଥିଲେ। ଗୁରୁବାର ସକାଳେ ୭ଟି ବୋଲେରୋ ଯୋଗେ ସମସ୍ତେ ବଲାଣୀ ଥାନା ଅନ୍ତର୍ଗତ କୋହ୍ଲପାଣ୍ଡୁଳିସ୍ଥିତ ପୁଣ୍ଡୁଲ ଜଳପ୍ରପାତ ଦେଖିବାକୁ ଯାଇଥିଲେ। ଜଳପ୍ରପାତ ନିକଟରେ ତାରାଶଙ୍କର ଓ ତାଙ୍କର ଜଣେ ସହପାଠୀ ହାତ ଧରାଧରି ହୋଇ ସେଲ୍ଫି ନେଉଥିବାବେଳେ ଗୋଡ଼ ଖସିଯିବାରୁ ଉଭୟେ ନଦୀଗର୍ଭକୁ ଖସିପଡ଼ିଥିଲେ। ତେବେ ସାଙ୍ଗରେ ଯାଇଥିବା ବୋଲେରୋ ଚାଳକମାନେ ଜଣଙ୍କୁ ଉଦ୍ଧାର କରିବାକୁ ସକ୍ଷମ ହୋଇଥିଲେ।






# ଲୁମିନସ ଟାଇଟଲ ସ୍ପନସର ରହିଲା

ମୁମ୍ବାଇ, ୨୪।୧୧ (ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଦଳ ରାଜସ୍ଥାନ ରୟାଲ୍ସ ଶୁକ୍ରବାର ଲୁମିନସ ପାୱାର ଟେକ୍ନୋଲୋଜି ସହିତ ରହିଥିବା ଏହାର ଟାଇଟଲ ସ୍ପନସରଶିପ୍ ମିଆଦକୁ ଆଉ ୨ ସିଜନ ପାଇଁ ବୃଦ୍ଧି କରିଛି। ଫଳତଃ ଆଗାମୀ ଆଇପିଏଲ୍ ସିଜନରେ ରାଜସ୍ଥାନ ରୟାଲ୍ସ ଜର୍ସିର ସମ୍ମୁଖ ଭାଗ ସହିତ କିଟ୍‌ଗୁଡ଼ିକରେ ଟାଇଟଲ ସ୍ପନସର ଲୁମିନସର ଲୋଗୋ ସ୍ଥାନ ପାଇବ।








ଭୁବନେଶ୍ୱର ଚନ୍ଦ୍ରଶେଖରପୁର ରେଲ୍‌ୱେ ଅଡିଟୋରିୟମ୍‌ରେ ଶୁକ୍ରବାର ଆୟୋଜିତ 'ଧରିତ୍ରୀ ୟୁଥ୍ କନ୍‌କ୍ଲେଭ୍-୨୦୨୩' କାର୍ଯ୍ୟକ୍ରମରେ ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀଙ୍କ ସହ ଦିଲୀପ ତିର୍କୀ ଓ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ।

# ଜାତୀୟ ପଦକ ବିଜେତା ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୨୪।୧୧
(ସରୋଜ ଜେନା)

ଗୋଆରେ ଅନୁଷ୍ଠିତ ୩୭ ତମ ଜାତୀୟ କ୍ରୀଡାରେ ପଦକ ବିଜେତା ଖେଳାଳି ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଓଡ଼ିଶା କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ କ୍ରୀଡା ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ଦାସ ଯୋଗ ଦେଇଥିଲେ।ଓଡ଼ିଶା ଖେଳାଳି ମାନେ ଶ୍ରେଷ୍ଠ ପ୍ରଦର୍ଶନ କରିବା ସହିତ ୧୧ ସ୍ୱର୍ଣ୍ଣ, ୧୮ ରୌପ୍ୟ ଓ ୩୧ ବ୍ରୋଞ୍ଜ ସହ ମୋଟ ୬୦ ପଦକ ଜିତିଥିଲେ। ପୂର୍ବରୁ ସରକାର ସ୍ୱର୍ଣ୍ଣ ପଦକ ପାଇଁ ୫ ଲକ୍ଷ, ରୌପ୍ୟ ପଦକ ପାଇଁ ୩ ଲକ୍ଷ ଓ ବ୍ରୋଞ୍ଜ ପଦକ ପାଇଁ ୨ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ।




# ଓମେନ୍ସ ପ୍ରିମିୟର ଲିଗ୍ ନିଲାମ ଡିସେମ୍ବର ୯ରେ

ନୂଆଦିଲ୍ଲୀ, ୨୪।୧୧ (ପି.ଟି.)

ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ୨୦୨୪ ସଂସ୍କରଣ ପୂର୍ବରୁ ଖେଳାଳି ନିଲାମ ଡିସେମ୍ବର ୯ରେ ମୁମ୍ବାଇଠାରେ ହେବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ଶୁକ୍ରବାର ଘୋଷଣା କରାଯାଇଛି। ଡବ୍ଲ୍ୟୁପିଏଲର ଦ୍ୱିତୀୟ ସଂସ୍କରଣ ଆସନ୍ତାବର୍ଷ ଫେବୃୟାରୀ-ମାର୍ଚ୍ଚରେ ହେବ। ମୁମ୍ବାଇ ଇଣ୍ଡିଆନ୍ସ ହେଉଛି ଗତଥରର ଚାମ୍ପିୟନ ଦଳ। ଚଳିତବର୍ଷ ପ୍ରାରମ୍ଭରେ ମାର୍ଚ୍ଚ ୨୬ରେ ବ୍ରାବୋର୍ନ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲରେ ଏହି ଦଳ ଦିଲ୍ଲୀ କ୍ୟାପିଟାଲ୍ସକୁ ୭ଉଇକେଟରେ ହରାଇ ଦେଇଥିଲା। ୨୦୨୩ରେ ହରମନପ୍ରୀତ କୌର ମୁମ୍ବାଇ ଦଳର ନେତୃତ୍ୱ ନେଇଥିବା ବେଳେ ନିକଟରେ ଅବସର ନେଇଥିବା ମେଗ୍ ଲାନିଂ ଦିଲ୍ଲୀର ଅଧିନାୟକତ୍ୱ କରିଥିଲେ।

# ସମ୍ବିତ ବେଜାଙ୍କୁ ୫ ଉଇକେଟ

ଭୁବନେଶ୍ୱର, ୨୪।୧୧
(ସରୋଜ ଜେନା)

୧୯ ବର୍ଷରୁ କମ୍ କୁଚବିହାର ଟ୍ରଫିରେ ୫ ଉଇକେଟ ସଫଳତା ହାସଲ କରିଛନ୍ତି ଓଡ଼ିଶାର ସମ୍ବିତ ବେଜା। ଭଦୋଦରାର ମୋତିବାଗ କ୍ରିକେଟ ଗ୍ରାଉଣ୍ଡରେ ଖେଳା ଯାଇଥିବା ମ୍ୟାଚରେ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ବରୋଦା ୯ ଉଇକେଟ ହରାଇ ୩୦୬ ରନ୍ ସ୍କୋର କରିଛି। ଓଡ଼ିଶା ପକ୍ଷରୁ ସମ୍ବିତ ୨୪ ଓଭର ବୋଲିଂ କରି ୮୨ ରନ୍‌ରେ ୫ ଉଇକେଟ ନେଇଥିଲେ।

# ଆନ୍ତଃ ସ୍କୁଲ ଫୁଟବଲ ୨୮ରୁ

ଭୁବନେଶ୍ୱର, ୨୪।୧୧
(ତପନ ସ୍ୱାଇଁ)

ଭୁବନେଶ୍ୱର ଭେଟେରାନ ଫୁଟବଲ ପ୍ଲେୟର୍ସ ଆସୋସିଏଶନ ଆନୁକୂଲ୍ୟରେ ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଚଳିତମାସ ୨୮ ତାରିଖରୁ ୟୁନିଟ-୬ ଖେଳ ପଡ଼ିଆରେ ଆରମ୍ଭ ହେବାକୁ ଯାଉଛି। ପ୍ରତିଯୋଗିତାରେ ମୋଟ ୯ଟି ଦଳ ଅଂଶଗ୍ରହଣ କରିବେ। ଏହି ଦଳ ଗୁଡ଼ିକ ହେଲେ ୟୁନିଟ-୬ ବାଳକ ହାଇସ୍କୁଲ, ୟୁନିଟ-୧ ବାଳକ ହାଇସ୍କୁଲ, ୟୁନିଟ-୩ କ୍ୟାପିଟାଲ ହାଇସ୍କୁଲ, ଘାଟିକିଆ ହାଇସ୍କୁଲ, ବିକାଶ ରେସିଡେନ୍ସିଆଲ ସ୍କୁଲ (କଣ୍ଟାବାଡ଼), ଓଡିଏମ୍ ପବ୍ଲିକ ସ୍କୁଲ, କିସ୍ ହାଇସ୍କୁଲ, ସଇଦ ସେମିନାରୀ (କଟକ) ଓ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ। ଟୁର୍ନାମେଣ୍ଟ ଶେଷରେ ଶ୍ରେଷ୍ଠ ୩ ଖେଳାଳିଙ୍କୁ ଚୟନ କରାଯାଇ ଓଡ଼ିଶା ବାହାର ଏକାଡେମୀକୁ ପ୍ରଶିକ୍ଷଣ ପାଇଁ ପ୍ରେରଣ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଶୁକ୍ରବାର ଆୟୋଜକଙ୍କ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରାଯାଇଛି। ଉକ୍ତ ସମ୍ମିଳନୀରେ ଆସୋସିଏଶନ ସଭାପତି ନବରଞ୍ଜନ ପଟ୍ଟନାୟକ, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ର, ୟୁନିଲାଇଟର ପର୍ଯ୍ୟବେକ୍ଷକ ଦେବବ୍ରତ ମହାନ୍ତି ଏବଂ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।




# ସାତ୍ୱିକ-ଚିରାଗ ସେମିରେ

ଶେନଝେନ୍, ୨୪।୧୧ (ପି.ଟି.): ଏସିଆନ ଗେମ୍ସ ଚାମ୍ପିୟନ ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ଏଠାରେ ଚାଲିଥିବା ଚାଇନା ମାଷ୍ଟର୍ସ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ପୁରୁଷ ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଟପ୍ ସିଡ୍ ଭାରତୀୟ ଯୋଡ଼ି ଆକ୍ରମଣାତ୍ମକ ଖେଳି ବିଶ୍ୱର ୧୩ ନମ୍ବର ଇଣ୍ଡୋନେସିଆନ କମ୍ବିନେଶନ ଲିଓ ରୋଲି କାର୍ନାଣ୍ଡୋ ଓ ଡାନିଲ ମାର୍ଥିନଙ୍କୁ ୨୧-୧୬, ୨୧-୧୪ରେ ହରାଇ ଦେଇଥିଲେ। ଚଳିତବର୍ଷ ଇଣ୍ଡୋନେସିଆ ସୁପର ୧୦୦୦, କୋରିଆ ସୁପର ୫୦୦ ଓ ସୁଇସ୍ ସୁପର ୩୦୦ ଜିତିଥିବା ସାତ୍ୱିକ ଓ ଚିରାଗ ଚାଇନିଜ ଯୋଡ଼ି ହି ଜି ଟିଙ୍ଗ୍ ଓ ରେନ୍ ଜିଆଙ୍ଗ ୟୁ ଏବଂ ୮ମ ସିଡ୍ ଲିଉ ୟୁ ଚେନ୍ ଓ ଓଉ ଜୁଆନ ୟିଙ୍କ ମଧ୍ୟରେ ଖେଳାଯିବାକୁଥିବା ମ୍ୟାଚର ବିଜେତାଙ୍କୁ ଭେଟିବେ। ଅନ୍ୟପକ୍ଷରେ ଭାରତର ଏଚ୍. ଏସ୍ ପ୍ରଣୟ ତାଙ୍କ ମ୍ୟାଚ ହାରିଯାଇଛନ୍ତି। ତାଙ୍କୁ ଜାପାନର ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ବିଜେତା କୋଡାଇ ନାରାଓକା ୨୧-୯, ୨୧-୧୪ରେ ହରାଇ ଦେଇଛନ୍ତି।




# ପାରୋଲରେ ଆସିବେ ପିଷ୍ଟୋରିୟସ୍

କେପ୍ ଟାଉନ୍, ୨୪।୧୧ (ପି.ଟି.)

ବ୍ଲେଡ୍ ରନର ଭାବରେ ପ୍ରସିଦ୍ଧ ଓସ୍କାର ପିଷ୍ଟୋରିୟସ ପାରୋଲରେ ବାହାରିବାର ସମ୍ଭାବନା ରହିଛି। ବାନ୍ଧବୀଙ୍କୁ ହତ୍ୟା କରିବା ମାମଲାରେ ସେ ବିଗତ ୧୦ ବର୍ଷ ହେବ ଜେଲ୍‌ରେ ଅଛନ୍ତି। ଚଳିତ ସପ୍ତାହରେ ନିଜର ୩୭ ତମ ଜନ୍ମ ଦିବସ ପାଳନ କରିଥିବା ପିଷ୍ଟୋରିୟସ ମାର୍ଚ୍ଚ ମାସରେ ମଧ୍ୟ ପାରୋଲ ପାଇଁ ଆବେଦନ କରିଥିଲେ। ତେବେ କୋର୍ଟ ଏହାକୁ ଖାରଜ କରି ଦେଇଥିଲେ। ୨୦୧୪ ରେ ନିଜ ବାନ୍ଧବୀଙ୍କୁ ହତ୍ୟା କରିବା ଅଭିଯୋଗରେ ସେ ୧୦ ବର୍ଷ ହେବ ଜେଲ୍‌ରେ ରହିଛନ୍ତି। ୧୩ ବର୍ଷର କାରାଦଣ୍ଡାଦେଶ ହୋଇଥିବା ବେଳେ ସମୟ ପୂର୍ବରୁ ମୁକ୍ତ କରିବାକୁ କୋର୍ଟ ଅନିଚ୍ଛା ପ୍ରକାଶ କରିଛନ୍ତି। ଫଳରେ ପିଷ୍ଟୋରିୟସ ପାରୋଲରେ ବାହାରକୁ ଆସିବାର ସମ୍ଭାବନା ରହିଛି। ଦଣ୍ଡାଦେଶର ଅଧା ସମୟ ଯଦି ଜଣେ ବ୍ୟକ୍ତି ଜେଲରେ ବିତାଉଛି ତେବେ ସେ ପାରୋଲ ପାଇଁ ଯୋଗ୍ୟ ଅଟନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୧୪ରେ ପିଷ୍ଟୋରିୟସଙ୍କ ଲାଇସେନ୍ସ ପ୍ରାପ୍ତ ବନ୍ଧୁକରୁ ବାନ୍ଧବୀ ରିଭା ଷ୍ଟିନ୍‌କ୍ୟାମ୍ପଙ୍କୁ ଗୁଳି କରିଥିଲେ। କବାଟ ବାହାରେ କେହି ଅଜଣା ଆତତାୟୀ ଥିବା ସନ୍ଦେହ କରି ସେ ଗୁଳି ଚଳାଇଥିଲେ ବୋଲି ପିଷ୍ଟୋରିୟସ କହିଥିଲେ।









# କ୍ୱାର୍ଟର ଫାଇନାଲରେ ଓଡ଼ିଶା

**ଜାତୀୟ ସିନିୟର ହକି ଚାମ୍ପିୟନଶିପ୍**

ଭୁବନେଶ୍ୱର, ୨୪।୧୧

(ତପନ ସ୍ୱାଇଁ)

ଚେନ୍ନାଇଠାରେ ଚାଲିଥିବା ୧୩ଶ ଜାତୀୟ ସିନିୟର ପୁରୁଷ ହକି ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ଓଡ଼ିଶା ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ଗ୍ରୁପ୍ ପର୍ଯ୍ୟାୟର ଅନ୍ତିମ ମ୍ୟାଚରେ ଓଡ଼ିଶା ୭–୦ ଗୋଲରେ ତେଲେଙ୍ଗାନାକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ଅଧିନାୟକ ଦିପସାନ ତିର୍କୀ ୨୪ତମ ମିନିଟରେ ପେନାଲ୍ଟି କର୍ନରରୁ ପ୍ରଥମ ଗୋଲଟି ଦେଇଥିଲେ। ଏହାପରେ ରାଜିନ କଣ୍ଡୁଲନା ୨୫, ଅମିତ ରୋହିଦାସ ୩୧, ଅଜୟ କୁମାର ଏକ୍କା ୩୬, ନିଲମ ସଞ୍ଜୀପ ଖେସ୍ ୪୩, ରୋଶନ ମିଞ୍ଜ ୫୭ ଓ ରାଜିନ କଣ୍ଡୁଲନା ୬୦ତମ ମିନିଟରେ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପକ୍ଷରୁ ୭ମ ଗୋଲଟି ସ୍କୋର କରିଥିଲେ। ଅନ୍ୟ ଗ୍ରୁପ୍ ମ୍ୟାଚ ଗୁଡ଼ିକରେ ପଞ୍ଜାବ ୧୩–୦ରେ ଉତ୍ତରାଖଣ୍ଡ, ଉତ୍ତର ପ୍ରଦଶେ ୮–୧ରେ ରାଜସ୍ଥାନ, ପୁଡୁଚେରୀ ୬–୦ରେ କେରଳ ଓ ଦିଲ୍ଲୀ ୨୩–୦ରେ ଅରୁଣାଚଳ ପ୍ରଦେଶକୁ ପରାସ୍ତ କରିଛି। ଗ୍ରୁପ ପର୍ଯ୍ୟାୟ ଶେଷରେ କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ଏହି ପର୍ଯ୍ୟାୟରେ କର୍ଣ୍ଣାଟକ–ଝାଡ଼ଖଣ୍ଡ, ତାମିଲନାଡୁ–ଉତ୍ତର ପ୍ରଦେଶ, ହରିୟାଣା–ଓଡ଼ିଶା ଓ ପଞ୍ଜାମ–ମଣିପୁର ମଧ୍ୟରେ ମୁକାବିଲା ହେବ। ଶନିବାର କ୍ୱାର୍ଟର ଫାଇନାଲ ମ୍ୟାଚ ଗୁଡ଼ିକ ଅନୁଷ୍ଠିତ ହେବ। ୨୭ରେ ସେମିଫାଇନାଲ ଓ ୨୮ରେ ଫାଇନାଲ ଖେଳାଯିବ।

## ରଚନା କୁମାରୀ ଡୋପ୍ ଟେଷ୍ଟରେ ବିଫଳ

**ନୂଆଦିଲ୍ଲୀ,୨୪।୧୧(ପି.ଟି.):** ହାଙ୍ଗଝୋ ଏସିଆନ୍ ଗେମ୍ସରେ ଅଂଶଗ୍ରହଣ କରିଥିବା ହାମର ଥ୍ରୋୟର ରଚନା କୁମାରୀ ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି। ଆଥଲେଟିକ୍ସ ଇଣ୍ଟେଗ୍ରିଟି ୟୁନିଟ୍(ଏଆଇୟୁ) ପକ୍ଷରୁ କରାଯାଇଥିବା ଏକ ଟେଷ୍ଟରେ ଅର୍ଚ୍ଚନାଙ୍କ ନମୂନା ପଜିଟିଭ୍ ଆସିଥିବା ଜଣାପଡିଛି। ଏସିଆନ୍ ଗେମ୍ସ ସମୟରେ ଅର୍ଚ୍ଚନାଙ୍କ ନମୂନା ପରୀକ୍ଷଣ ପାଇଁ ନିଆ ଯାଇଥିବା ବେଳେ ଏଥିରୁ ଷ୍ଟାନୋଜୋଲୋଲ, ମେଟାଣ୍ଡିଏନୋନ ଓ ଡିହାଇଡ୍ରୋକ୍ଲୋରୋମିଥାଇଲ ଟେଷ୍ଟୋଷ୍ଟେରୋନ୍ ପରି ୩ଟି ନିଷିଦ୍ଧ ପଦାର୍ଥ ମିଳିଥିଲା। ଏଆଇୟୁ ୱେବ୍‌ସାଇଟରେ କେବଳ ଏତିକି ଉଲ୍ଲେଖ କରାଯାଇଥିବା ବେଳେ କୌଣସି ସ୍ପଷ୍ଟ ସୂଚନା ମିଳି ନାହିଁ। ସେପ୍ଟେମ୍ବର ୨୪ ତାରିଖରେ ମୂତ୍ର ନମୂନା ନିଆ ଯାଇଥିବା ରଚନା କୁମାରୀ ସ୍ୱୀକାର କରିଛନ୍ତି। ଦୋଷୀ ସାବ୍ୟସ୍ତ ହେଲେ ଅର୍ଚ୍ଚନାଙ୍କୁ ୪ ବର୍ଷ ବାସନ୍ଦ କରାଯାଇପାରେ।

# କିଟ୍ ଟେନିସ୍ ଦଳ ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ କିଟ୍ ପୁରୁଷ ଓ ମହିଳା ଟେନିସ୍ ଦଳ।

**ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଟେନିସ୍**

ଭୁବନେଶ୍ୱର, ୨୪।୧୧

(ତପନ ସ୍ୱାଇଁ)

ରାୟପୁରର ପଣ୍ଡିତ ରବି ଶୁକ୍ଳା ୟୁନିଭର୍ସିଟି ଆନୁକୂଲ୍ୟରେ ଅନୁଷ୍ଠିତ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଟେନିସ ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ କରି କିଟ୍ ମହିଳା ଓ ପୁରୁଷ ଦଳ ଚାମ୍ପିୟନ ହୋଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ କିଟ୍ ପୁରୁଷ ଦଳ ୨–୦ରେ କୋଲକାତାର ଯାଦବପୁର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ସେହିପରି ମହିଳା ଦଳ ୨–୦ରେ ପଣ୍ଡିତ ରବି ଶୁକ୍ଳା ବିଶ୍ୱବିଦ୍ୟାଳୟ ଦଳକୁ ହରାଇ ଦେଇଛି। ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ ପାଇଁ କିଟ୍ ମହିଳା ଓ ପୁରୁଷ ଦଳ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ଟୁର୍ନାମେଣ୍ଟ ଏବଂ ୪ର୍ଥ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ସର୍ବଭାରତୀୟ ସ୍ତରର ପୁରୁଷ ବିଭାଗ ପ୍ରତିଯୋଗିତା ଜୟପୁରର ମନିପାଲ ବିଶ୍ୱବିଦ୍ୟାଳୟରେ ୨୦୨୪ ଜାନୁୟାରୀ ୩ରୁ ୬ ଏବଂ ମହିଳା ବିଭାଗ ପ୍ରତିଯୋଗିତା ଆସନ୍ତା ଡିସେମ୍ବର ୧ରୁ ୪ ପର୍ଯ୍ୟନ୍ତ ମୁର୍ଥାଲର ଦୀନବନ୍ଧୁ ଛୋଟୁ ରାମ ୟୁନିଭର୍ସିଟି ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ପରିସରରେ ଅନୁଷ୍ଠିତ ହେବ। କିଟ୍ ପୁରୁଷ ଦଳରେ କବିର ହଂସ, ଅଥର୍ବ ଶର୍ମା, ଅଂଶୁମାନ ସିଂ, ପ୍ରତ୍ୟୁଷ ମହାନ୍ତି ଓ ଆଶିଷ କୁମାର ପରିଡ଼ା ଏବଂ ମହିଳା ଦଳରେ ରତ୍ନପର୍ଣ୍ଣା ଚୌଧୁରୀ, ଅଭିଲାଷ ବିସ୍ତା, ରିୟା ମର୍ଦ୍ଦରାଜ ଓ ଆକୃତି ସାମିଲ ରହିଛନ୍ତି। ମହମ୍ମଦ ଅନମୁଲ ହକ୍ କୋଚ୍ ଦାୟିତ୍ୱ ତୁଲାଇଥିଲେ। ଚାମ୍ପିୟନ ମହିଳା ଓ ପୁରୁଷ ଦଳକୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

## ପାକିସ୍ତାନରେ ଖେଳିବାକୁ ମନାକଲେ ନାଗାଲ, ମୁକୁନ୍ଦ

**ନୂଆଦିଲ୍ଲୀ, ୨୪।୧୧ (ପି.ଟି.):** ଭାରତର ଦୁଇ ଟପ୍ ସିଙ୍ଗଲ୍ସ ଖେଳାଳି ସୁମିତ ନାଗାଲ ଓ ଶଶି କୁମାର ମୁକୁନ୍ଦ ପରବର୍ତ୍ତୀ ଡେଭିସ କପ୍ ମ୍ୟାଚ ଖେଳିବା ଲାଗି ପାକିସ୍ତାନ ଗସ୍ତ କରିବା ଲାଗି ରାଜି ନ ଥିବା ସେମାନେ ନ୍ୟାଶନାଲ ଟେନିସ ଫେଡେରେଶନ (ଆଇଟା)କୁ ଅବଗତ କରାଇଛନ୍ତି। ପରବର୍ତ୍ତୀ କାର୍ଯ୍ୟନିର୍ବାହୀ କମିଟି ବୈଠକରେ ଏହି ଖେଳାଳି ଦ୍ୱୟଙ୍କ ନିଷ୍ପତ୍ତି ଉପରେ ଆଲୋଚନା କରିବା ଲାଗି ଆଇଟା ସ୍ଥିର କରିଛି। ନାଗାଲ ହେଉଛନ୍ତି ଭାରତର ଶ୍ରେଷ୍ଠ ସିଗଲ୍ସ ର୍‍ୟାଙ୍କିଙ୍ଗ ଖେଳାଳି। ଏଟିପି ର୍‍ୟାଙ୍କିଙ୍ଗ ତାଲିକାରେ ସେ ୧୪୧ତମ ସ୍ଥାନରେ ଅଛନ୍ତି। ଦେଶର ଦ୍ୱିତୀୟ ଶ୍ରେଷ୍ଠ ଖେଳାଳି ମୁକୁନ୍ଦ ତାଲିକାର ୪୭୭ତମ ସ୍ଥାନରେ ରହିଛି। ଫେବୃୟାରୀରେ ଖେଳାଯିବାକୁ ଥିବା ୱାର୍ଲ୍ଡ ଗ୍ରୁପ୍–୧ ପ୍ଲେ–ଅଫ୍ ମ୍ୟାଚରେ ଏହି ଦୁଇ ଖେଳାଳି କାହିଁକି ଉପଲବ୍ଧ ହେବେ ନାହିଁ ତାହାର ନିର୍ଦ୍ଦିଷ୍ଟ କାରଣ ଦର୍ଶାଇ ନାହାନ୍ତି। ଖବର ଅନୁସାରେ ନାଗାଲ ଗ୍ରାସ୍‌କୋର୍ଟରେ ଖେଳିବା ଲାଗି ଚାହୁ ନାହାନ୍ତି। କାରଣ ତାଙ୍କ ଗେମ୍ ଷ୍ଟାଇଲକୁ ଏହା ସୁହାଇବ ନାହିଁ। ମୁକୁନ୍ଦ ବ୍ୟକ୍ତିଗତ କାରଣରୁ ମ୍ୟାଚରୁ ଓହରିଯିବା ଲାଗି ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନର ଦୃଶ୍ୟପଟ୍ଟ ଅନୁସାରେ ଭାରତୀୟ ଚ୍ୟାଲେଞ୍ଜର ନେତୃତ୍ୱ ନେବେ ରାମକୁମାର ରମାନାଥନ। ତାଙ୍କ ସର୍ଭିସ ଓ ଭଲି ଷ୍ଟାଇଲ ଏହି ମୁକାବିଲାକୁ ସୁହାଇବ। ଏହି ମ୍ୟାଚର ବିଜେତା ୨୦୨୪ ବର୍ଷର ୱାର୍ଲ୍ଡ ଗ୍ରୁପ୍–୧ରେ ସ୍ଥାନ ପାଇବ। ସର୍ବଭାରତୀୟ ଟେନିସ ଆସୋସିଏଶନ ସେକ୍ରେଟାରି ଜେନେରାଲ ଅନିଲ ଧୂପର କହିଛନ୍ତି ଦେଶ ତରଫରୁ ପ୍ରତିନିଧିତ୍ୱ କରୁଥିବା ଖେଳାଳିଙ୍କ ଏଭଳି ନିଷ୍ପତ୍ତି ଗ୍ରହଣୀୟ ନୁହେଁ। ଏ ବିଷୟ ସେ କାର୍ଯ୍ୟନିର୍ବାହୀ କମିଟି ବୈଠକରେ ପକାଇବେ। ଦେଶ ତରଫରୁ ଯେଉଁ ଖେଳାଳି ଖେଳିବାକୁ ନ ଚାହିଁବେ ତାଙ୍କୁ ଆଉ ଡକାଯିବା ଉଚିତ ନୁହେଁ। ଜଣେ ଖେଳାଳି ଯଦି ଅସୁସ୍ଥ ଅବା ଇଞ୍ଜୁରି ରହୁଛି ତାହା ଭିନ୍ନ କଥା।

# ଓଡ଼ିଶା ଜୁନିୟର କ୍ରିକେଟ ଦଳ ଘୋଷିତ

**ବିଜୟ ମର୍ଚ୍ଚାଣ୍ଟ ଟ୍ରଫି**

ଭୁବନେଶ୍ୱର, ୨୪।୧୧

(ତପନ ସ୍ୱାଇଁ)



ପ୍ରଭଞ୍ଜନ ମଲିକ

ଆସାମରେ ହେବାକୁ ଯାଉଥିବା ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ଜୁନିୟର କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ୨ଟି ମ୍ୟାଚ ପାଇଁ ଶୁକ୍ରବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଓଡ଼ିଶା ଜୁନିୟର ଚୟନ କମିଟି ଅଧ୍ୟକ୍ଷ ପ୍ରଭଞ୍ଜନ ମଲିକ ଖେଳାଳି ତାଲିକା ପ୍ରକାଶ କରିଛନ୍ତି। ଡିସେମ୍ବର ୧ରୁ ଆରମ୍ଭ ହେବାକୁ ଯାଉଥିବା ପ୍ରଥମ ମ୍ୟାଚରେ ଓଡ଼ିଶା ଓ ବିଦର୍ଭ ମଧ୍ୟରେ ମୁକାବିଲା ହେବ। ଗୁଆହାଟୀର ଅମିନଗାଓଁ କ୍ରିକେଟ ଗ୍ରାଉଣ୍ଡରେ ଏହି ମ୍ୟାଚ ଖେଳାଯିବ। ସେହିପରି ମଙ୍ଗଲଦାଇ ସ୍ପୋର୍ଟ୍ସ ଆସୋସିଏଶନ ଷ୍ଟାଡିୟମରେ ଆୟୋଜନ ହେବାକୁଥିବା ମ୍ୟାଚରେ ତ୍ରିପୁରା ସହ ଓଡ଼ିଶା ମୁକାବିଲା କରିବ। **ଓଡ଼ିଶା ଦଳ:** ଶୁଭାଶିଷ ମଲିକ (ଅଧିନାୟକ), ମୟଙ୍କ ପଟ୍ଟନାୟକ, ଅଶିମ ବରାଡ, ସ୍ୱାଗତ ସୌରଭ ମିଶ୍ର, ବିଷ୍ଣୁ କମଲ ବେହୁରିଆ (ଉଇକେଟ କିପର), ସ୍ୱର୍ଣ୍ଣଭ ଦାସ (ଉଇକେଟ କିପର), ଯୋଗେଶ୍ୱର ବାଗ୍, କମଲେଶ ପାତ୍ର, ଅଭିନିତ କୁମାର ପଟ୍ଟନାୟକ, ତୀର୍ଥଙ୍କର ସାହୁ, ଓମ୍ ମହାପାତ୍ର, ରେହନ ଖାଁ, ଶୁଭ୍ରକାନ୍ତ ପରିଡ଼ା, ରୁଦ୍ର ପ୍ରସାଦ ମଲିକ, ବିଶାଳ ପ୍ରସାଦ।

## ଅଲିମ୍ପିକ୍ସରେ ସୁରକ୍ଷା ଦେବେ ୧୫ ହଜାର ଯବାନ

**ପ୍ୟାରିସ୍,୨୪।୧୧(ପି.ଟି.)**

ଫ୍ରାନ୍ସରେ ଅନୁଷ୍ଠିତ ହେବ ଅଲିମ୍ପିକ୍ସ ୨୦୨୪। ଏଥିରେ ସୁରକ୍ଷା ଦେବେ ଫ୍ରାନ୍ସ ମିଲିଟାରୀର ୧୫ ହଜାର ଯବାନ। ଏହା ମଧ୍ୟରୁ ୧୦ ହଜାର ଯବାନ କେବଳ ପ୍ୟାରିସ୍ ସହରରେ ମୁତୟନ ହେବେ ବୋଲି ମିଲିଟାରୀ ଗଭର୍ନର କ୍ରିଷ୍ଟୋଫ୍ ଆବାଡ୍। ଏହି କ୍ରୀଡା ମହାକୁମ୍ଭ ସମୟରେ ପ୍ରାୟ ୧୫ ହଜାର କି.ମି. ଅଞ୍ଚଳକୁ ଫ୍ରାନ୍ସ ସେନା ନିଜ ନିୟନ୍ତ୍ରଣରେ ରଖିବ। ତାହିଟି ଅଞ୍ଚଳରେ ନୌସେନା ସୁରକ୍ଷା ଦାୟିତ୍ୱ ସମ୍ଭାଳିବାକୁ ଥିବା ବେଳେ ପ୍ୟାରିସ୍‌ରେ ଏକ ଅସ୍ଥାୟୀ ମିଲିଟାରୀ କ୍ୟାମ୍ପରେ୫ ହଜାର ଯବାନ ରହିବେ। ଜୁଲାଇ ୨୬ରୁ ଆରମ୍ଭ ହୋଇ ଅଲିମ୍ପିକ୍ସ ଅଗଷ୍ଟ ୧୧ ପର୍ଯ୍ୟନ୍ତ ଜାରି ରହିବ। ଏହା ପରେ ପାରାଲିମ୍ପିକ୍ସ ମଧ୍ୟ ଆୟୋଜିତ ହେବ। ଏହି ଦୁଇଟି ଯାକ ଇଭେଣ୍ଟ ପାଇଁ ସୁରକ୍ଷା ବ୍ୟବସ୍ଥା ସେନାକୁ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ବର୍ତ୍ତମାନ ସୁଦ୍ଧା ୭୦୦୦ ଟ୍ରୁପ୍‌ଙ୍କୁ ଆତଙ୍କବାଦ ନିରୋଧୀ ମିଶନରେ ନିଯୁକ୍ତ କରାଯାଇଛି।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ